


ପଶ୍ଚିମବଙ୍ଗ ମହିଳାଙ୍କୁ ମିଳିବ ମାସିକ ୩୦୦୦ | ପୃଷ୍ଠା ୫


# ସଂଚାର
## THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 20 ଭାଗ ୩୪ | ସଂଖ୍ୟା ୨୦ | Saturday 11 April 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୧୧ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଯମୁନାରେ ଡଙ୍ଗା ବୁଡ଼ି ୧୦ ମୃତ, ୮ ନିଖୋଜ



● ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି ୧୫ ଭକ୍ତ

● ସମବେଦନା ଜଣାଇଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଯୋଗୀ

ଲକ୍ଷ୍ନୌ,୧୦।୪ଃ ମଥୁରା ଜିଲ୍ଲାର ବୃନ୍ଦାବନରେ ଶୁକ୍ରବାର ଅପରାହ୍ନରେ ଘଟିଛି ଏକ ବଡ଼ ଦୁର୍ଘଟଣା। କେଶୀ ଘାଟରେ ଭକ୍ତମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଅଚାନକ ବୁଡ଼ିଯିବା ଫଳରେ ୧୦ ଜଣ ଭକ୍ତ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ନିଖୋଜ ଅଛନ୍ତି। ସେହିପରି ୧୫ ଜଣ ଭକ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଘଟଣା ଘଟିବା ପରେ ପୁଲିସ, ଡାଇଭିଂ ଟିମ୍ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହା ଜାରି ରହିଛି। କିନ୍ତୁ ନିଖୋଜ ଥିବା ୮ ଜଣ ଭକ୍ତଙ୍କର କୌଣସି ପତ୍ତା ମିଳିପାରିନାହିଁ। ସମସ୍ତ ଭକ୍ତ ପଞ୍ଜାବର ଲୁଧିଆନାରୁ ବାଙ୍କେ ବିହାରୀ ଦର୍ଶନ ପାଇଁ ଆସିଥିବା ବେଳେ ଏପରି ଅଘଟଣର ସମ୍ମୁଖୀନ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଉକ୍ତ ଡଙ୍ଗାକୁ ଭଡ଼ାରେ ନେଇ ଭକ୍ତମାନେ ଯମୁନା ନଦୀରେ ➪ପୃଷ୍ଠା-୬

### ପାନୀୟ ଜଳ ପରିଚାଳନାରେ ଯୁଗାନ୍ତକାରୀ ନିଷ୍ପତ୍ତି

# ପ୍ରତି ପରିବାରକୁ ସୁରକ୍ଷିତ ପାନୀୟ ଜଳ

- ଜଳ ଯୋଗାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ନୀତିକୁ ମଞ୍ଜୁରୀ
- ଲୋକଙ୍କ ସାମୂହିକ ମାଲିକାନାରେ ସୁନିଶ୍ଚିତ ହେବ ଜଳ ଯୋଗାଣ
- ରାଜ୍ୟ ରାଜକୋଷ ଉପରେ ପଡିବନି ଆର୍ଥିକ ବୋଝ
- ଅଟଳ ବସଷ୍ଟାଣ୍ଡ ଯୋଜନାରେ ସବୁ ବସଷ୍ଟାଣ୍ଡର ହେବ ଉନ୍ନତିକରଣ
- ଜଳସେଚନର ବିକାଶ ପାଇଁ ୫ ଟେଣ୍ଡରକୁ ମିଳିଲା ଅନୁମୋଦନ
- କ୍ୟାବିନେଟରେ ୫ ବିଭାଗର ୧୧ ପ୍ରସ୍ତାବକୁ ଦିଆଗଲା ମଂଜୁରୀ



ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃରାଜ୍ୟରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଆଜି ରାଜ୍ୟ କ୍ୟାବିନେଟ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ଆଜି ଗ୍ରାମୀଣ ପାନୀୟ ଜଳ ଯୋଗାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ନୀତି-୨୦୨୬କୁ ଅନୁମୋଦନ କରିଛନ୍ତି। ଏହା ରାଜ୍ୟର ଗ୍ରାମାଞ୍ଚଳରେ ନିରନ୍ତର ଓ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଣ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ରାଜ୍ୟ କ୍ୟାବିନେଟରେ ୫ଟି ବିଭାଗର ମୋଟ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ନୂଆ ନୀତିରେ ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ଜଳ ଯୋଗାଣ, ପାନୀୟ ଜଳର ମାନ ନିର୍ଦ୍ଧାରଣ, ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ସ୍ୱଚ୍ଛ ଆର୍ଥିକ ପରିଚାଳନା ପାଇଁ ବିସ୍ତୃତ ରୂପରେଖ ପ୍ରଦାନ କରାଯାଇଛି। ଏହି ନୀତିରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା (ଆରଡବ୍ଲ୍ୟୁଏସଏସ), ଜିଲ୍ଲା କର୍ତ୍ତୃପକ୍ଷ, ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ୍ୟ ଜଳ ଓ ପରିମଳ କମିଟିଗୁଡିକର ଦାୟିତ୍ୱକୁ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ବିକେନ୍ଦ୍ରୀକୃତ ଶାସନ ଓ ଜନସାଧାରଣଙ୍କର ସାମୁଦାୟିକ ମାଲିକାନା ସୁଦୃଢ଼ ହେବ।

ନୂଆ ନୀତିରେ ବ୍ୟବହାରକାରୀ ଶୁଳ୍କ ବ୍ୟବସ୍ଥା, ଗ୍ରାମ ସ୍ତରରେ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା, ନିୟମିତ ଭାବେ ଜଳର ଗୁଣାତ୍ମକ ମାନ ପରୀକ୍ଷା, ରିଅଲ-ଟାଇମ ନିୟନ୍ତ୍ରଣ ପାଇଁ ଏକ କେନ୍ଦ୍ରୀୟ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସ୍ଥାପନାର ବ୍ୟବସ୍ଥା ରହିଛି। ସେହିପରି ଜଳଯୋଗାଣ ଜାରି ରଖିବା ପାଇଁ ପ୍ରତିଷେଧକ ରକ୍ଷଣାବେକ୍ଷଣ ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବ୍ୟବସ୍ଥାମାନ ମଧ୍ୟ ଏଥିରେ ସାମିଲ ହୋଇଛି। ଏହି ନୀତି ଦ୍ୱାରା ରାଜ୍ୟରେ 'ହର ଘର୍ ଜଲ୍' ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏହି ନୀତି ପ୍ରଣୟନ ଦ୍ୱାରା ବର୍ତ୍ତମାନ ରାଜ୍ୟ ରାଜକୋଷ ଉପରେ କୌଣସି ଅଧିକ ଆର୍ଥିକ ବୋଝ ସୃଷ୍ଟି ହେବ ନାହିଁ।

ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ➪ପୃଷ୍ଠା-୬

## ଝାରସୁଗୁଡ଼ା ବିମାନ ବନ୍ଦରରେ ଇନ୍ଧନ ସଙ୍କଟ

### ୬ ସପ୍ତାହ ବନ୍ଦ ରହିବ ବିମାନ ଉଡ଼ାଣ



ଝାରସୁଗୁଡ଼ା,୧୦।୪(ସଂଚାର ବ୍ୟୁରୋ)ଃଇରାନ୍ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ସବୁଠି ତୈଳ ଓ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଗୋଟିଏ ପଟେ ଗ୍ୟାସ୍ ସଙ୍କଟ ଯୋଗୁଁ ଜନସାଧାରଣ ଦହଗଞ୍ଜ ହେଉଥିବା ବେଳେ ବିମାନ ଉଡ଼ାଣ ପାଇଁ ଆବଶ୍ୟକ ହେଉଥିବା ଇନ୍ଧନ ସଙ୍କଟ ପରିପ୍ରେକ୍ଷୀରେ ଝାରସୁଗୁଡ଼ା ବିମାନବନ୍ଦରରେ ବିମାନସେବା ବ୍ୟାହତ ହେବା ନିଶ୍ଚିତ ହୋଇଛି। ବିମାନବନ୍ଦରରେ ଆସନ୍ତା ୧୫ ତାରିଖରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ କୌଣସି ବିମାନ ଚଳାଚଳ କରିବ ନାହିଁ ବୋଲି କୁହାଯାଇଛି। ଇନ୍ଧନ ସଙ୍କଟ ଯୋଗୁଁ ଷ୍ଟାର ଏୟାର ବିମାନସେବା ସଙ୍କୁଚିତ ହେବାର ଆଶଙ୍କା ରହିଛି। ଝାରସୁଗୁଡ଼ା ଦେଇ ଭୁବନେଶ୍ୱର ଓ ହାଇଦ୍ରାବାଦ ସିଧାସଳଖ ବିମାନସେବା ଏବଂ ବେଙ୍ଗାଲୁରୁକୁ କନେକ୍ଟିଂ ଫ୍ଲାଇଟ ଯୋଗାଇ ଆସିଥିବା ଷ୍ଟାର୍ ଏୟାର ଆସନ୍ତା ୧୫ରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ବିମାନସେବା ବନ୍ଦ ରଖିବ ବୋଲି ସୂଚନା ମିଳିଛି। ଏନେଇ ଷ୍ଟାର ଏୟାର ପକ୍ଷରୁ ବିମାନ ବନ୍ଦର ନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ମଧ୍ୟ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହାକୁ ନେଇ ଷ୍ଟାର ଏୟାରର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଏ ବିଷୟରେ ଆଲୋଚନା କରି କିପରି ବିମାନସେବା ସ୍ୱାଭାବିକ ହେବ, ସେଦିଗରେ ଉଦ୍ୟମ କରାଯିବ ବୋଲି ବିମାନ ବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ରନାଥ ଧାଉଡିଆ କହିଛନ୍ତି।

### ଶକ୍ତି ସଂରକ୍ଷଣରେ ଓଡ଼ିଶାର ଗୁରୁ ଦାୟିତ୍ୱ

## ତ୍ୱରାନ୍ୱିତ ହୋଇଛି ପ୍ରସ୍ତାବିତ ପେଟ୍ରୋଲିୟମ ରିଜର୍ଭ



ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ଦେଶର ଶକ୍ତି ସଂରକ୍ଷଣରେ ଓଡ଼ିଶା ଏକ ବଡ଼ ଭୂମିକା ନେବାକୁ ଯାଉଛି। ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତକୁ ନେଇଛନ୍ତି। ପ୍ରତି ମାସରେ

● ପ୍ରଶାସନିକ ହସ୍ତକ୍ଷେପରୁ ସରିଲା ପ୍ରାରମ୍ଭିକ କାମ
● ବନ୍ଦ ହେଲା ୧୩ ବେଆଇନ ପଥର କ୍ୱେରୀ
● ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଶିଳ୍ପ ସଂଘର ପ୍ରଶଂସା

ଏହି ପ୍ରକଳ୍ପର ଅଗ୍ରଗତି ନେଇ ଦୁଇ ଥର ସମୀକ୍ଷା କରିବା ସହ ଇତିମଧ୍ୟରେ ଜମି ହସ୍ତାନ୍ତର ସହ ବେଆଇନ ଭାବେ ଚାଲୁଥିବା ୧୩ଟି ପଥର କ୍ୱେରୀକୁ ବନ୍ଦ କରିଛନ୍ତି। ଏହି ପେଟ୍ରୋଲିୟମ ରିଜର୍ଭ କାମ ତ୍ୱରାନ୍ୱିତ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି ରାଜ୍ୟର ସବୁ ଶିଳ୍ପ ସଂଘ। ଏନେଇ ସିଆଇଆଇ, ଫିକ୍କି, ୟୁସିସିଆଇ ଭଳି ଶିଳ୍ପ ସଂଘ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଚିଠି ଲେଖିଛନ୍ତି।

ଦେଶର ଦୀର୍ଘକାଳୀନ ଶକ୍ତି ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଚଣ୍ଡିଖୋଲଠାରେ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭସ୍ ଲିମିଟେଡ୍ (ଆଇଏସପିଆରଏଲ) ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟ ଅତିକ୍ରମ କରିଛି। ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ➪ପୃଷ୍ଠା-୬

### ପଞ୍ଚାୟତ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି

## ଏପ୍ରିଲ ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ



**୨୦୨୬ ଭୋଟର ଲିଷ୍ଟ ଆଧାରରେ ହେବ ଭୋଟ**

**ଜିଲ୍ଲାପାଳଙ୍କୁ ତାଲିକା ପ୍ରସ୍ତୁତି ଦାୟିତ୍ୱ**

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃଗାଁଗାଁରେ ଏବେ ପଞ୍ଚାୟତ ନିର୍ବାଚନୀ ମାହୋଲ। ଲଢ଼େଇ ପାଇଁ ସବୁ ରାଜନୈତି ଦଳ ନିଜ ନିଜର ରଣନୀତି ପ୍ରସ୍ତୁତ କଲେଣି। ଏହାରି ଭିତରେ ଆସନ ସଂରକ୍ଷଣକୁ ନେଇ ବଡ଼ ବୟାନ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିସନ। ଏଥର ସଂରକ୍ଷଣକୁ ଅଦଳବଦଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏପ୍ରିଲ ୩୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ପଞ୍ଚାୟତିରାଜ ବିଭାଗ।

ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ପରୀକ୍ଷା ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଆସନ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୧୭ ମଧ୍ୟରେ ଅଭିଯୋଗ ଦାଖଲ ହେବ। ଏପ୍ରିଲ ୨୪ ତାରିଖ ସୁଦ୍ଧା ହେବ ଅଭିଯୋଗ ଶୁଣାଣି। ଏପ୍ରିଲ ୨୯ରେ ଚୂଡ଼ାନ୍ତ ସଂରକ୍ଷଣ ତାଲିକାର ରିପୋର୍ଟ ନିର୍ବାଚନ କମିସନଙ୍କୁ ଦେବେ ଜିଲ୍ଲାପାଳ। ଜିଲ୍ଲା ପରିଷଦ ଆସନ ସଂରକ୍ଷଣ ଉପରେ ୧୭ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ ହେବ ଓ ଏପ୍ରିଲ ୨୭ରେ ଅଭିଯୋଗ ଉପରେ ଶୁଣାଣି କରାଯିବ। ସେହିପରି ଏପ୍ରିଲ ୩୦ରେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିସନ୍‌ଙ୍କୁ ଦିଆଯିବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ, ମୋଟ ସଂରକ୍ଷଣ ୫୦ ପ୍ରତିଶତ ଭିତରେ ରହିବ। ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଯାଏଁ ସଂରକ୍ଷଣ ରହିବ ଓ ମହିଳାଙ୍କ ପାଇଁ ସଂରକ୍ଷଣ ରହିବ ୫୦ ପ୍ରତିଶତ ଆସନ। ପଞ୍ଚାୟତ ପ୍ରସ୍ତୁତି ଭିତରେ ରାଜ୍ୟ ନିର୍ବାଚନ କମିସନ କହିଛନ୍ତି ଯେ ୨୦୨୬ ଭୋଟର ଲିଷ୍ଟ ଆଧାରରେ ହେବ ନିର୍ବାଚନ। ଏସଆଇଆର ସରିବା ପରେ ନୂଆ ଭୋଟର ତାଲିକା ପ୍ରସ୍ତୁତ ହେବ। ସବୁଠୁ ବଡ଼ କଥା ହେଲା, ଏଥର ପୂର୍ବ ଆସନ ସ୍ଥିର ରହିବନି, ବରଂ ଅଦଳବଦଳ ହେବ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲାକୁ ଜିଲ୍ଲା ବୁଲି ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଉଛନ୍ତି ରାଜ୍ୟ ନିର୍ବାଚନ କମିଶନ। ୨୦୨୭ ଆରମ୍ଭରୁ ହିଁ ପଞ୍ଚାୟତ ନିର୍ବାଚନ ପାଇଁ ବାଜିବ ବିଗୁଲ।

### ରାଜ ଉଆସ କେଳେଙ୍କାରୀ

## ମୁହଁ ଖୋଲୁନାହାଁନ୍ତି କ୍ରୀତଦାସ

- ସଫେଇ ଦେଉଛନ୍ତି ଜିଲ୍ଲା ବିଜେଡି ସଭାପତି
- ୨୦୨୪ ନିର୍ବାଚନ ପୂର୍ବରୁ ରାଜସ୍ଥାନରୁ ଆସିଥିଲା ପଥର
- ଯାଜପୁର ବଦଳରେ ବରଗଡ଼ରେ ହୋଇଥିଲା ଡେଲିଭରି
- ଆସିଲା ପରିକ୍ରମା ପ୍ରକଳ୍ପ ପଥର ଚୋରି ଅଭିଯୋଗ



ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ରାଜପ୍ରାସାଦକୁ ନେଇ ଉଠିଥିବା ବିବାଦରେ ଏଯାଏଁ ନିଜେ କ୍ରୀତଦାସ ମୁହଁ ଖୋଲୁନାହାଁନ୍ତି। ହେଲେ ତାଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିଛନ୍ତି ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର। ସେ ପୁଣି ଯାଜପୁରରେ ସ୍ପଷ୍ଟୀକରଣ ଦେବା ପରିବର୍ତ୍ତେ କଟକ ମଙ୍ଗଳାବାଗ ଛକରେ କିଛି ଗଣମାଧ୍ୟମକୁ ଡାକି ପ୍ରତିକ୍ରିୟା ଦେଇଛନ୍ତି।

ଜିଲ୍ଲା ସଭାପତିଙ୍କ ଯୁକ୍ତି ହେଉଛି ଯେ ବବି ଦାସଙ୍କ ତିନି ପୁରୁଷ ଜମିଦାର ଥିଲେ। ସେମାନେ ଅତ୍ୟନ୍ତ ସମ୍ଭ୍ରାନ୍ତ ଶ୍ରେଣୀର। ତାଙ୍କର ଯେଉଁ ଘରକୁ ନେଇ ବିଜେଡିର କିଛି ନେତା ବିବାଦ ସୃଷ୍ଟି କରୁଛନ୍ତି, ତାହା ତାଙ୍କ ପରିବାର ପାଇଁ କିଛି ବଡ଼ କଥା ନୁହେଁ। ଏହି ଘର ପାଇଁ ରାଜସ୍ଥାନରୁ ସ୍ୟାଣ୍ଡ ଷ୍ଟୋନ୍ ଆସିଛି। ଏ ବାବଦରେ ୨୦୨୪ ମାର୍ଚ୍ଚ ୧ ତାରିଖର ଏକ ଟ୍ରାନ୍ସପୋର୍ଟ ବିଲ ମଧ୍ୟ ଶ୍ରୀ ମହାପାତ୍ର ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ବବି ଦାସଙ୍କୁ କୋଣଠେସା କରିବାକୁ କିଛି ସ୍ୱାର୍ଥାନ୍ୱେଷୀ ଲୋକ ତାଙ୍କ ବିରୋଧରେ ଅପପ୍ରଚାର କରୁଥିବା ସେ କହିଛନ୍ତି।

ତେବେ ଶ୍ରୀ ମହାପାତ୍ର ଦେଖାଇଥିବା ଟ୍ରାନ୍ସପୋର୍ଟ ବିଲ୍ ଅନୁଯାୟୀ ୩୦ ଟନ୍ ପଥର ରାଜସ୍ଥାନ ଯୋଧପୁରରୁ ଆସିଛି ଏବଂ ତାହା ବରଗଡ ଜିଲ୍ଲା ଦେବ୍ରିଗଡ଼ଠାରେ ଡେଲିଭରି ହୋଇଛି। ତେବେ ଦେବ୍ରିଗଡ ପର୍ଯ୍ୟନ୍ତ ଯଦି ଆସିଲା, ତେବେ ଯାଜପୁରରେ ➪ପୃଷ୍ଠା-୬

### ମାଓମୁକ୍ତ ହେଲା ତେଲଙ୍ଗାନା




## ଟପ୍ କମାଣ୍ଡର ସମେତ ୪୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମୁଣ୍ଡରେ ଥିଲା ୨୦ ଲକ୍ଷର ପୁରସ୍କାର**

ମାଲକାନଗିରି, ୧୦।୪ (ସଂଚାର ବ୍ୟୁରୋ) ଃ ଶୁକ୍ରବାର ପିପୁଲ୍ସ ଲିବରେସନ ଗରିଲା ଆର୍ମି (ପିଏଲଜିଏ) ବାଟାଲିୟନର ଅନ୍ତିମ କମାଣ୍ଡର ସୋଡି ମଲ୍ଲା ଓରଫ କେଶଲଙ୍କ ସମେତ ୪୨ ଜଣ ସିପିଆଇ ମାଓଇଷ୍ଟ କ୍ୟାଡର ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କଠାରୁ ୩୬ଟି ଅସ୍ତ୍ରଶସ୍ତ୍ର ଏବଂ ୮୦୦ ଗ୍ରାମ ସୁନା ଜବତ କରାଯାଇଛି। ଏହି ଆତ୍ମସମର୍ପଣ ପରେ ତେଲଙ୍ଗାନା ରାଜ୍ୟ ଏବେ ସମ୍ପୂର୍ଣ୍ଣ ଭାବେ ମାଓମୁକ୍ତ ହୋଇଥିବା ଡିଜିପି ଏକ୍ସରେ ସୂଚନା ଦେଇଛନ୍ତି।

୪୭ ବର୍ଷୀୟ ସୋଡି ମଲ୍ଲା ଏବଂ ନିଖିଲ ନାମରେ ମଧ୍ୟ ଜଣାଶୁଣା, ତେଲେଙ୍ଗାନା-ଛତିଶଗଡ଼ ସୀମାରେ ସକ୍ରିୟ ମାଓ ନେଟୱାର୍କର ଦ୍ୱିତୀୟ ସର୍ବୋଚ୍ଚ କମାଣ୍ଡର ଭାବରେ ବିବେଚନା କରାଯାଉଥିଲା। ପୁଲିସର କହିବାନୁସାରେ, ➪ପୃଷ୍ଠା-୬


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
■ Computer Science and Engineering (AI and ML)
■ Computer Science and Engineering (Cyber Security)
■ Computer Science and Engineering (Data Science)
■ Computer Science and Engineering (Internet of Things)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


# ସିଜିମାଳି ଆନ୍ଦୋଳନର ମାଷ୍ଟରମାଇଣ୍ଡ ଥିଲା ବିଜେଡି

- ମାଡ଼ ମାରିଥିବା ପରିବେଶବିତଙ୍କ ସହ ଏବେ ହାତ ମିଳାଇଛନ୍ତି
- ରାଜନୀତିର ରୁଟି ସେକିବାକୁ କାଶୀପୁରରେ ଡେରା
- ବିଜେଡିର ଆଚରଣକୁ ନେଇ ସିଜିମାଳିବାସୀ ସନ୍ଦେହରେ



ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ସିଜିମାଳିରେ ରାସ୍ତା କାମକୁ ନେଇ ଏବେ ସାଧାରଣ ଜନତା ଓ ପୁଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। କାଶୀପୁରରେ ଏବେ ଯାହା କିଛି ଚାଲିଛି, ତା'ର ବିଷମଞ୍ଜି ବୁଣା ହୋଇଥିଲା ବିଜେଡି ସରକାର ସମୟରେ। ସେତେବେଳର ଏସ୍‌ପି ଶର୍ମା ବାବୁ ସରକାରଙ୍କ କଥାରେ ପଡ଼ି ସେହି ବିଷ ମଞ୍ଜି ପୋତିଥିଲେ, ଯାହା ଏବେ ମହାଦ୍ରୁମରେ ପରିଣତ ହୋଇଥିବା ନେଇ ଆଲୋଚନା ହେଉଛି। ବିଜେଡି ସରକାର ଅମଳରେ ଯେଉଁ ଆନ୍ଦୋଳନକାରୀଙ୍କୁ ବିକାଶବିରୋଧୀ ଦର୍ଶାଇ ପୁଲିସ୍ ଅଧା ରାସ୍ତାରୁ ଉଠାଇ ପିଟୁଥିଲା, ଏବେ ବିଜେଡି ନେତାମାନେ ସେହି ପରିବେଶବିତଙ୍କ କାନ୍ଧରେ କାନ୍ଧ ମିଳାଇ ଆନ୍ଦୋଳନ ଡାକରା ଦେଉଛନ୍ତି। ଫଳରେ ଏବେ ବିଜେଡି ନେତାମାନଙ୍କ କାଶୀପୁର ଗସ୍ତକୁ ନେଇ ସନ୍ଦେହ ପ୍ରକାଶ ପାଇବାରେ ଲାଗିଛି।

ଏହି ଆଲୋଚନା ଅନୁଯାୟୀ, ବିଜେଡି ୨୪ ବର୍ଷ କ୍ଷମତାରେ ରହିବା ପରେ ଗାଦିଚ୍ୟୁତ ହୋଇଛି ସତ, ହେଲେ ବୁଣିଥିବା ସେହି ବିଷମଞ୍ଜି ଏବେ ସିଜିମାଳି ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତତ୍କାଳୀନ ସରକାର କ୍ଷମତାର ଅପବ୍ୟବହାର କରି ଲୋକଙ୍କ ଉପରେ ଜୁଲୁମ କରିଚାଲିଥିଲା। ପାହାଡ଼ରେ ବସବାସ କରୁଥିବା ନିରୀହ ଲୋକ ଯେତେବେଳେ ନିଜର ହକ ମାଗୁଥିଲେ, ସେତେବେଳେ ତାଙ୍କୁ ଅକଥନୀୟ ନିର୍ଯାତନ ସହିବାକୁ ପଡୁଥିଲା। ଲୋକଙ୍କ ଉପରେ ଆକ୍ରମଣ ଏତେ ମାତ୍ରାରେ ହେଉଥିଲା ଯେ ସେମାନେ ଭୟଭୀତ ହୋଇଯାଉଥିଲେ।

ଦିନ ଦିନ ଓ ମାସ ମାସ ➪ପୃଷ୍ଠା-୬

# ନିମ୍ନମାନର ପଥର ପ୍ୟାକିଂ ହେଉଥିବା ଅଭିଯୋଗ

## ● ନିଦାବିଷ୍ଟୁ ସାଜିଛି ଆଳି ତଟବନ୍ଧ ● କୁମ୍ଭୀରୀୟା ନଦୀରେ ବାଜିରେ ଶ୍ରମିକଙ୍କ ଜୀବନ

**ଆଳି,୧୦।୪(ସଂଚାର ବ୍ୟୁରୋ):** ଖରସ୍ରୋତା ନଦୀ କୂଳ ଖାଇ ଯିବାରୁ ଗାଁ ଆଡ଼କୁ ବିପଦ ଥିବାବେଳେ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇ ଯିବାରୁ ଗ୍ରାମ ବାସୀ ସରକାରଙ୍କ ଦୃଷ୍ଟିକୁ ଆଣିବା ପରେ ଏହାକୁ ସୁରକ୍ଷା ଦେବାକୁ ସରକାର ଅର୍ଥ ମଞ୍ଜୁରୀ କରିଥିଲେ। ମାତ୍ର ସୁରକ୍ଷା ଦାୟିତ୍ୱରେ ଥିବା ଆଳି ତଟ ବନ୍ଧ ଓ ଠିକାଦାର ମଧୁଚନ୍ଦ୍ରିକାରେ ନିମ୍ନମାନର ପଥର ପ୍ୟାକିଙ୍ଗି ହେଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ପଥର ପ୍ୟାକିଂ ନାମରେ ଚାଲିଛି ଠିକାଦାର ପୋଷଣା ନିଦା ବିଷ୍ଟ ସାଜିଛନ୍ତି ତଟ ବନ୍ଧ ଅଧିକାରୀ।



ସୂଚନା ଅନୁଯାଇ ଆଳି ବ୍ଲକ କୋଳିଡିହ ପଞ୍ଚାୟତ ଦିନିଆରି ଗ୍ରାମରେ ଖରସୋତା ନଦୀରେ ପଥର ପ୍ୟାକିଙ୍ଗି ହୋଇ ଥିବା ବେଳେ ନା ରହିଛି ସୂଚନା ଫଳକ ନା ରହିଛନ୍ତି କୌଣସି ଅଧିକାରୀ। ସବୁଠୁ ବଡ଼ କଥା ହେଲା ଏହି ନଦୀରେ କୁମ୍ଭୀର ଆତଙ୍କ ଥିବା ବେଳେ ଶ୍ରମିକଙ୍କ ପାଇଁ ନାହିଁ ଡଙ୍ଗାର ବ୍ୟବସ୍ଥା । ଯାହାକି କାର୍ଯ୍ୟରେ ଥିବା ଶ୍ରମିକ ମାନେ ନିଜ ଜୀବନକୁ ବାଜିରେ ଲଗାଇ କାମ କରୁଥିବା ଦେଖାଯାଇଛି। ଯଦି କୌଣସି ଅଘଟଣ ଘଟେ ତାହାଲେ ଏଥି ପାଇଁ କିଏ ଦାୟୀ ରହିବେ।

ଅନ୍ୟପଟେ ଆଳି ତଟବନ୍ଧ ପକ୍ଷରୁ ସୁରକ୍ଷା ବନ୍ଧ ନିର୍ମାଣ ହେଉଥିବା ବେଳେ ତାହା ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ। ସବୁଠୁ ବଡ଼ କଥା ହେଲା ନଦୀ ଗର୍ଭକୁ ପଥର ଡ଼ମ୍ପିଙ୍ଗି ହେବା କଥା ତାହା ହେଉନାହିଁ । ସେପଟେ ପଥର ପ୍ୟାକିଙ୍ଗି ନିର୍ମାଣରେ ବ୍ୟବହାର ହୋଉଛି ଛୋଟ ପଥର। ର,୦ କାର୍ଯ୍ୟ କରି ମାଲେ ମାଲ ଠିକାଦାର ହେଉଥିବା ଗ୍ରାମ ବାସୀ ଅଭିଯୋଗ କରିଛନ୍ତି।

ଏଠି ପ୍ରଶ୍ନ ଉଠେ କାହା ସ୍ୱାର୍ଥରେ କରାଯାଉଛି ଏଭଳି କାର୍ଯ୍ୟ। ଯାହାକି ଗୋଟିଏ ବନ୍ୟା ଆସିଲେ ନଦୀ ଗର୍ଭକୁ ପଥର ଚାଲି ଯିବ ବୋଲି ଆଶଙ୍କା କରିଛନ୍ତି ଗ୍ରାମବାସୀ। ଅନ୍ୟପଟେ ଗ୍ରାମ ବାସୀ କହିଛନ୍ତି ସଠିକ୍ କାର୍ଯ୍ୟ ନ ହେଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରିବା ସହ ତଟ ବନ୍ଧ ଅଫିସ ଆଗରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

## ଗଞ୍ଜେଇ ଓ ଚୋରାମଦ ଜବତ, ୯ ଗିରଫ



**କେନ୍ଦ୍ରାପଡ଼ା,୧୦।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ଜମ୍ବୁ ସାମୁଦ୍ରିକ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କଷୋଟି ବାଲି ଗ୍ରାମର ହାପି ବେହେରା(୩୫)ଙ୍କ ଠାରୁ ୯୦୦ ଗ୍ରାମ ଗଞ୍ଜା ସମେତ ୩୫ ବୋତଲ କଫ ସିରପ, ଓଳାଭର ଗ୍ରାମର ରମେଶ ଚନ୍ଦ୍ର ସାହୁ(୩୭)ଙ୍କ ଠାରୁ ୩୮ ଲିଟର ବିଦେଶୀ ମଦ, ବ୍ରୁନ୍ଦିଆ ଗ୍ରାମର ରଶ୍ମୀରାଣୀ ବେହେରା(୪୮)ଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଗଜରାଜପୁର ଗ୍ରାମର ଉପେନ୍ଦ୍ର ମଲିକ(୪୧)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ସାନ୍ତଶାହି ଗ୍ରାମର ସନ୍ଦୀପ ସୁବ୍ରମନୀୟମ(୨୪)ଙ୍କ ଠାରୁ ୧୫୦୦ ଲିଟର ଗୁଡ ପୋଚ, ମାଣିକପୁର ଗ୍ରାମର ସୀମା ଜେନା(୩୦)ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ନୂଆପଡ଼ା ଗ୍ରାମର ଶରତ ବେହେରା(୬୨)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ନାଥ ଖିଲର(୩୦)ଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଏବଂ ରବି ଖିଲାର(୪୨)ଙ୍କ ଠାରୁ ୨୨ ଲିଟର ବିଦେଶୀ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାକ୍ଷରୁ ସମୁଦାୟ ୯୦୦ ଗ୍ରାମ ସମେତ ୧୬୭୦ ଲିଟର ବିଦେଶୀ, ଦେଶୀ, ଗୁଡ ପୋଚ, ଦେଶୀ ରନ୍ଧା ଚୋରାମଦ ଓ ୩୫ ବୋତଲ କଫ ସିରପ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ସୁଶ୍ରୀ ରତ୍ନପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ନାବାଳିକା ଅପହରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ



**ଗରଦପୁର,୧୦।୪(ସଂଚାର ବ୍ୟୁରୋ):** ପାଟକୁରା ଥାନା ଅଧୀନ ଯମୁନାବାଦ ଗଡାରେ ଘଟିଥିବା ନାବାଳିକା ଛାତ୍ରୀ ଅପହରଣ ଘଟଣାରେ ପୋଲିସ ବଡ଼ ସଫଳତା ପାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବପ୍ରସାଦ ପରିଡ଼ା(୧୯)ଙ୍କୁ ତିର୍ତ୍ତୋଲ ଅଞ୍ଚଳରୁ ପୋଲିସ ଗିରଫ କରିଛି। ଗତ ୬ ତାରିଖରେ ଛାତ୍ରୀ ଜଣଙ୍କ କୋଚିଂ ସେଣ୍ଟରରୁ ସାଙ୍ଗ ସହ ଘରକୁ ଫେରୁଥିବା ବେଳେ ଯମୁନାବାଦ ଗଡାରେ ଅପହରଣ ଘଟଣା ଘଟିଥିଲା । ଅଭିଯୁକ୍ତମାନେ ପ୍ରଥମେ ଛାତ୍ରୀଙ୍କ ସହଯୋଗୀଙ୍କୁ ମାଡ ମାରି ନାବାଳିକାକୁ ବଳପୂର୍ବକ ଅପହରଣ କରି ନେଇଥିଲେ । ଘଟଣା ପରେ ପାଟକୁରା ଥାନା ପୁଲିସ ସହ କନ୍ଦରପୁର ପୁଲିସ ଯୁକ୍ତ ଭାବେ ତଦନ୍ତ ଆରମ୍ଭ କରିଥିଲେ । ବିରିବାଟୀ ଅଞ୍ଚଳରୁ ଜଣେ ନାବାଳକ ଓ ଗାଡ଼ି ଚାଳକଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା । କିନ୍ତୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବପ୍ରସାଦ ପରିଡ଼ା ଫେରାର ରହିଥିଲେ । ଶେଷରେ ପୋଲିସର ବିଶେଷ ଚଢ଼ାଉରେ ତିର୍ତ୍ତୋଲ ଅଞ୍ଚଳରୁ ତାଙ୍କୁ ଧରିବାରେ ସଫଳତା ମିଳିଛି ।

## ନବନିର୍ବାଚିତ ଓକିଲ ସଂଘ ପ୍ରତିନିଧିଙ୍କ ଶପଥ ପାଠ




**ରାଜନଗର,୧୦।୪(ସଂଚାର ବ୍ୟୁରୋ):** ରାଜନଗର ବାର ଆସୋସିଏସନ କକ୍ଷରେ ଚଳିତ ବର୍ଷ ରାଜ୍ୟ ବାର କାଉନ୍ସିଲ ଦ୍ୱାରା ପରିଚାଳିତ ଆଇନଜିବି ସଂଘର ନିର୍ବାଚନ ରେ ବିଜୟ ପାର୍ଥି ମାନଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ବିଶ୍ୱନାଥ ବାରିକ ପ୍ରଥମେ ସଭାପତି ଭାବେ ଉମେଶ ଚନ୍ଦ୍ର ଦାସ,ଉପସଭାପତି ଦେବଦତ୍ତ ସେଠୀ, ସଂପାଦକ ଭାବେ ଭଜ କୃଷ୍ଣ ମିଶ୍ର, ଯୁଗ୍ମ ସଂପାଦକ ଭାବେ ବୀର କିଶୋର ମହାନ୍ତି, ଟ୍ରେଜରର ମନ୍ମଥ ରାଉତ, ଲାଇବ୍ରେରୀ ସଂପାଦକ ଭାବେ ନୟନା ନନ୍ଦ ବେହୁରା ଓ ପରିଚାଳନା କମିଟିର ସଦସ୍ୟ ଭାବେ ଜନ୍ମଜୟ ବେହେରାଙ୍କୁ ଶପଥ ଗ୍ରହଣ କରାଇଥିଲେ ।ଏହି ଶପଥ ଗ୍ରହଣ ଉତ୍ସବରେ ଆଇନଜୀବୀ ଅମର କୁମାର ଦାସ, ଚନ୍ଦ୍ର ଶେଖର ଦାସ,ଦିଲ୍ଲୀପ କୁମାର ଦାସ, ଅରୁପାନନ୍ଦ ପାତ୍ର, ବିନୟ ମହାନ୍ତି, ପ୍ରଦୀପ କୁମାର ଦାସ, ସୁଜାତା ପ୍ରିୟଦର୍ଶିନୀ ଜେନା, ନଳିନୀ କାନ୍ତ ମଙ୍ଗରାଜ ଓ ସରକାରୀ ଓକିଲ ଲକ୍ଷଣ ରାଉତ, ଅକ୍ଷୟ କୁମାର ସ୍ୱାଇଁ, ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କଷଣଅଣ୍ଟା ସ୍କୁଲରେ ବିଦାୟକାଳୀନ ସଭା




**ପଟ୍ଟାମୁଣ୍ଡାଇ,୧୦।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ୟୁଜିୟୁପି ସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଏକ ବିଦାୟକାଳୀନ ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ମଳୟ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଆଳି ବ୍ଲକ ପ୍ରାକ୍ତନ ଏବିଇଓ ଉଦକର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ଶ୍ରୀ ମହାନ୍ତିଙ୍କ କର୍ମମୟ ଜୀବନ ଓ କଷଣଅଣ୍ଟା ସ୍କୁଲରେ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିବା ସହିତ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ମାହାଙ୍ଗା, ୧୦।୩ (ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ଅଂଚଳ ଗ୍ରସ୍ତ କରି ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ପ୍ରଥମେ ହଳଦିଆ ପଂଚାୟତ ଗସ୍ତ କରି ଏରକଣା ଠାରୁ ପଞ୍ଚୁପାଣ୍ଡବ ଗ୍ରାମ ଉନ୍ନୟନ ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ପରେ ବରାହୀପୁର ପଂଚାୟତ ଗସ୍ତ କରି ବୁଢ଼ା ବନ୍ଧ ଗ୍ରାମ ଉନ୍ନୟନ ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ଶେଷରେ ଗୋକନ ପଂଚାୟତ ଗସ୍ତ କରି ଅଲିଅରା ଠାରୁ ଗୋକନ ଗ୍ରାମ ଉନ୍ନୟନ ବିଭାଗ ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ପରେ ଏକ ସାଧାରଣ ସଭାରେ ଯୋଗଦେଇ ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ହଳଦିଆ, ବରାହୀପୁର, ଗୋକନ ପଂଚାୟତ ସମେତ ମାହାଙ୍ଗା ବ୍ଲକର ବହୁ ପଂଚାୟତର ଜନସାଧାରଣମାନେ ଉପକୃତ ହୋଇପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଶତପଥି, ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ମନୋରଞ୍ଜନ ନାୟକ, ଅରୁଣ ସେଠି, ନିର୍ମଳ ରାଉତ, କିଶୋର ରାଉତ, ପ୍ରକାଶ ନାୟକ, ଏକାଦଶୀ ପ୍ରଧାନ,ସନ୍ତୋଷ ନାୟକ, ରଞ୍ଜନ ମହାନ୍ତି, ଦୁର୍ଗା ପ୍ରସାଦ ସାହୁ, ହରେକୃଷ୍ଣ ସାହୁ, ଧନେଶ୍ୱର ସ୍ୱାଇଁ, ସୁରେଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମହେନ୍ଦ୍ର ବେହେରା, କମଳାକାନ୍ତ ରାଉତ, ଜ୍ୟୋତିଷ ଚନ୍ଦ୍ର ନାୟକ, ଅନିଲ ନାୟକଙ୍କ ସମେତ ବହୁ ଜନସାଧାରଣ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## 'ସଂଚାର' ପ୍ରଭାବ

### ଜାତୀୟ ପତାକାକୁ ଅସମ୍ମାନ ଘଟଣା

## ପତାକା ଉଠାଇଲା ପ୍ରଶାସନ




**ମହାକାଳପଡ଼ା, ୧୦।୩ (ସଂଚାର ବ୍ୟୁରୋ):** ଖୋଦ୍ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଚିରା ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ ଘଟଣାକୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ 'ସଂଚାର'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ପତାକାକୁ କାଢି ଦିଆଯାଇଛି । ସୂଚନା ଅନୁସାରେ, ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ପାଇଁ ଥିବା ପତୀକ୍ଷା ଭବନ ଉପରେ ଏକ ଚିରା ଜାତୀୟ ପତାକା ଉଡୁଥିଲା। ପତାକାର ନିମ୍ନ ଭାଗର କିଛି ଅଂଶ ଛିଡିକି ଓହଳିଥିବା ବେଳେ କିଛି ଅଂଶରେ ସିଲାଇ ଖୋଲି ଯାଇଥିବା ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଆବଶ୍ୟକ ଅନୁଯାୟୀ ଉଚ୍ଚତାରେ ନରଖାଯିବା ଫଳରେ ପତାକାର ନିମ୍ନ ଭାଗ ଛାତ ଓ କାନ୍ଥରେ ଘଷି ହେଉଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଥିଲା।

## ଖବର ପ୍ରକାଶ ପରେ ଲାଇନ୍ ତାର ଯୋଡ଼ିଲା ବିଭାଗ



**ମହାକାଳପଡ଼ା, ୧୦।୪ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡା (ଗୁହାଳକଣି) ଗ୍ରାମର ବିଦ୍ୟୁତ ଉପଭୋକ୍ତା ବଟକୃଷ୍ଣ ସେନାପତିଙ୍କ ବିଦ୍ୟୁତ ତାର ଖୁଣ୍ଟରୁ କେହି ଦୁର୍ବୃତ୍ତ ବିଦ୍ୟୁତ ବିଭାଗର ଅଗୋଚରରେ କାଟି ଦେଇଥିବାରୁ ବୁଧବାର ଅପରାହ୍ନ ଠାରୁ ଉପଭୋକ୍ତାଙ୍କ ଘରେ ଅନ୍ଧକାରରେ ରହିଥିଲେ। ଏନେଇ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଘଟଣାର ସମାଧାନ କରାଯାଇପାରି ନଥିଲା। ଏନେଇ ଶୁକ୍ରବାର 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଆଜି ବିଭାଗ ତରଫରୁ ଉପଭୋକ୍ତାଙ୍କ ଘରକୁ ନୂତନ ବିଦ୍ୟୁତ ତାର ସଂଯୋଗ କରାଯାଇ ବିଦ୍ୟୁତ ଯୋଗାଇ ଦିଆଯାଉଛି। ଏନେଇ ମହାକାଳପଡ଼ା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ମଲ୍ଲିକ ସୂଚନା ଦେଇଛନ୍ତି।

### ରାସ୍ତା କାମ ଅଧାରୁ ଛାଡି ଠିକାଦାର ଛୁ' ଘଟଣା

## ଆରମ୍ଭ ହେଲା ରାସ୍ତା କାମ



**ମହାକାଳପଡ଼ା, ୧୦।୪(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୁଳ ଗ୍ରାମପଞ୍ଚାୟତ ଅଧିନସ୍ଥ ଦହିମାଛ ଗ୍ରାମର ପତିତପାବନ ମଠ ଠାରୁ ବଡ଼କୁଳ ସ୍କୁଲ ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଫେବର ବ୍ଲକ କାମ କରାଯାଉଛି। ବିନା ସୂଚନା ଫଳକରେ ନିମ୍ନମାନର କାମ କରାଯାଉଥିବା ନେଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ସେବେଠାରୁ ରାସ୍ତା କାମ ଅଧାରୁ ବନ୍ଦ୍ କରି ଠିକାଦାର ଚାଲିଯାଇଥିଲେ। ଦୀର୍ଘଦିନ ଧରି କାମ ନହେବାରୁ ସାଧାରଣ ଲୋକଙ୍କ ସମେତ ସ୍କୁଲର ପିଲାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେବା ପରେ ୭ ଏପ୍ରିଲ୍ ରେ ଦୈନିକ ଖବରକାଗଜ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଆଜି ବିଭାଗ ତରଫରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏନେଇ ଗ୍ରାମବାସୀ 'ସଂଚାର'କୁ ଧନ୍ୟବାଦ ଜଣାଇଛନ୍ତି।

## ସୁବାସ ବାରିକଙ୍କ ବିୟୋଗରେ କନିକା ପ୍ରେସ କ୍ଲବ୍‌ର ଶୋକ

**ରାଜକନିକା,୧୦।୪(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ବାରିକଙ୍କ ଅକାଳ ବିୟୋଗରେ ଆଜି କନିକା ପ୍ରେସ କ୍ଲବ ତରଫରୁ ଶୋକ ସଭା ଅନୁଷ୍ଠିତ ହୋଇ ତାଙ୍କର ନିର୍ଭିକତା ର ଲେଖନୀ ଚାଳନା ସବୁଦିନ ତାଙ୍କୁ ଅମର କରି ରଖିବ। କନିକା ରାଜବାଟି ପରିସରରେ ଆଜି ଅପରାହ୍ନ ୫ ଘଟିକା ସମୟରେ ସାମ୍ବାଦିକ ସୁକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ଉମାକାନ୍ତ ପରମାଣିକ,ପ୍ରବୀଣ ବଳ, ଅଜିତ ବେହୁରିଆ, ଅଜୟ ରାଉତ, କମଳ ଲୋଚନ ଗିରି, ସୁଶାନ୍ତ ନାୟକ, ବିକାଶ ନାୟକ, ସରୋଜ କୁମାର ବେହେରା, ବାବୁ ଖାଁପ୍ରମୁଖ ପରଲୋକଗତ ସୁବାସ ଚନ୍ଦ୍ର ବାରିକ ପମୁଖ ତାଙ୍କର ସାଲିସବିହୀନ ସାମ୍ବାଦିକତାର ବହୁମୁଖୀ ମାନବୀୟ ଗୁଣର ପ୍ରଶଂସା କରିବା ସହ ତାଙ୍କ ତ୍ୟାଗମୟ ଜୀବନକୁ ସ୍ମରଣ କରିଥିଲେ। ପ୍ରକାଶଯୋଗ୍ୟ ଯେ ଗତ ୩ ତାରିଖ ବିଳମ୍ବିତ ରାତିରେ ପ୍ରମେୟ ଓଳାଭର ପ୍ରତିନିଧି ସୁବାସ ଚନ୍ଦ୍ର ବାରିକ ଙ୍କ ହୃଦଘାତରେ କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲରେ ମୃତ୍ୟୁ ହୋଇଥିଲା।



## ବିଶିଷ୍ଟ ଜନନାୟକ ଯଦୁମଣି ମଙ୍ଗରାଜଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ ଦାବି



**କେନ୍ଦ୍ରାପଡ଼ା,୧୦।୪(ସଂଚାର ବ୍ୟୁରୋ):** ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ଉପବାଚସ୍ପତି ଯଦୁମଣି ମଙ୍ଗରାଜଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକରେ ୧୯୮୭ ମସିହାରେ ଉଦ୍‌ଘାଟିତ କରାଯାଇଥିଲା । ସେହିଦିନ ଠାରୁ ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଓ ସହରର ବୁଦ୍ଧିଜିବୀ, ରାଜନୈତିକ ବ୍ୟକ୍ତିବିଶେଷ, ବିଭିନ୍ନ ସାମାଜିକ ସଂଗଠନ ପ୍ରତିବର୍ଷ ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧଦିବସକୁ ପାଳନ କରିଆସୁଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ତିନିମୁହାଣୀ ଛକର ପ୍ରଶସ୍ତି କରଣ ପାଇଁ ସ୍ୱର୍ଗତ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିକୁ ରାସ୍ତା ପ୍ରସସ୍ତିକରଣ କରିବା ବାହାନାରେ ଅତ୍ୟନ୍ତ କଦର୍ଯ୍ୟ ଭାବରେ ଏକ ଅଖା ବସ୍ତାରେ ଭର୍ତ୍ତିକରି ପରିତ୍ୟକ୍ତ ସ୍ଥାନରେ ଫୋପାଡି ଦିଆଯାଇଅଛି। ଏ ସଂପର୍କରେ ଖବର ହସ୍ତଗତ ହେବାପରେ ଜିଲ୍ଲାର ବୁଦ୍ଧିଜୀବି, ମାନ୍ୟଗନ୍ୟ ବ୍ୟକ୍ତି, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ବିଶେଷ ଉଦବେଗ ପ୍ରକାଶ କରିବା ସହିତ ଏହି କାର୍ଯ୍ୟର ଘୋର ନିନ୍ଦା କରିଥିଲେ । ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ଗୋଲେଖ ଚନ୍ଦ୍ର ପଢ଼ିଆରୀ, ଡକ୍ଟର ଚୈତନ୍ୟ ଚରଣ ପରିଡ଼ା, ସୁଶିଲ କୁମାର ସାମଲ, ଗୋଲେଖ ଚନ୍ଦ୍ର ପରିଡ଼ା, ତରୁଣ ରଞ୍ଜନ ପ୍ରଧାନ, ମାନସ କୁମାର ରାଉତରାୟ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପୂର୍ବକ ଉକ୍ତ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ କରି ଅକ୍ଷୁର୍ଣ୍ଣ ରଖିବା ପାଇଁ ଅନୁରୋଧ କରିଥିଲେ ।

### ଯାଜପୁର ସହର ଗୁଳିକାଣ୍ଡ ଘଟଣା

# ୪ ଦିନ ପରେ ମଧ୍ୟ ଅନ୍ଧାରରେ ତଦନ୍ତ



**ଯାଜପୁର ଟାଉନ,୧୦।୪ (ସଂଚାର ବ୍ୟୁରୋ):** ଯାଜପୁର ସହରର କାଳୀମେଘା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ରକ୍ତରଞ୍ଜିତ ଗୁଳିକାଣ୍ଡରେ ଯୁବକ ସୌମ୍ୟରଂଜନ ସାମଲଙ୍କ ମୃତ୍ୟୁ ଘଟଣାକୁ ତିନି ଦିନ ବିତିଥିଲେ ମଧ୍ୟ, ଘଟଣାର ମୂଳ ରହସ୍ୟ ଉପରୁ ପୁଲିସ ଏପର୍ଯ୍ୟନ୍ତ ପରଦା ହଟାଇପାରିନାହିଁ। ମାଷ୍ଟରମାଇଣ୍ଡ କିଏ— ସେଥିପାଇଁ ତଦନ୍ତ ଏବେ ବି ଗଭୀର ଅନ୍ଧକାରରେ ରହିଛି। ପୁଲିସ ଏବେ ଏହି ଘଟଣାର ସତ୍ୟତା ଖୋଜିବା ପାଇଁ କଲ୍ ଡିଟେଲ୍ ରେକର୍ଡ (ସିଡିଆର)କୁ ମୁଖ୍ୟ ଆଧାର କରିଛି। ମୃତକ ସୌମ୍ୟଙ୍କ ମୋବାଇଲ ଓ ସମ୍ପୃକ୍ତ ଅନ୍ୟ ନମ୍ବରମାନଙ୍କର କଲ୍ ଡିଟେଲ୍ ଖୋଜାଯାଉଛି, ଯେଉଁଥିରୁ ଘଟଣା ପଛରେ ଥିବା ମୁଖ୍ୟ ସୂତ୍ର ମିଳିପାରେ ବୋଲି ପୁଲିସ ଆଶା କରୁଛି। ଘଟଣାରେ ନୂତନ ମୋଡ଼ ଆସିଥିବା ବେଳେ, ପୁଲିସ ମୃତକଙ୍କ ପତ୍ନୀ ଶୁଭଶ୍ରୀଙ୍କୁ ଅଟକ ରଖି ମାରାଥନ୍ ପଚରାଉଚରା କରୁଛି। ତାହାସହ ଅନ୍ୟ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମଧ୍ୟ ଧରି ପଚରାଉଚରା ଜାରି ରହିଛି। ତଥାପି ତଦନ୍ତ ଚାଲିଥିବାରୁ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ।

ସୂଚନାନୁସାରେ, ଘଟଣା ଦିନ ରାତିରେ ପତ୍ନୀଙ୍କ ଫୋନ୍ ପାଇ ସୌମ୍ୟ ତାଙ୍କ ଶୀତଳେଶ୍ୱର ସ୍ଥିତ ଘରକୁ ଫେରୁଥିବା ବେଳେ, ଦୁଇ ଅଜଣା ଯୁବକ ବାଇକ୍‌ରେ ଆସି କାଳୀମେଘା ନିକଟରେ ତାଙ୍କୁ ଲକ୍ଷ୍ୟ କରି ଏକାଧିକ ରାଉଣ୍ଡ ଗୁଳି ଚାଲାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହି ଗୁଳିକାଣ୍ଡ ପରେ ଯାଜପୁର ସହରବାସୀଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି। ନିଜ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନେଇ ସାଧାରଣ ଲୋକ ଚିନ୍ତିତ ହେଉଥିବା ସହିତ ପୁଲିସ ପ୍ରଶାସନର କାର୍ଯ୍ୟକୁଶଳତା ଉପରେ ପ୍ରଶ୍ନ ଉଠାଇଛନ୍ତି।

## ବାଲିଆପାଳ-ଭୋଗରାଇ ବିକାଶରେ ନୂଆ ଅଧ୍ୟାୟ ଯୋଡ଼ିବ କୁହ୍ଲାଚଡ଼-ପନ୍ତେଇ ପୋଲ



**ବାଲିଆପାଳ,୧୦।୪ (ସଂଚାର ବ୍ୟୁରୋ):** ବାଲିଆପାଳ-ଭୋଗରାଇ ମଧ୍ୟ ଦେଇ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ନଦୀ। ନଦୀ ପ୍ରତିବନ୍ଧକ ଥିବା ଯୋଗୁଁ ଭୋଗରାଇ ବ୍ଲକ ଲୋକ ବାଲିଆପାଳ, ବାଲେଶ୍ୱର ପ୍ରଭୃତି ସ୍ଥାନକୁ ଆସିବା ପାଇଁ ଜଳେଶ୍ୱର ଦେଇ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପଡୁଥିଲା। ଅନୁରୂପ ଭାବେ ବାଲିଆପାଳ ଅଞ୍ଚଳର ଲୋକଙ୍କୁ ଭୋଗରାଇ ତଥା ପଶ୍ଚିମବଙ୍ଗର ଦିଘା, ରାମନଗର, କାନ୍ଥି ପ୍ରଭୃତି ସ୍ଥାନକୁ ଭ୍ରମଣ ଏବଂ ବ୍ୟବସାୟୀକ କାର୍ଯ୍ୟରେ ଯିବା ପାଇଁ ଏହି ଦୂରତା ଅତିକ୍ରମ କରିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୯୩ ମସିହାରେ ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ତତକାଳୀନ ସରପଞ୍ଚ ସ୍ୱର୍ଗତଃ ସୃଷ୍ଟିଧର ପାତ୍ର, ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ ନିକଟରେ ଏକ ନୂତନ ନଦୀ ଘାଟର ଶୁଭାରମ୍ଭ କରିଥିଲେ। ଫଳରେ ଏହି ଘାଟ ଦେଇ ଦୁଇ ବ୍ଲକର ଲୋକଙ୍କୁ ବିଭିନ୍ନ ସ୍ଥାନକୁ ଯିବା ପାଇଁ ୪୦ କିଲୋମିଟର ରାସ୍ତା କମିଯାଇଥିଲା। ୩୨ବର୍ଷ ପରେ ଏହି ଘାଟ ଏବେ ଏକ ବ୍ୟସ୍ତ ବହୁଳ ଘାଟରେ ପରିଣତ ହୋଇଛି।

ଏହାକୁ ଦୃଷ୍ଟିରେ ରଖି ଗତ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ପୂବର୍ତନ ସାଂସଦ ଇଂ ରବିନ୍ଦ୍ର ଜେନାଙ୍କ ଉଦ୍ୟମ କ୍ରମେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଆସି କୁହ୍ଲାଚଡ ପନ୍ତେଇ ଘାଟରେ ଏକ ପୋଲ ନିର୍ମାଣର ଘୋଷଣା କରିଥିଲେ। ନିର୍ବାଚନର ଦୁଇ ବର୍ଷ ପରେ ରାଜ୍ୟ କ୍ୟାବିନେଟରେ ୧୩୯ କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇ ଏବେ ଏହି ପୋଲ ନିର୍ମାଣର କାର୍ଯ୍ୟାରମ୍ଭ ହୋଇଛି। ଏଲଏନଟି କମ୍ପାନି ପୋଲ ନିର୍ମାଣର ଦାୟିତ୍ୱ ନେଇଛି। ଏହି ପୋଲ ଏବଂ ରାସ୍ତାର ଲମ୍ବ ୭.୫ କି.ମି. ହେବ ବୋଲି ଏଲଏନଟି କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାଯାଇଛି। କେବଳ ନଦୀ ଉପରେ ପୋଲର ଲମ୍ବ ୧ କି.ମି. ହେବ ଏବଂ ନଦୀର ଗଭୀରତା ଅଧିକ ଥିବାରୁ ନୂତନ ବୈଜ୍ଞାନିକ ପଦ୍ଧତିରେ ପାଇଲିଙ୍ଗ କରାଯାଇ ପୋଲ କାର୍ଯ୍ୟ କରାଯିବ। ପୋଲ ନିର୍ମାଣର ସମୟ ସୀମା ୩ ବର୍ଷ ରହିଥିବା ଦାୟିତ୍ୱରେ ଥିବା ଇଞ୍ଜିନିୟର ତାପସ କୁମାର ପଣ୍ଡା କହିଛନ୍ତି।

ଏହି ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ପଶ୍ଚିମବଙ୍ଗ ସହିତ ବ୍ୟବସାୟ ବୃଦ୍ଧି ପାଇବ। ସେହିପରି ଦିଘା, ଚନ୍ଦନେଶ୍ୱର, ତାଳସାରି, ଉଦୟପୁର, ଭୂଷଣ୍ଡେଶ୍ୱର, ଡଗରା ପ୍ରଭୃତି ପର୍ଯ୍ୟଟନ ସ୍ଥଳୀକୁ ଯାତାୟତ ସୁଗମ ହୋଇ ପାରିବ। ଏହା ଦ୍ୱାରା ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ପାଇ ଅଞ୍ଚଳର ବିକାଶ ହୋଇ ପାରିବ।

## ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷା ଭାବେ ବିଧାୟିକାଙ୍କ ଦାୟିତ୍ୱ ଗ୍ରହଣ



**ଢେଙ୍କାନାଳ,୧୦।୪ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ବୈଠକରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷା ଭାବେ ମାନ୍ୟବର ବିଧାୟିକା ହିନ୍ଦୋଳ ସୀମାରାଣୀ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ଜିଲ୍ଲାର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମାନ୍ୟବର ବିଧାୟିକା ହିନ୍ଦୋଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ମାନ୍ୟବର ବିଧାୟକ କାମାକ୍ଷାନଗର ଶତ୍ରୁଘନ ଜେନା କହିଥିଲେ ଯେ, ଶ୍ରୀମତୀ ସୀମାରାଣୀ ନାୟକ ଆମ ଜିଲ୍ଲାର ବିଧାୟିକା ତେଣୁ, ସେ ଜିଲ୍ଲା ବାବଦରେ ଅବଗତ ଅଛନ୍ତି । ତେଣୁ ତାଙ୍କ ଦାୟିତ୍ୱ ସେ ସୂଚାର ରୂପେ ତୁଲାଇବା ସହ ଜିଲ୍ଲାର ବିକାଶକୁ ଆଗେଇ ନେବେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।



ଭୁବନେଶ୍ୱର ବିମାନ ବନ୍ଦରରେ ଦିଲ୍ଲୀ ଅଭିମୁଖେ ନବୀନ ପଟ୍ଟନାୟକ।

### ଦୁଇ ଶିଳ୍ପ ସଂସ୍ଥା ସହ ବେଦାନ୍ତ ଆଲୁମିନିୟମ୍‌ର ଚୁକ୍ତି

# ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବ ଆଲୁମିନିୟମ୍ ପାର୍କ

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ): ଦେଶର ବୃହତ୍ତମ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଆଜି ଦୁଇଟି ଆନୁଷଙ୍ଗିକ ଶିଳ୍ପସଂସ୍ଥା ସିଂଘଲ ଷ୍ଟିଲ୍ ଏଣ୍ଡ୍ ପାୱାର ଲିଃ (ସିଂଘଲ୍ ଗ୍ରୁପ୍ ଅଫ ଇଣ୍ଡଷ୍ଟ୍ରିଜ୍‌ର ଅଂଶ) ଓ ସ୍କଟ୍-ଏଲ୍ ମେଟକନ ପ୍ରା.ଲିଃ

**ସୃଷ୍ଟି ହେବ ୧୫୦୦ ନିଯୁକ୍ତି ସୁଯୋଗ**

(ସ୍କଟିସ୍ କେମିକାଲ ଓ ୟୁଏଏଲ୍ ଇଣ୍ଡଷ୍ଟ୍ରିଜ୍‌ର ସହଯୋଗୀ କମ୍ପାନି) ସହ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁସାରେ ଉଭୟ କମ୍ପାନି ଝାରସୁଗୁଡ଼ାରେ ବେଦାନ୍ତର ଆଗାମୀ ଆଲୁମିନିୟମ ପାର୍କ ପରିସରରେ ଆନୁଷଙ୍ଗିକ ଆଲୁମିନିୟମ ଉତ୍ପାଦନ କାରଖାନା ସ୍ଥାପନ କରିବେ। ଏଠାରେ ଅନୁଷ୍ଠିତ ଚୁକ୍ତିନାମା ସ୍ୱାକ୍ଷର ସମାରୋହରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଡାଉନଷ୍ଟ୍ରିମ୍ ଶିଳ୍ପ ଲାଗି ଏକ ବିଶ୍ୱସ୍ତରୀୟ ଶିଳ୍ପ ଇକୋସିଷ୍ଟମ ଭାବେ ପରିକଳ୍ପିତ ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମ୍ ପାର୍କ ମୂଲ୍ୟ ସଂଯୁକ୍ତିକୁ ପ୍ରୋତ୍ସାହନ ଦେବା ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଙ୍କ ଅଭିବୃଦ୍ଧିରେ ସହାୟକ ହେବ।



ସେହିପରି ଏକ ଆଲୁମିନିୟମ ଶିଳ୍ପକେନ୍ଦ୍ରରେ ପରିଣତ ହେବାରେ ଓଡ଼ିଶାର ସ୍ଥିତିକୁ ମଧ୍ୟ ଏହା ମଜବୁତ କରିବ। ଏହି ପଦକ୍ଷେପ ଓଡିଶାର ଔଦ୍ୟୋଗିକ ପ୍ରତିଯୋଗିତା କ୍ଷମତାକୁ ଉନ୍ନତ କରିବା ସହ ପ୍ରାୟ ୫୦୦ କୋଟି ଟଙ୍କାର ନିବେଶକୁ ଆକୃଷ୍ଟ କରିବ ଓ ପ୍ରାୟ ୧୫୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ।

ଏହି ଅବସରରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହି ପଦକ୍ଷେପ ଏକ ଅଗ୍ରଣୀ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ। ବେଦାନ୍ତ ଆଲୁମିନିୟମ ପାର୍କ ନିବେଶକୁ ତ୍ୱରାନ୍ୱିତ କରିବା ସହ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବ ଓ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଉତ୍ପାଦନ କ୍ଷମତାକୁ ମଧ୍ୟ ସୁଦୃଢ଼ କରିବ। ପ୍ରସ୍ତାବିତ ଆଲୁମିନିୟମ ପାର୍କ ଆନୁଷଙ୍ଗିକ ଶିଳ୍ପଙ୍କ ବିସ୍ତାର ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରି ରାଜ୍ୟରେ ଶିଳ୍ପ ବିବିଧତାକୁ ପ୍ରୋତ୍ସାହିତ କରିବ। ଏହା ଓଡ଼ିଶା ସରକାରଙ୍କ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତ୍ତିଭୂମି ନିର୍ମାଣର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସେହିପରି ଶ୍ରୀ ଶର୍ମା କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମ ପାର୍କ ଓଡ଼ିଶାର ଶିଳ୍ପ ମୂଲ୍ୟ ଶୃଙ୍ଖଳକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୀତିଗତ ସମର୍ଥନ ସହ ଭିତ୍ତିଭୂମି ପ୍ରସ୍ତୁତିକୁ ମିଶ୍ରଣ କରି ଆମେ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛୁ ଯାହା ଶିଳ୍ପଗୁଡ଼ିକୁ ଦକ୍ଷତାର ସହ ପ୍ରସାର ଓ ପ୍ରତିଯୋଗିତାକ୍ଷମ କରିବ। ଏନେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମ ପାର୍କ, ପ୍ରାଥମିକ ଉତ୍ପାଦନରୁ ଆଗକୁ ବଢ଼ି ମୂଲ୍ୟ ସଂଯୁକ୍ତ ଉତ୍ପାଦନ ଲାଗି ଆମ ପ୍ରତିବଦ୍ଧତାକୁ ଦର୍ଶାଏ। ଏକ ସୁଦୃଢ଼ ଡାଉନଷ୍ଟ୍ରିମ୍ ଇକୋସିଷ୍ଟମ ନିର୍ମାଣ କରି ଆମେ ଶିଳ୍ପ, ଏମଏସଏମଇ ଓ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଶ୍ରୀ କୁମାର କହିଛନ୍ତି। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ଝାରସୁଗୁଡ଼ା ଦେଶର ବେଦାନ୍ତ ଆଲୁମିନିୟମ ଉତ୍ପାଦନ କେନ୍ଦ୍ରରେ ରହିଆସିଛି। ପ୍ରସ୍ତାବିତ ଆଲୁମିନିୟମ ପାର୍କ କେବଳ ଡାଉନଷ୍ଟ୍ରିମ୍ ଇକୋସିଷ୍ଟମକୁ ସୁଦୃଢ଼ କରିବ ନାହିଁ, ବରଂ ସ୍ଥାୟୀ ଚାକିରୀ ସୃଷ୍ଟି କରିବ, ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବ ଓ ଏ ଅଞ୍ଚଳର ବିକାଶରେ ସହାୟକ ହେବ। ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାକ୍ଷମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାରେ ଓଡ଼ିଶା ସରକାରଙ୍କ ସହଯୋଗିତା କରି ଆମେ ଗର୍ବିତ।

## ରାଜ୍ୟବ୍ୟାପୀ ପାଳିତ ହେବ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ



ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପ୍ରତିବର୍ଷ ପରି ଚଳିତ ବିଜେଡି ପକ୍ଷରୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ପାଳିତ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସରେ ଦଳ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ନେତୃବୃନ୍ଦଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଚିତ୍ରାର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅସହାୟ/ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଆଦି ଅନ୍ତର୍ଭୁକ୍ତ। ଏହାଛଡ଼ା 'ସ୍ୱାଧୀନତା ସଂଗ୍ରାମ ତଥା ଆଧୁନିକ ଓଡ଼ିଶା ନିର୍ମାଣରେ ବିଜୁବାବୁଙ୍କ ଭୂମିକା' ଶୀର୍ଷକ ଏକ ବୌଦ୍ଧିକ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହେବ ବୋଲି କହିଛନ୍ତି। ସେହିପରି ଶଙ୍ଖ ଭବନରେ ମଧ୍ୟ ଭୁବନେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହେବ। ସକାଳେ ବିଜୁ ସାଗରରେ ଚିତ୍ରାର୍ପଣ, ପରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ ବୋଲି କାର୍ଯ୍ୟକ୍ରମ ହେବ। ଶଙ୍ଖ ଭବନ ଠାରେ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

● ଅଭିଯୋଗ ଆଣିଲା କଂଗ୍ରେସ

## ଓକାକ ସହ ବୁଝାମଣା ପଛରେ ଷଡ଼ଯନ୍ତ୍ର!




ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ସ୍କୁଲ୍‌ରେ ବ୍ୟାପକ ସମସ୍ୟା ରହିଥିବା ବେଳେ ରାଜ୍ୟ ସରକାର ସେସବୁର ସମାଧାନ କରିପାରିନାହାନ୍ତି। କିନ୍ତୁ ଓକାକ୍ ଓ ରାଜ୍ୟ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା ଏଆଇଯୁକ୍ତ ଡିଜିଟାଲ୍ ଆସେସ୍‌ମେଣ୍ଟ ସହ ଭର୍ଚୁଆଲ୍ କ୍ଲାସ୍‌ରୁମ୍ ସ୍ଥାପନ କାର୍ଯ୍ୟକ୍ରମରେ ୧ ହଜାର କୋଟି ଟଙ୍କା ବ୍ୟୟ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ୫୩୭୦ ସରକାରୀ ଓ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲରେ ଏହି କ୍ଲାସରୁମ୍ ସ୍ଥାପନ କରାଯିବ। ଏଥିରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମଧ୍ୟ ଦାୟିତ୍ୱ ରହିଛି। ରାଜ୍ୟର ବିଭିନ୍ନ ସ୍କୁଲ୍‌ରେ ଅବସ୍ଥା ଯାହା ରହିଛି, ତାକୁ ଦୃଷ୍ଟିରେ ରଖି ବିଚାର କଲେ ଓକାକ୍ ଏବଂ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରୁଛି। କାରଣ କେଉଁଠି ସ୍କୁଲ୍‌ରେ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ ରହିଛି ତ ଆଉ କେଉଁଠି ଶିକ୍ଷକ ମରୁଡ଼ି। ଏପରିକି କେତେକ ସ୍କୁଲ୍‌ରେ ଆବଶ୍ୟକ ସଂଖ୍ୟକ ଡେସ୍କ, ବେଞ୍ଚ ବି ନାହିଁ। କେତେକ ସରକାରୀ ସ୍କୁଲ୍‌ରେ କୋଠାଗୁଡ଼ିକ ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ ବହୁ ସ୍କୁଲରେ କମ୍ପ୍ୟୁଟର ଖତ ଖାଉଛି। ମାତ୍ର ୩୦ ପ୍ରତିଶତ ଶିକ୍ଷକଙ୍କର କମ୍ପ୍ୟୁଟର ଜ୍ଞାନ ଅଛି। ମାତ୍ର ୩.୯ ପ୍ରତିଶତ ସରକାରୀ ସ୍କୁଲରେ ନିଜର ପିସିଏସ ବା ଡେସ୍କଟପ୍ ବ୍ୟବସ୍ଥା ରହିଛି। ୨୫.୭ ପ୍ରତିଶତ ଫଙ୍କସ୍‌ନାଲ ସ୍ମାର୍ଟ ରୁମ୍ ରହିଛି। ୨୯ ପ୍ରତିଶତ ସରକାରୀ ସ୍କୁଲ ମୋବାଇଲ ଫୋନ୍ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି। ଡ୍ରପ୍ ଆଉଟ୍ ସଂଖ୍ୟା ବି ବଢ଼ିଚାଲିଛି। ଏପରି ସ୍ଥିତିରେ ସରକାରଙ୍କ ନିଷ୍ପତ୍ତି 'କାନ୍ଥ ନ ଥାଇ ଛାତ' ସହ ସମାନ ବୋଲି ଅଭିଯୋଗ କରିଛନ୍ତି ଭୁବନେଶ୍ୱର କଂଗ୍ରେସର ସାଂସଦ ପ୍ରାର୍ଥୀ ସୟଦ୍ ୟାସିର୍ ନୱାଜ୍। ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଯୋଜନା ମାଧ୍ୟମରେ ବିଭାଗୀୟ ମନ୍ତ୍ରୀ, ଆଇଟି ମନ୍ତ୍ରୀ ଓ ସଚିବ ମିଳିତ ଭାବେ ଟଙ୍କା ଲୁଟ୍ ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନର ଆଇଟି ସଚିବ ପୂର୍ବ ସରକାରରେ ଅର୍ଥ ସଚିବ ଭାବେ କାର୍ଯ୍ୟ କରୁଥିବା ସମୟରେ ଏଭଳି ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଅବଶ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ତାହା ବାତିଲ ହୋଇଥିଲା। କିନ୍ତୁ ସଦ୍ୟ ଯୋଜନାର ବାସ୍ତବତା ନେଇ ସନ୍ଦେହ ରହିଥିବାରୁ ତୁରନ୍ତ ଓକାକ୍ ସହ ହୋଇଥିବା ବୁଝାମଣାକୁ ବିଭାଗ ପକ୍ଷରୁ ବାତିଲ୍ କରାଯାଉ ବୋଲି ଶ୍ରୀ ୟାସିର୍ ଦାବି କରିଛନ୍ତି। ତୁରନ୍ତ ଏହା ବାତିଲ୍ କରାନଗଲେ, ୭୨ ଘଣ୍ଟା ପରେ ଦଳ ପକ୍ଷରୁ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୋପନ ମାର୍ଥା, ସ୍ୱାଗତ କର ଓ ଜାଭେଦ ଅକ୍ତର ମଧ୍ୟ ଉପସ୍ଥିତ ଥିଲେ।

## ଦନ୍ତା ହାତୀର ଗଳିତ ମୃତଦେହ ଉଦ୍ଧାର



ନରସିଂହପୁର, ୧୦।୪ (ସଂଚାର ବ୍ୟୁରୋ) : କଟକ ବଡ଼ମ୍ବା ଖାରୋଡ଼ ହାଡୁଆ ବ୍ରିଜ ନିକଟରୁ ଆଜି ଏକ ଦନ୍ତା ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ଜଙ୍ଗଲକୁ କାଠ ପାଇଁ ଯାଇଥିବା ସମୟରେ ଉକ୍ତ ଦନ୍ତାର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ତେବେ ଉକ୍ତ ଦନ୍ତାକୁ ଶିକାରୀମାନେ ଦାନ୍ତ ଲୁଟ କରିବା ପାଇଁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୂର୍ବରୁ ୨୦୨୨ରେ ମଧ୍ୟ ଖାରୋଡ଼ ଜଙ୍ଗଲରୁ ୪ଟି ହାତୀର ଗଳିତ ମୃତଦେହକୁ ପୋତା ହୋଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଛି।

### ଚିନ୍ତାରେ ଗାଦିମଡା ଅଫିସର

## ତାଲିକା ମାଗିଲା ଗୃହ ବିଭାଗ




ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ) : ରାଜ୍ୟର ବିଭିନ୍ନ ଥାନାରେ ପୋଲିସ ଅଫିସରଙ୍କର ବର୍ଷ ବର୍ଷ ଧରି ବଦଳି ହେଉନି। ଗୋଟିଏ ଥାନାରେ କିମ୍ବା ଗୋଟିଏ ପଦରେ ଗାଦିମାଡି ବସିଛନ୍ତି। ସେମାନଙ୍କ ବିରୋଧରେ ଏବେ କାର୍ଯ୍ୟାନୁଷ୍ଠାନର ପ୍ରକ୍ରିୟା ଆରମ୍ଭ କରିଛି ଗୃହ ବିଭାଗ। ବିଭିନ୍ନ ସ୍ଥାନରେ ଗାଡିମାଡି ବସିଥିବା ସବୁ ପୋଲିସ ଅଫିସରଙ୍କର ତାଲିକା ପ୍ରସ୍ତୁତ କରିବାକୁ ସବୁ ଜିଲ୍ଲା ଏସପି ଓ କମିଶନରେଟ ପୋଲିସ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତାଲିକା ମିଳିବା ପରେ ଏହି ଗାଡିମଡା ଅଫିସରଙ୍କ ବଦଳି କିମ୍ବା କାର୍ଯ୍ୟାନୁଷ୍ଠାନ ନେଇ ବିଭାଗ ଚିନ୍ତା କରିବ। ଗୃହ ବିଭାଗର ଚିଠି ଅନୁଯାୟୀ ଗୋଟିଏ ଜିଲ୍ଲାରେ ଛଅ ବର୍ଷରୁ ଅଧିକ କୌଣସି ଅଫିସର ରହିପାରିବେ ନାହିଁ। ତେଣୁ ଗୋଟିଏ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ ଧରି ରହିଥିବା ଅଫିସରଙ୍କ ଚିନ୍ତା ବଢିଯାଇଛି।

# କଲେଜ ଓ ୟୁନିର୍ଭସିଟରେ ଲାଗୁ ହେଲା ଆଚରଣ ବିଧି

- କ୍ୟାମ୍ପସରେ ରାଜନୀତି ମନା
- ମାସକ ମଧ୍ୟରେ ହେବ ତମାଖୁମୁକ୍ତ
- ଶୃଙ୍ଖଳା ଓ ଉପସ୍ଥାନ ବାଧ୍ୟତାମୂଳକ
- ନିୟମ ଭାଙ୍ଗିଲେ ବହିଷ୍କାର

ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ବିଶେଷ କରି ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାର ବାତାବରଣକୁ ସୁଧାରିବା ଏବଂ କ୍ୟାମ୍ପସକୁ ରାଜନୀତିମୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ବିଭାଗ ପକ୍ଷରୁ ଏକ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ପ୍ରଥମ ଥର ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ପାଇଁ ୧୧ପୃଷ୍ଠା ବିଶିଷ୍ଟ ଆଦର୍ଶ ଆଚରଣ ବିଧି ପ୍ରସ୍ତୁତ ହୋଇଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କ୍ୟାମ୍ପସରେ ଶୃଙ୍ଖଳା ରକ୍ଷା କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ଏଣିକି କେବଳ ପାଠପଢ଼ା ନୁହେଁ, ବରଂ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ସାଧୁତା ଓ ପାରସ୍ପରିକ ସମ୍ମାନ ବଜାୟ ରଖିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ହେବ। ପୂର୍ବ ଅନୁମତି ବିନା ଶିକ୍ଷାନୁଷ୍ଠାନ ପରିସରରେ ଅନଧିକୃତ ଆନ୍ଦୋଳନ ଓ ହରତାଳ ନିଷେଧ କରାଯିବା ସହ ବାହ୍ୟ ହସ୍ତକ୍ଷେପ ଓ ଅସାମାଜିକ କାର୍ଯ୍ୟକଳାପରୁ ମୁକ୍ତ ରଖିବା ଏବଂ ମାସକ ମଧ୍ୟରେ ତମାଖୁମୁକ୍ତ କରିବାକୁ ଏହି କଡ଼ା ନିୟମାବଳୀ ପ୍ରସ୍ତୁତ ହୋଇଛି। ଏସବୁ ସମେତ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ବିନା ଅନୁମତିରେ କୌଣସି ରାଜନୈତିକ ସଭା କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି।

ଏଣିକି କ୍ୟାମ୍ପସ ମଧ୍ୟରେ ଶୃଙ୍ଖଳା ଭାଙ୍ଗିଲେ କିମ୍ବା କୌଣସି ନିୟମ ଉଲ୍ଲଂଘନ କଲେ ବହିଷ୍କାର ଭଳି କଠୋର ଦଣ୍ଡ ମିଳିବ ବୋଲି ସରକାର ସ୍ପଷ୍ଟ କରିବା ସହ ଏହି ୧୧ ପୃଷ୍ଠା ବିଶିଷ୍ଟ ଆଚରଣ ବିଧିକୁ ଶିକ୍ଷାନୁଷ୍ଠାନର ପ୍ରୋସପେକ୍ଟସ୍, ହ୍ୟାଣ୍ଡବୁକ୍ ଓ ୱେବସାଇଟରେ ସାମିଲ କରି ଏହାର ଅନୁପାଳନ ସୁନିଶ୍ଚିତ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନୂଆ ଆଚରଣ ବିଧିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସମସ୍ତ କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ଆଜି ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖିଛି। ନୂଆ ନିୟମ ଅନୁସାରେ, ଛାତ୍ରଛାତ୍ରୀମାନଙ୍କ ପାଇଁ ଶ୍ରେଣୀଗୃହରେ ନିୟମିତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯାଇଛି ଓ ଏଥିରେ ଅବହେଳାକୁ ଗମ୍ଭୀର ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯିବ। ଯଦି କୌଣସି ଛାତ୍ରଛାତ୍ରୀ କ୍ରମାଗତ ଭାବେ ଅନୁପସ୍ଥିତ ରହନ୍ତି ତେବେ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଅଭିଭାବକଙ୍କୁ ତୁରନ୍ତ ଫୋନ୍ କଲ୍, ଏସଏମଏସ୍ କିମ୍ବା ଆପ୍ ମାଧ୍ୟମରେ ଅବଗତ କରାଯିବ।




ର୍‌ୟାଗିଂ, ନିଶାଦ୍ରବ୍ୟ ସେବନ, ଯୌନ ଉତ୍ପୀଡ଼ନ ଓ ଅଶ୍ଳୀଳ ଆଚରଣକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ସମ୍ପୂର୍ଣ୍ଣ କ୍ଷତିପୂରଣ ଆଦାୟ କରାଯିବ ଓ କ୍ଷତିପୂରଣ ନ ଦେଲେ କିମ୍ବା ଗୁରୁତର ଅଶାନ୍ତି ସୃଷ୍ଟି କଲେ, ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ସାମୟିକ କିମ୍ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ଓ ଅଭିଭାବକଙ୍କ ସଠିକ ଫୋନ୍ ନମ୍ବର ଡାଟାବେସରେ ଦେବାକୁ ବାଧ୍ୟ। ଅଧ୍ୟାପକମାନଙ୍କୁ କେବଳ ଶିକ୍ଷାଦାନ ନୁହେଁ, ବରଂ ଜଣେ ପରାମର୍ଶଦାତା ବା 'ମେଣ୍ଟର' ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ନିଜ ପଦବୀର ଦୁରୁପଯୋଗ କରି ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କିମ୍ବା ପକ୍ଷପାତିତା କରିବା ଏକ ଗମ୍ଭୀର ଅପରାଧ ଭାବେ ବିବେଚନା କରାଯିବ। ସେମାନେ ନିଜର ପଦବୀକୁ ବ୍ୟବହାର କରି କୌଣସି ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ ଦେବା କିମ୍ବା ପରୀକ୍ଷା ନମ୍ବରକୁ ନେଇ ଭୟଭୀତ କରିପାରିବେ ନାହିଁ। ଶିକ୍ଷକମାନେ ପ୍ରତ୍ୟେକ ଛାତ୍ରଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ କୌଣସି ଜାତି, ଧର୍ମ କିମ୍ବା ଲିଙ୍ଗ ଆଧାରରେ ପକ୍ଷପାତିତା କରିପାରିବେ ନାହିଁ।

ଅଧ୍ୟାପକମାନେ କଲେଜ ଆସିବା ପୂର୍ବରୁ ନିଜର 'ଲେସନ୍ ପ୍ଲାନ୍' ପ୍ରସ୍ତୁତ କରିବେ। ସମସ୍ତ ଅଫିସିଆଲ୍ ଯୋଗାଯୋଗ ପାଇଁ ସରକାରୀ ଇମେଲ୍ ଆଇଡି ବ୍ୟବହାର କରିବେ। ଶିକ୍ଷକ ବା ଅଧ୍ୟାପକମାନଙ୍କ ଆଚରଣ ସର୍ବଦା ସନ୍ଦେହର ଉର୍ଦ୍ଧ୍ୱରେ ରହିବା ସହ ସେମାନେ ଶାରୀରିକ ଦଣ୍ଡ ପରିବର୍ତ୍ତେ ସୃଜନାତ୍ମକ ଶାସନକୁ ପ୍ରାଧାନ୍ୟ ଦେବେ। କଲେଜରେ କୌଣସି ଅଶାନ୍ତି ଦେଖାଦେଲେ ଅଧ୍ୟାପକମାନେ ସତର୍କ ରହି ତୁରନ୍ତ ଅଧ୍ୟକ୍ଷଙ୍କୁ ଜଣାଇବାକୁ କୁହାଯାଇଛି। କଲେଜ ଓ ବିଶ୍ୱବିଦ୍ୟାଳୟକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ ରଖିବା ପାଇଁ ସରକାରୀ କାର୍ଯ୍ୟକ୍ରମ ବ୍ୟତୀତ କୌଣସି ରାଜନୈତିକ ଦଳର ସଭା ବା ସମାବେଶକୁ କ୍ୟାମ୍ପସ ମଧ୍ୟରେ ଅନୁମତି ଦିଆଯିବ ନାହିଁ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଶିକ୍ଷାନୁଷ୍ଠାନ ପରିସରରେ ଅନଧିକୃତ ଆନ୍ଦୋଳନ, ହରତାଳ କିମ୍ବା ସଭା ସମିତି କରିବା ସମ୍ପୂର୍ଣ୍ଣ ନିଷେଧ। କ୍ୟାମ୍ପସର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରାରେ ରହିବ। ଅସାମାଜିକ ବ୍ୟକ୍ତି ଓ ଅଣଛାତ୍ରଙ୍କ ଅନୁପ୍ରବେଶ ରୋକିବା ପାଇଁ ହଷ୍ଟେଲରେ ନିୟମିତ ରାତ୍ରିକାଳୀନ ଯାଞ୍ଚ କରାଯିବ। ଯଦି କୌଣସି ଅଣଛାତ୍ରଙ୍କୁ ହଷ୍ଟେଲରେ କେହି ଛାତ୍ର ଆଶ୍ରୟ ଦିଅନ୍ତି, ତେବେ ତାଙ୍କୁ ୬ ମାସ ପାଇଁ ନିଲମ୍ବନ ଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ଆସନ୍ତା ମାସକ ମଧ୍ୟରେ ପ୍ରତ୍ୟେକ କ୍ୟାମ୍ପସକୁ ତମାଖୁମୁକ୍ତ କରାଯିବ।

### ବନାଞ୍ଚଳରେ ଦକ୍ଷତା ବିକାଶ ତାଲିମ୍

## ବଲାଙ୍ଗିର ବନ୍ଧପଡ଼ା ବନଖଣ୍ଡର ୨୮ ଯୁବକଙ୍କୁ ନିଯୁକ୍ତି ପତ୍ର

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ): ଓଡ଼ିଶାର ଦୁର୍ଗମ ତଥା ବନାଞ୍ଚଳରେ ବସବାସ କରୁଥିବା ପରିବାରର ବେରୋଜଗାର ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ତଥା ରୋଜଗାରକ୍ଷମ କରିବା ପାଇଁ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବନ ବିଭାଗ (କେନ୍ଦୁପତ୍ର)ର ମିଳିତ ପ୍ରୟାସରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସଫଳତା ବଲାଙ୍ଗିର ଜିଲ୍ଲାରେ ଦେଖିବାକୁ ମିଳିଛି। ଜିଲ୍ଲାର ବନ୍ଧପଡ଼ା ବନଖଣ୍ଡର ୨୮ ଜଣ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ କର୍ଣ୍ଣାଟକର ହୋସୁରସ୍ଥିତ ଟିଭିଏସ ମୋଟର୍ସ କମ୍ପାନିରେ ଇଲେକ୍ଟ୍ରିସିଆନ ଚାକିରି ମିଳିଥିବା ବେଳେ ଅନ୍ୟ ୯ ଜଣଙ୍କୁ ସ୍ଥାନୀୟ ଅଞ୍ଚଳରେ କେତେକ ଘରୋଇ ସଂସ୍ଥାରେ ନିଯୁକ୍ତି ଦିଆଯାଇଛି। ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ ଟ୍ରେଡ୍‌ରେ ୨ ମାସର ତାଲିମ୍




ଶେଷ କରିବା ପରେ ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଯୁବକମାନଙ୍କ ସଫଳତାରେ ପରିବାର ଲୋକେ ଖୁସି ପ୍ରକଟ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୮ ଜଣ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ସ୍ଥାନୀୟ କେନ୍ଦୁପତ୍ର ଶ୍ରମିକଙ୍କ ପରିବାରର କେତେକ ଯୁବକ ମଧ୍ୟ ସାମିଲ ହୋଇଥିଲେ।

ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନସ୍ଥ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ବନ ବିଭାଗ (କେନ୍ଦୁପତ୍ର) ପକ୍ଷରୁ ମିଳିତ ଭାବେ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜଙ୍ଗଲ ଅଧ୍ୟୁଷିତ ଗ୍ରାମୀଣ ଅଞ୍ଚଳରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଗରିବ ତଥା କେନ୍ଦୁପତ୍ର ଶ୍ରମିକଙ୍କ ପରିବାରର ବେରୋଜଗାର ଯୁବବର୍ଗଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଗତ ଜାନୁଆରୀ ୧୨ରେ ବଲାଙ୍ଗିର ଜିଲ୍ଲାର ଭୂତିଆରବାହାଲଠାରେ ଓଏସ୍‌ଡିଏ ଜରିଆରେ ଏକ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଏଠାରେ ଗତ ଜାନୁଆରୀ ୨୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ସହକାରୀ ଇଲେକ୍ଟ୍ରିସିଆନ ଟ୍ରେଡରେ ତାଲିମ ଦିଆଯାଇଥିଲା। ଗତ ୨୪ରେ ପ୍ରଥମ ପର୍ଯ୍ୟାୟ ତାଲିମ ଶେଷ କରିବା ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, ବଲାଙ୍ଗିର ଓ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ (କେନ୍ଦୁପତ୍ର) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରାଯାଉଛି।

## ହନୁମାନ ଜୟନ୍ତୀ ପାଇଁ ସୁରକ୍ଷା କଡ଼ାକଡ଼ି



ସମ୍ବଲପୁର, ୧୦।୪ (ସଂଚାର ବ୍ୟୁରୋ) : ସମ୍ବଲପୁରରେ ଅନୁଷ୍ଠିତ ହେବାକୁ ଥିବା ହନୁମାନ ଜୟନ୍ତୀ ସହ ବାଇକ୍ ର୍‌ୟାଲି ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏଥିପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲା ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରରେ ପୁଲିସ ସୁରକ୍ଷା ବ୍ୟବସ୍ଥା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ର୍‌ୟାଲି ପାଇଁ ସ୍ୱତନ୍ତ୍ର ରୁଟ ମ୍ୟାପ ପ୍ରସ୍ତୁତ କରାଯିବା ସହ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହାଛଡ଼ା ବରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗୀର ଭଳି ପଡ଼ୋଶୀ ଜିଲ୍ଲାରୁ ମଧ୍ୟ ଅଧିକାରୀମାନେ ଆସି ଏହି ସୁରକ୍ଷା ବ୍ୟବସ୍ଥାରେ ସହଯୋଗ କରୁଛନ୍ତି। ଡ୍ରୋନ କ୍ୟାମେରା ଓ ଏକ ସ୍ୱତନ୍ତ୍ର ୩୬୦ ଡିଗ୍ରୀ ସିସିଟିଭି କ୍ୟାମେରା ଖଞ୍ଜାଯାଇଥିବା ଗାଡ଼ି ସାହାଯ୍ୟରେ ସମଗ୍ର ର୍‌ୟାଲି ଉପରେ ନଜର ରଖାଯିବ। କଣ୍ଟ୍ରୋଲ ରୁମ ମାଧ୍ୟମରେ ପ୍ରତିଟି ଗତିବିଧିକୁ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ସହରରେ ଶାନ୍ତି ଓ ସଦଭାବନା ରକ୍ଷା କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସହଯୋଗ ପାଇଁ ନିବେଦନ ବି କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ମୋଟ ୨୭ ପ୍ଲାଟୁନ ପୁଲିସ ଫୋର୍ସ ସହ ୧୫୮ ଜଣ ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ଏଥିମଧ୍ୟରେ ସିଏପିଏଫ୍‌ର ଦୁଇଟି କମ୍ପାନୀ ଓ ବିଏସଏଫର ଗୋଟିଏ କମ୍ପାନୀ ମଧ୍ୟ ସାମିଲ ଅଛନ୍ତି।

# ବଢ଼ୁଛି ପରିବେଶ ପ୍ରଦୂଷଣ ବିପଦ

ଭୁବନେଶ୍ୱର,୧୦।୪: ଓଡ଼ିଶାରେ ମାଟି, ପାଣି ଓ ପବନର ପ୍ରଦୂଷଣ ବଢ଼ି ଚାଲିଥିବା ବେଳେ ତା'ର ନିରାକରଣ କରାଯାଇପାରୁନାହିଁ। ପ୍ରଦୂଷଣ ବୃଦ୍ଧି ସହ ତାଳ ଦେଇ ବିଭିନ୍ନ ରୋଗ ବ୍ୟାଧି ବଢ଼ି ଚାଲିଥିବା ବେଳେ ତାହାକୁ ରୋକିବା ପାଇଁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯିବା ପରିବର୍ତ୍ତେ ସ୍ୱାସ୍ଥ୍ୟସେବାରେ କିନ୍ତୁ ବର୍ଷକୁ ବର୍ଷ ବ୍ୟୟବରାଦ ବଢ଼ୁଛି। ଯେଭଳି ଭାବେ ପ୍ରଦୂଷଣ ବୃଦ୍ଧି ପାଉଛି ତାହାକୁ ରୋକାନଗଲେ ଆଗାମୀ ପିଢ଼ି ଏଥିଲାଗି ପୂର୍ବ ପିଢ଼ିମାନଙ୍କୁ କ୍ଷମା କରିବ ନାହିଁ ବୋଲି ପରିବେଶ ପ୍ରେମୀମାନେ କହୁଛନ୍ତି।

ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଏବଂ ଖଣି ଉତ୍ତୋଳନ ସହିତ କଳାକାରଖାନାଗୁଡ଼ିକର ବର୍ଜ୍ୟ ବସ୍ତୁ ଯୋଗୁଁ ମାଟିର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି। ଗୋଟିଏ ପଟେ ଗାଁରୁ ସହର ପର୍ଯ୍ୟନ୍ତ ଗାଈ, ବଳଦଙ୍କ ସଂଖ୍ୟା କମୁଥିବାବେଳେ ଜମିରେ ବ୍ୟବହାର ପାଇଁ ଗୋବର ଖତ ଅଭାବ ହେଉଛି। ତୁରନ୍ତ ଫସଲ ଉତ୍ପାଦନ ପାଇଁ ଜମିରେ କୀଟନାଶକ ଓ ରାସାୟନିକ ସାରର ବହୁଳ




ବ୍ୟବହାର କରାଯାଉଛି। ଅନେକ କ୍ଷେତ୍ରରେ କେଉଁ ଜମି ପାଇଁ କେତେ ପରିମାଣର ରାସାୟନିକ ସାର ଦରକାର ତାହା ଜାଣିବା ଲାଗି ମାଟି ପରୀକ୍ଷା ନକରି ଚାଷୀମାନେ ଆଖିବୁଜା ସାର ଓ କୀଟନାଶକ ଢାଳୁଥିବାରୁ ମୃତ୍ତିକା ପ୍ରଦୂଷଣ ବଢ଼ୁଛି। ଏଥିସହିତ ବ୍ୟାପକ ଜଙ୍ଗଲ ସଫେଇ ଓ ଗଛକଟା ଯୋଗୁଁ ମୃତ୍ତିକା ଅବକ୍ଷୟ ହାର ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି ବୋଲି ପରିବେଶବିତ୍‌ମାନେ କହୁଛନ୍ତି।

ସେହିଭଳି ରାଜ୍ୟରେ ଏଭଳି କୌଣସି ଗୋଟିଏ ନଦୀ ନାହିଁ ଯାହାର ଜଳ ପ୍ରଦୂଷଣ ମୁକ୍ତ। କେଉଁ ନଦୀର ଜଳ ଅତି ବିଷାକ୍ତ ତ ଆଉ କେଉଁ ନଦୀର ଜଳ କମ୍ ପ୍ରଦୂଷିତ। ମୋଟାମୋଟି ଭାବେ କୌଣସି ଗୋଟିଏ ହେଲେ ନଈର ଜଳ ଏବେ ପାନୀୟ ଉପଯୋଗୀ ନୁହେଁ। ବିଶେଷକରି ସହରାଞ୍ଚଳର ନର୍ଦ୍ଦମା ପାଣି, କଳକାରଖାନାର ବର୍ଜ୍ୟବସ୍ତୁ ଏବଂ ଖଣିଜ କାର୍ଯ୍ୟରେ ବ୍ୟବହୃତ ପାଣି ଯୋଗୁଁ ନଦୀଗୁଡ଼ିକର ଜଳ ପ୍ରଦୂଷିତ ହେଉଛି। ରାଜଧାନୀ ଉପକଣ୍ଠରେ ଥିବା ଦୟା, ଗଙ୍ଗୁଆ ଆଦି ନଦୀର ଜଳ ବିଷାକ୍ତ ହୋଇ ଚାଲିଛି। ଫଳରେ ଗଙ୍ଗୁଆ ନଦୀରେ ଆଉ ମାଛ ନାହାନ୍ତି। ଏହି ପାଣି ଦେହରେ ଲାଗିଲେ ଚର୍ମ ରୋଗ ବି ହୋଇଯାଉଛି। ଖୋଦ୍ ରାଜଧାନୀ ଉପକଣ୍ଠରେ ଯଦି ଏଭଳି ଅବସ୍ଥାରେ ତେବେ ଦୂରଦୂରାନ୍ତରେ ପ୍ରବାହିତ ନଦୀଗୁଡ଼ିକର ସ୍ୱାସ୍ଥ୍ୟ କେତେ ମରାତ୍ମକ ତାହା ସହଜରେ ଅନୁମେୟ। ଏହାଛଡ଼ା ନଦୀଗୁଡ଼ିକରେ ବେଧକ ଚୋରା ବାଲି ଚାଲାଣ ହେଉଥିବାରୁ ସମସ୍ୟା ମଧ୍ୟ ବଢ଼ୁଛି।

କେବଳ ନଦୀ ଜଳ ଯେ ପ୍ରଦୂଷିତ ତାହା ନୁହେଁ, ସଂଖ୍ୟାଧିକ ଜଳ ଭଣ୍ଡାରର ମଧ୍ୟ ସମାନ ସ୍ଥିତି। ଅଧିକାଂଶ ଜଳଭଣ୍ଡାରରେ ଜଳର ଅମ୍ଳତ୍ୱ ଓ ଲବଣତ୍ୱ ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି। ଏହାଛଡ଼ା ଭୂତଳ ଜଳ ସ୍ତର ମଧ୍ୟ ଉଦ୍‌ବେଜନକ ଭାବେ ପ୍ରଦୂଷିତ ହେଉଛି। ଏହାଛଡ଼ା ଖୋଦ୍ ଭୁବନେଶ୍ୱର ସମେତ ରାଜ୍ୟର ବହୁ ଅଞ୍ଚଳର ଭୂତଳ ଜଳ ସ୍ତର ଯେପରି ଦ୍ରୁତ ଗତିରେ ତଳକୁ ଖସୁଛି ତାହା ଭବିଷ୍ୟତ ପାଇଁ ବିପଦର କାରଣ ହୋଇପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ରାଜ୍ୟରେ ବର୍ଷକୁ ବର୍ଷ ବାୟୁ ପ୍ରଦୂଷଣର ମାତ୍ରା ମଧ୍ୟ ବଢ଼ିବଢ଼ି ଚାଲିଛି। ସରକାରଙ୍କ ବାୟୁ ଗୁଣବତ୍ତା ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ୫୦ ତଳକୁ ରହିଲେ ଭଲ। ୫୧ରୁ ୨୦୦ ପର୍ଯ୍ୟନ୍ତ ଏକ୍ୟୁଆଇ ତାହା ଖରାପ ହେଲେ ବି ଚଳନୀୟ। କିନ୍ତୁ ୨୦୦ରୁ ୪୦୦ ପର୍ଯ୍ୟନ୍ତ ଏହା ଖରାପ ଓ ଅତି ଖରାପ ସ୍ତରରେ ରହୁଥିବାବେଳେ ୪୦୦ ଟପିଲେ ଭୟଙ୍କର ବୋଲି ସରକାର ନିଜେ ସ୍ୱୀକାର କରୁଛନ୍ତି। କିନ୍ତୁ ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ବାଲେଶ୍ୱର, ରାଉରକେଲା, ଝାରସୁଗୁଡ଼ା, ଅନୁଗୁଳ ପର୍ଯ୍ୟନ୍ତ ବହୁ ସହରରେ ବାୟୁର ଗୁଣବତ୍ତା ଅତି ଖରାପ। କଳକାରଖାନାରୁ ନିର୍ଗତ ଧୂଆଁ ଓ ଗୁଣ୍ଡ, ଖଣି ଅଞ୍ଚଳରୁ ନିର୍ଗତ ଗୁଣ୍ଡ ଏବଂ ଯାନବାହାନରୁ ବାହାରୁଥିବା ଧୂଆ ଆଦି ଯୋଗୁଁ ବାୟୁ ପ୍ରଦୂଷଣ ବଢ଼ୁଛି। ଏଥିସହ ତାଳ ଦେଇ ଶବ୍ଦ ଓ ଆଲୋକ ପ୍ରଦୂଷଣ ଜନିତ କାରଣରୁ ଲୋକେ ବି ମରୁଛନ୍ତି। ତେଣୁ କେବଳ ସରକାରୀ ସ୍ତରରେ ନୁହେଁ, ବ୍ୟକ୍ତି ସ୍ତରରୁ ପରିବେଶ ସୁରକ୍ଷା ପାଇଁ ଗଣଆନ୍ଦୋଳନର ଆବଶ୍ୟକତା ଉପରେ ପରିବେଶବିତ୍‌ମାନେ ଗୁରୁତ୍ୱାରୋପ କରୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୧୧ ଏପ୍ରିଲ ୨୦୨୬, ଭୁବନେଶ୍ୱର
Saturday 11 April 2026, Bhubaneswar

# କେତେ ସୁରକ୍ଷିତ ସୋସିଆଲ୍ ମିଡିଆ?

ଆଧୁନିକ ଡିଜିଟାଲ୍ ଯୁଗରେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମାନବ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇପଡ଼ିଛି। ଫେସବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ଓ ଏକ୍ସ ପରି ଆପ ମାଧ୍ୟମରେ ଲୋକେ ନିଜର ପରିବାର, ବନ୍ଧୁବାନ୍ଧବ ଓ ପରିଚିତଙ୍କ ସହ ବ୍ୟକ୍ତିଗତ କଥା ବାଣ୍ଟୁଛନ୍ତି। ଦୂରକୁ ଥିବା ଆତ୍ମୀୟଙ୍କୁ ମୁହୂର୍ତ୍ତରେ ଖବର ଦେବା, ଫଟୋ-ଭିଡିଓ ସେୟାର୍ କରିବା ଓ ଆବଶ୍ୟକ ସମୟରେ ସହାୟତା ମାଗିବା ଏହି ପ୍ଲାଟଫର୍ମ ଦ୍ୱାରା ସହଜ ହୋଇଛି। କରୋନା ମହାମାରୀ ସମୟରେ ଏହାର ଉପଯୋଗିତା ଆମେ ସମସ୍ତେ ଦେଖିଛୁ। କିନ୍ତୁ ଏହି ସୁବିଧା ପଛରେ ଲୁକ୍କାୟିତ ରହିଛି ଏକ ବିରାଟ ବିପଦ –ଗୋପନୀୟତାର ହାନି। ପ୍ରଶ୍ନ ହେଉଛି, ସୋସିଆଲ୍ ମିଡିଆ ବ୍ୟକ୍ତିଗତ କଥାବାର୍ତ୍ତା ପାଇଁ କେତେ ସୁରକ୍ଷିତ?

ପ୍ରଥମ ଦୃଷ୍ଟିରୁ ଏହା ଅତ୍ୟନ୍ତ ସୁରକ୍ଷିତ ଲାଗେ। ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ଥିବା ହ୍ୱାଟ୍ସଆପ୍ ମେସେଜ୍ କେହି ପଢ଼ି ପାରିବ ନାହିଁ ବୋଲି ଆମେ ବିଶ୍ୱାସ କରୁ। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ସୋସିଆଲ୍ ମିଡିଆ କମ୍ପାନୀଗୁଡ଼ିକ ବ୍ୟବହାରକାରୀଙ୍କ ଡାଟା ସଂଗ୍ରହ କରି ତାହାକୁ ବିଜ୍ଞାପନ, ରାଜନୈତିକ ପ୍ରଚାର ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି। ଫେସବୁକ୍-କ୍ୟାମ୍ବ୍ରିଜ୍ ଆନାଲିଟିକା କେସ୍ ଏହାର



ଜ୍ୱଳନ୍ତ ଉଦାହରଣ। ହ୍ୟାକର୍ମାନେ ଆକାଉଣ୍ଟ୍ ହ୍ୟାକ୍ କରି ବ୍ୟକ୍ତିଗତ ମେସେଜ୍, ଫଟୋ ଓ ଭିଡିଓ ଲିକ କରିଦିଅନ୍ତି। ଏହା ଫଳରେ ମାନସିକ ଯନ୍ତ୍ରଣା, ଆର୍ଥିକ କ୍ଷତି ଓ ସମାଜିକ ଅପମାନ ହୋଇଥାଏ। ଭାରତରେ ସାଇବର କ୍ରାଇମ କେସ ପ୍ରତିବର୍ଷ ବଢ଼ୁଛି ଓ ଏଥିରେ ଯୁବକ-ଯୁବତୀ ସବୁଠାରୁ ଅଧିକ ଶିକାର ହୁଅନ୍ତି।

ବିଶେଷକରି ମହିଳାଙ୍କ ପାଇଁ ଏହା ଅଧିକ ବିପଦଜନକ। ସାଇବର ଷ୍ଟକିଙ୍ଗ୍, ଅଶ୍ଳୀଳ ମେସେଜ୍ ଓ ରିଭେଞ୍ଜ ପର୍ଣ୍ଣ ପରି ଘଟଣା ବଢ଼ୁଛି। କେହି କେହି ବ୍ୟକ୍ତିଗତ କଥା ସେୟାର କରି ବ୍ଲାକ୍‌ମେଲିଙ୍ଗର ଶିକାର ହୁଅନ୍ତି। ଫେକ ପ୍ରୋଫାଇଲ ବନାଇ ପ୍ରତାରଣା କରି ବିଶ୍ୱାସ ହାସଲ କରାଯାଏ ଓ ପରେ ସମ୍ପର୍କ ବିଗାଡ଼ି ଦିଆଯାଏ। ଯୁବପିଢ଼ି ଏହି ଫାନ୍ଦରେ ପଡ଼ି ନିଜର ଭବିଷ୍ୟତ ନଷ୍ଟ କରିଦେଉଛନ୍ତି। ଏହା ଛଡ଼ା ଫେକ ନ୍ୟୁଜ ଓ ମିଥ୍ୟା ଖବର ମାଧ୍ୟମରେ ପରିବାର ସମ୍ପର୍କ ବିଚ୍ଛିନ୍ନ ହେଉଛି।

ସରକାରୀ ସ୍ତରରେ ଆଇଟି ଆକ୍ଟ ୨୦୦୦ ଓ ଡିଜିଟାଲ୍ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ପରି ନିୟମ ପ୍ରଣୟନ ହୋଇଛି। କିନ୍ତୁ ପ୍ରୟୋଗ ଓ ସଚେତନତା କମ ଥିବାରୁ ଫଳ ମିଳୁନାହିଁ। ତେଣୁ ବ୍ୟବହାରକାରୀଙ୍କୁ ନିଜ ସୁରକ୍ଷା ପାଇଁ ସଚେତନ ହେବାକୁ ପଡ଼ିବ। ପ୍ରାଇଭେସି ସେଟିଙ୍ଗକୁ କଡ଼ାକଡ଼ି ଭାବେ ବ୍ୟବହାର କରନ୍ତୁ। କେବଳ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କ ସହ କଥା ହୁଅନ୍ତୁ। ଦୁଇ-ଫ୍ୟାକ୍ଟର ଅଥେଣ୍ଟିକେସନ୍ (୨ଏଫ୍ଏ) ସକ୍ରିୟ କରନ୍ତୁ। ପାସଓ୍ୱାର୍ଡ ନିୟମିତ ବଦଳାନ୍ତୁ ଓ ଅଜଣା ଲିଙ୍କ ଖୋଲନ୍ତୁ ନାହିଁ। ସମ୍ବେଦନଶୀଳ ତଥ୍ୟ ଯେପରି ବ୍ୟାଙ୍କ ବିବରଣୀ, ଆଧାର ନମ୍ବର କିମ୍ବା ବ୍ୟକ୍ତିଗତ ଫଟୋ କଦାପି ସେୟାର କରନ୍ତୁ ନାହିଁ। ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଥିବା ଆପ ବ୍ୟବହାର କରନ୍ତୁ।

ସତ୍ୟ ହେଉଛି, ସୋସିଆଲ୍ ମିଡିଆ ଏକ ଖୋଲା ମଞ୍ଚ। ଏଠାରେ ଗୋପନୀୟତା ସର୍ବଦା ବିପଦର ସମ୍ମୁଖୀନ ହୋଇଥାଏ। ଏହା ସୁବିଧାଜନକ ହେଲେ ମଧ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ। ଯଦି କଥା ଅତ୍ୟନ୍ତ ସମ୍ବେଦନଶୀଳ ହୁଏ ତେବେ ଅଫଲାଇନ ମିଟିଙ୍ଗ କିମ୍ବା ସିଧା ଫୋନ କଲ ବ୍ୟବହାର କରନ୍ତୁ। ସଚେତନତା ଓ ସତର୍କତା ହିଁ ଆମର ସର୍ବୋତ୍ତମ ସୁରକ୍ଷା କବଚ। ସୁରକ୍ଷିତ ଡିଜିଟାଲ ଜୀବନ ହିଁ ପ୍ରକୃତ ସୁଖୀ ଜୀବନର ଚାବିକାଠି। ଆସନ୍ତୁ, ଆମେ ସମସ୍ତେ ଏହି ଦାୟିତ୍ୱ ଗ୍ରହଣ କରି ନିଜକୁ ଓ ପରିବାରକୁ ସୁରକ୍ଷିତ ରଖିବା।

# ବଡ଼ଲୋକଙ୍କ ଚେରକଟା ନୀତି



ଦିପ୍ତିମୟୀ ନାୟକ

ମଣିଷର ଚରିତ୍ର ପଦପଦବୀ ବା ସମ୍ପତ୍ତି ଦ୍ୱାରା ନିର୍ଦ୍ଧାରିତ ହୁଏନାହିଁ। ଅନେକ ସମୟରେ ଆମେ ଭାବୁ ଶୀର୍ଷରେ ପହଞ୍ଚିଥିବା ବ୍ୟକ୍ତିମାନେ ମାନସିକ ସ୍ତରରେ ଖୁବ ଶାନ୍ତ ଓ ଉଦାର କିନ୍ତୁ ବାସ୍ତବତା ହେଉଛି ଉଚ୍ଚତା ଯେତିକି ବଢ଼େ ପଡ଼ିଯିବାର ଭୟ ମଧ ସେତିକି ଥାଏ। ଏହି ମାନସିକତାରୁ ହିଁ ଜନ୍ମନିଏ ଚେରକଟା ନୀତି ଯାହା ସାଧାରଣ ଲୋକଙ୍କ ଆଖିକୁ ଦେଖାଯାଏନାହିଁ କିନ୍ତୁ ଏହାର ପ୍ରଭାବ ବହୁତ ଭୟଙ୍କର ହୋଇଥାଏ। ତେବେ ସମାଜରେ ବଡ଼ଲୋକ ଶବ୍ଦଟି କେବଳ ଆର୍ଥିକ ସ୍ୱଚ୍ଛଳତାକୁ ବୁଝାଏ ନାହିଁ ବରଂ କ୍ଷମତା, ପଦପଦବୀ ଏବଂ ସାମାଜିକ ପ୍ରତିଷ୍ଠାକୁ ମଧ ସୂଚାଇଥାଏ। ସାଧାରଣତଃ ଆମେ ଭାବୁ ଯାହା ପାଖରେ ସବୁକିଛି ଅଛି ତାଙ୍କର ପୁଣି କାହା ପ୍ରତି ଇର୍ଷା କାହିଁକି ରହିବ। କିନ୍ତୁ ବାସ୍ତବତା ହେଉଛି ଇର୍ଷା ଏକ ମାନବୀୟ ପ୍ରବୃତ୍ତି ଯାହା ଗରିବ ଠାରୁ ଆରମ୍ଭ କରି ଅତି ଧନୀ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ରହିଛି। ତେବେ ବଡ଼ଲୋକଙ୍କ କ୍ଷେତ୍ରରେ ଏହି ଇର୍ଷା ଅଧିକ ଜଟିଳ, ରହସ୍ୟମୟ ଏବଂ ଅନେକ ସମୟରେ ବିପଜ୍ଜନକ ରୂପ ଧାରଣ କରିଥାଏ। ବଡ଼ଲୋକଙ୍କ ଇର୍ଷା ସାଧାରଣ ଲୋକଙ୍କ ଇର୍ଷା ଠାରୁ ଭିନ୍ନ। ଜଣେ ସାଧାରଣ ଲୋକ ଅନ୍ୟର ଭଲ ଖାଦ୍ୟ ବା ପୋଷାକକୁ ଦେଖି ଇର୍ଷା କରିପାରେ କିନ୍ତୁ ଜଣେ ବଡ଼ଲୋକ ପ୍ରାୟତଃ ପ୍ରତିପତ୍ତି ଏବଂ ନିୟନ୍ତ୍ରଣକୁ ନେଇ ଇର୍ଷାନ୍ୱିତ ହୋଇଥାନ୍ତି। ତାଙ୍କ ଭିତରେ ଏହି ଭୟ ସବୁବେଳେ ଥାଏ। ଅନ୍ୟ କେହି ଜଣେ ତାଙ୍କଠାରୁ ଅଧିକ ପ୍ରଶଂସା ସାଉଁଟି ନେବେ ନାହିଁ ତ।ଏହି ଇର୍ଷା ମୁଖ୍ୟତଃ ତିନୋଟି କାରଣରୁ ଜନ୍ମ ନେଇଥାଏ। ଯେପରିକି ଅସୁରକ୍ଷା ଭାବ, ତୁଳନାତ୍ମକ ପ୍ରତିଯୋଗିତା ଏବଂ ଅହଂକାର। ତେବେ ଅସୁରକ୍ଷା ଭାବ ହେଉଛି ଶୀର୍ଷରେ ପହଞ୍ଚିବା ପରେ ସେଠାରେ ସ୍ଥିର ରହିବା ସବୁଠାରୁ କଷ୍ଟକର। ଯେତେବେଳେ ଜଣେ ନୂଆ ବ୍ୟକ୍ତି ନିଜର ଦକ୍ଷତା ବଳରେ ଉପରକୁ ଉଠେ ସେତେବେଳେ ପୂର୍ବରୁ ସ୍ଥାପିତ ବଡ଼ଲୋକ ନିଜକୁ ଅସୁରକ୍ଷିତ ମଣନ୍ତି। ସେହିପରି ତୁଳନାତ୍ମକ ପ୍ରତିଯୋଗିତା ହେଉଛି ବଡ଼ଲୋକମାନେ ନିଜ ସମକକ୍ଷ ବ୍ୟକ୍ତିଙ୍କ ସହ ସବୁବେଳେ ଏକ ଅଦୃଶ୍ୟ ଦୌଡ଼ରେ ଥାନ୍ତି। କାହାର ଗାଡ଼ି ବଡ଼, କାହାର ବଙ୍ଗଳା ସୁନ୍ଦର କିମ୍ବା କାହାର ପ୍ରଭାବ ରାଜନୀତିରେ ଅଧିକ। ଏହି ତୁଳନା ହିଁ ଇର୍ଷାର ମଞ୍ଜି ବୁଣିଥାଏ। ଆଉ ଅହଂକାର ହେଉଛି ମୁଁ ସବୁଠୁ ଶ୍ରେଷ୍ଠ ଏହି ଭାବନା ଯେତେବେଳେ ଆହତ ହୁଏ। ସେତେବେଳେ ଇର୍ଷା ଏକ ପ୍ରତିଶୋଧର ରୂପ ନିଏ। ତେବେ ସାଧାରଣ ଲୋକେ ଇର୍ଷା କଲେ ତାହା ପାଟିତୁଣ୍ଡ ବା ସାଧାରଣ କଳିଝଗଡ଼ା ଦେଖାଯାଏ କିନ୍ତୁ ବଡ଼ଲୋକଙ୍କ ଇର୍ଷା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଯୋଜନାବଦ୍ଧ। ବଡ଼ଲୋକମାନେ ସିଧାସଳଖ ଶତ୍ରୁତା କରିବା ପରିବର୍ତ୍ତେ ପଛରେ ରହି ଷଡ଼ଯନ୍ତ୍ର କରିବାକୁ ପସନ୍ଦ କରନ୍ତି। ଜଣେ ନୂଆ କରି ଉଠୁଥିବା ପ୍ରତିଭାକୁ କିପରି ଅଣନିଶ୍ୱାସୀ କରାଯିବ ସେଥିପାଇଁ ସେମାନେ ନିଜର କ୍ଷମତା ପ୍ରୟୋଗ କରନ୍ତି। ଅନେକ ସମୟରେ ଇର୍ଷାନ୍ୱିତ ବଡ଼ଲୋକମାନେ ଗୋଷ୍ଠୀଗତ ଭାବେ ଜଣେ ବ୍ୟକ୍ତିଙ୍କୁ ଏକୁଟିଆ କରିଦିଅନ୍ତି। ତାଙ୍କ ବିଷୟରେ ଗୁଜବ ପ୍ରଚାର କରିବା କିମ୍ବା ତାଙ୍କର ସଫଳତାକୁ ଛୋଟ କରି ଦେଖାଇବା ଏକ ସାଧାରଣ କଥା।ଏହା ହେଉଛି ସବୁଠାରୁ ବିପଜ୍ଜନକ। ଉପରକୁ ବହୁତ ଭଲ ପାଇବା ଦେଖାଇ ଭିତରେ ଭିତରେ ଜଣକର ଚେର କାଟିବା ବଡ଼ଲୋକଙ୍କ ଇର୍ଷାର ଏକ ଚିରାଚରିତ ଢଙ୍ଗ। ତେବେ ବଡ଼ଲୋକଙ୍କ ଏହି ମାନସିକତା ଯୋଗୁଁ ସମାଜର ଅନେକ କ୍ଷତି ହୁଏ। ଯେତେବେଳେ ଜଣେ କ୍ଷମତାଶାଳୀ ବ୍ୟକ୍ତି ନିଜ ତଳେ ଥିବା ଜଣେ ପ୍ରତିଭାବାନ ବ୍ୟକ୍ତି ପ୍ରତି ଇର୍ଷା ରଖନ୍ତି ସେତେବେଳେ ସେହି ପ୍ରତିଭା ସମାଜ ସାମ୍ନାକୁ ଆସିପାରେ ନାହିଁ। ଅନେକ ଯୁବକଯୁବତୀ ନିଜର ନୂଆ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଚାହାଁନ୍ତି କିନ୍ତୁ ବଡ଼ ମୁଣ୍ଡିଆଙ୍କ ଇର୍ଷା ଯୋଗୁଁ ସେମାନଙ୍କୁ ସୁଯୋଗ ମିଳେନାହିଁ। ଯେଉଁଠି ସଫଳତା ପାଇଁ ଯୋଗ୍ୟତା ଅପେକ୍ଷା କାହାର ଚାମଚାଗିରି କରିବାକୁ ପଡ଼େ ସେଠାରେ ସୁସ୍ଥ ପରିବେଶ ନଷ୍ଟ ହୋଇଯାଏ। ପ୍ରକୃତରେ ଦେଖିବାକୁ ଗଲେ ଇର୍ଷା କରୁଥିବା ବ୍ୟକ୍ତି ନିଜେ ଜଣେ ମାନସିକ ରୋଗୀ ସଦୃଶ। ସେ ବାହାରକୁ ଯେତେ ଭଲ ଦେଖାଗଲେ ମଧ ଭିତରେ ଭିତରେ ସେ ସବୁବେଳେ ଅଶାନ୍ତ ଥାଏ। ଅନ୍ୟର ହସ ତାଙ୍କୁ କଷ୍ଟ ଦିଏ ଏବଂ ଅନ୍ୟର ଉନ୍ନତି ତାଙ୍କୁ ନିଦ୍ରାହୀନ କରିଦିଏ। ଏହିଭଳି ବ୍ୟକ୍ତିଙ୍କ ପ୍ରତି ଘୃଣା ଭାବ ରଖିବା ଅପେକ୍ଷା ଦୟା ଭାବ ରଖିବା ଉଚିତ କାରଣ ସେମାନେ ନିଜର ସୁଖକୁ ଉପଭୋଗ କରିବା ପରିବର୍ତ୍ତେ ଅନ୍ୟର ଦୁଃଖ ଖୋଜିବାରେ ନିଜ ଜୀବନ ବ୍ୟତୀତ କରନ୍ତି। ଯଦି ଆପଣଙ୍କ ଉନ୍ନତିରେ କେହି ବଡ଼ଲୋକ ଇର୍ଷା କରୁଛନ୍ତି ତେବେ ଜାଣି ରଖନ୍ତୁ ଯେ ଆପଣ ସଠିକ୍ ପଥରେ ଅଛନ୍ତି। ଏହିଭଳି ପରିସ୍ଥିତିରେ ଷଡ଼ଯନ୍ତ୍ରର ଜବାବ ଯୁକ୍ତିତର୍କରେ ନୁହେଁ ବରଂ ନିଜର ସଫଳତା ଦ୍ୱାରା ଦିଅନ୍ତୁ। ଆପଣଙ୍କ ହସ ଏବଂ ଅଧିକ ସଫଳତା ହିଁ ସେମାନଙ୍କ ପାଇଁ ସବୁଠାରୁ ଶକ୍ତ ଚାପୁଡ଼ା। ନିଜକୁ ଏମିତି ତିଆରି କରନ୍ତୁ ଯେମିତି ଦୁନିଆ ଆପଣଙ୍କୁ ହରାଇବା ପାଇଁ ଚେଷ୍ଟା ନୁହେଁ ବରଂ ଷଡ଼ଯନ୍ତ୍ର କରିବାକୁ ବାଧ ହେବ। ଏହା ହିଁ ଆପଣଙ୍କ ବ୍ୟକ୍ତିତ୍ୱର ବିଜୟ ହେବ। ଇର୍ଷାନ୍ୱିତ ବ୍ୟକ୍ତି ସବୁବେଳେ ଚାହାଁନ୍ତି ଆପଣ ରାଗନ୍ତୁ କିମ୍ବା ଭୁଲ୍ କରନ୍ତୁ। ଶାନ୍ତ ରହିବା ହିଁ ସେମାନଙ୍କର ସବୁ ଯୋଜନାକୁ ପଣ୍ଡ କରିଦେବ। ତେବେ ବଡ଼ଲୋକ ହେବା ଏକ ସାମାଜିକ ସ୍ଥିତି ହୋଇପାରେ କିନ୍ତୁ ମହାନ ହେବା ଏକ ମାନସିକ ସ୍ଥିତି। ଜଣେ ପ୍ରକୃତ ବଡ଼ଲୋକ ସେ ହୋଇଥାଏ ଯିଏ ଅନ୍ୟକୁ ବଡ଼ ହେବାରେ ସାହାଯ୍ୟ କରେ। ଇର୍ଷା କେବଳ ବ୍ୟକ୍ତିକୁ ନୁହେଁ ବରଂ ସମ୍ପର୍କ ଏବଂ ସମାଜକୁ ମଧ ପୋଡ଼ି ପାଉଁଶ କରିଦିଏ। ତେଣୁ ଇର୍ଷାର ଅନ୍ଧକାରରେ ନ ରହି ପ୍ରଶଂସାର ଆଲୋକରେ ବଞ୍ଚିବା ହିଁ ଜୀବନର ସାର୍ଥକତା ହୋଇଥାଏ। ସଫଳତା ଯେତେବେଳେ ଆସେ ସେତେବେଳେ ଶତ୍ରୁ ଆପେ ଆପେ ସୃଷ୍ଟି ହୁଅନ୍ତି କିନ୍ତୁ ମନେ ରଖନ୍ତୁ ପଥର ସେହି ଗଛ ଉପରକୁ ହିଁ ମରାଯାଏ ଯେଉଁଥିରେ ମିଠା ଫଳ ଫଳିଥାଏ। ତେଣୁ ବଡ଼ଲୋକଙ୍କ ଇର୍ଷାକୁ ନିଜର ପ୍ରଗତିର ଏକ ପରିମାପକ ଭାବେ ଗ୍ରହଣ କରି ଆଗକୁ ବଢ଼ିବା ଉଚିତ।

ଯୁବ ସାମ୍ବାଦିକା
ଦିପ୍ତିମୟୀ ନାୟକ
୯୦୯୦୬୬୧୫୮୬
ଅନ୍ଧାରୁଆ, ଭୁବନେଶ୍ୱର

# ରାମାନନ୍ଦଙ୍କ ରାମାୟଣ



ବିଜନ କୁମାର ମହାପାତ୍ର

ମହାକାବ୍ୟ ରାମାୟଣ ଉପରେ ନିର୍ମିତ ହେଉଛି ଆଉ ଏକ ଚଳଚ୍ଚିତ୍ର। ରାମାୟଣ କଥାବସ୍ତୁ ଉପରେ ଏକ ବିଶାଳ କାନଭାସରେ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ନିତେଶ ତିୱାରୀ (ଦଙ୍ଗଲ, ଛିଛୋରେ ଫେମ୍)। ନମିତ ମାଲହୋତ୍ରାଙ୍କ ପ୍ରଯୋଜନାରେ ନିର୍ମିତ ହେଉଥିବା ରାମାୟଣ ଦୁଇଟି ଭାଗରେ ମୁକ୍ତିଲାଭ କରିବ। ଏ ବର୍ଷ ଦୀପାବଳିରେ ମୁକ୍ତିଲାଭ କରିବ ରାମାୟଣର ପ୍ରଥମ ଭାଗ। ଆନ୍ତର୍ଜାତିକ ଦର୍ଶକଙ୍କୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି ରାମାୟଣ, ଯାହାର କି ପ୍ରଥମ ଟିଜର୍ କିଛି ଦିନ ତଳେ ରିଲିଜ କରାଯାଇଛି। ରଣବୀର କପୁର ରାମ ଭୂମିକାରେ ଅଭିନୟ କରୁଥିବା ବେଳେ ସୀତା ଭୂମିକାରେ ଅଛନ୍ତି ଦକ୍ଷିଣ ଭାରତର ଲୋକପ୍ରିୟ ଅଭିନେତ୍ରୀ ସାଇ ପଲ୍ଲବୀ। ରାବଣ ଭୂମିକାରେ କନ୍ନଡ ଷ୍ଟାର ୟଶ୍ ଓ ହନୁମାନ ଭୂମିକାରେ ସନି ଦେଓଲ ଅଭିନୟ କରୁଛନ୍ତି। ହଲିଉଡର ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ହାନ୍ସ ଝିମର ଓ ଏ.ଆର ରହମନ ମିଳିତ ଭାବେ ରାମାୟଣର ସଂଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏମିତି ତ ଭାରତରେ ରାମାୟଣ ଉପରେ ଅନେକ ଚଳଚ୍ଚିତ୍ର ଓ ଟିଭି ଧାରାବାହିକ ନିର୍ମାଣ କରାଯାଇଛି। କିନ୍ତୁ ରାମାୟଣ କଥା ପଡ଼ିଲେ ରାମାନନ୍ଦ ସାଗରଙ୍କ ନିର୍ଦ୍ଦେଶିତ ମେଗା ଧାରାବାହିକ କଥା ହିଁ ମନେପଡେ। ଅଶୀ ଦଶକର ଶେଷ ଭାଗରେ ଦୂରଦର୍ଶନରେ ପ୍ରସାରିତ ହୋଇଥିବା ରାମାନନ୍ଦ ସାଗରଙ୍କ ରାମାୟଣର ଲୋକପ୍ରିୟତା ଆଜି ବି ବଜାୟ ରହିଛି। ୨୦୨୦ରେ କୋଭିଡ ମହାମାରୀ ବେଳେ ଦୂରଦର୍ଶନ ରାମାୟଣର ପୁନଃ ପ୍ରସାରଣ କରିଥିଲା। ପୁନଃ ପ୍ରସାରଣରେ ମଧ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଥିଲା ରାମାୟଣ। ଉନ୍ନତ ବୈଷୟିକ ଜ୍ଞାନକୌଶଳ ଓ ସ୍ପେଶାଲ ଇଫେକ୍ଟସ ସହ ରାମାୟଣ ଏକାଧିକ ଥର ଛୋଟ ପରଦା ପାଇଁ ନିର୍ମିତ ହୋଇଛି। କିନ୍ତୁ ଲୋକପ୍ରିୟତାରେ ରାମାନନ୍ଦ ସାଗରଙ୍କ ରାମାୟଣକୁ କେହି ଟପି ପାରିନାହାନ୍ତି। ରାମାନନ୍ଦଙ୍କ ରାମାୟଣ ଆଜି ବି ଦର୍ଶକଙ୍କ ମଧରେ ସୃଷ୍ଟି କରେ ଏକ ଅପୂର୍ବ ପୁଲକ। ଏହି ମେଗା ଧାରାବାହିକ ସହ ଜଡିତ ରହିଛି ଅନେକ ସ୍ମୃତି ଓ ରୋମାଂଚକର ତଥ୍ୟ।

ରାମାୟଣ ଉପରେ ଏକ ମେଗା ଟିଭି ଧାରାବାହିକ ନିର୍ମାଣ କରିବା ପୂର୍ବରୁ ରାମାନନ୍ଦ ସାଗର ହିନ୍ଦି ଫିଲ୍ମ ଇଣ୍ଡଷ୍ଟ୍ରିର ଥିଲେ ଜଣେ ସଫଳ ନିର୍ମାତା ନିର୍ଦ୍ଦେଶକ। ଚଳଚ୍ଚିତ୍ର ଦୁନିଆରେ ପ୍ରବେଶ କରିବା ପୂର୍ବରୁ ରାମାନନ୍ଦ ସାଗର ଜଣେ ସାମ୍ବାଦିକ ଓ ସାହିତ୍ୟିକ ଭାବେ ପରିଚିତ ଥିଲେ। ପ୍ରସିଦ୍ଧ ପୃଥ୍ୱୀ ଥିଏଟର ସହ ଜଡିତ ଥିଲେ ରାମାନନ୍ଦ ସାଗର। ୧୯୪୯ ମସିହାରେ ରିଲିଜ ହୋଇଥିବା ରାଜ କପୁରଙ୍କ ଅଭିନୀତ ଓ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ବରସାତ'ର କାହାଣୀ ଓ ଚିତ୍ରନାଟ୍ୟ ଲେଖି ଚର୍ଚ୍ଚାର ପରିସରକୁ ଆସିଥିଲେ ରାମାନନ୍ଦ ସାଗର। ଅନ୍ୟ କିଛି ଫିଲ୍ମର କାହାଣୀ ଓ ଚିତ୍ରନାଟ୍ୟ ମଧ ଲେଖିଲା ପରେ ସାଗର ଫିଲ୍ମ ପ୍ରାଇଭେଟ ଲିମିଟେଡ୍ ( ପରବର୍ତ୍ତୀ ସମୟରେ ସାଗର ଆର୍ଟସ ) ନାମରେ ନିଜର ପ୍ରଯୋଜନା କମ୍ପାନି ପ୍ରତିଷ୍ଠା କରିଥିଲେ ରାମାନନ୍ଦ। ଏହି ବ୍ୟାନର ତଳେ ଅନେକ ହିନ୍ଦି ଫିଲ୍ମର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ ସାଗର। ଷାଠିଏ ଓ ସତୁରୀ ଦଶକରେ ଘୁଙ୍ଗଟ୍, ଆରଜୁ, ଜିନ୍ଦେଗୀ, ଆଖେଁ, ଗୀତ୍, ଲଲକାର, ଚରସ୍, ପ୍ରେମ ବନ୍ଧନ ଓ ଭଗଭତ ଭଳି ସଫଳ ଫିଲ୍ମର ନିର୍ଦ୍ଦେଶକ ଥିଲେ ରାମାନନ୍ଦ ସାଗର।

୧୯୭୭ ମସିହାର କଥା। ସ୍ୱିଜରଲାଣ୍ଡରେ ଫିଲ୍ମ 'ଚରସ୍'ର ସୁଟିଂ ବେଳେ ଏକ କାଫେରେ ଥିବା ରଂଗୀନ ଟେଲିଭିଜନରେ ଏକ ମନୋରଂଜନ କାର୍ଯ୍ୟକ୍ରମ ଦେଖି ବେଶ୍ ପ୍ରଭାବିତ ହୋଇଥିଲେ ରାମାନନ୍ଦ ସାଗର। ଟିଭି ମାଧମରେ ବି ଦର୍ଶକଙ୍କ ମନୋରଂଜନ କରାଯାଇପାରିବ ବୋଲି ହୃଦବୋଧ କରି ଫିଲ୍ମ ନିର୍ମାଣରୁ ଟେଲିଭିଜନ ପ୍ରଯୋଜନା କ୍ଷେତ୍ରରେ ପ୍ରବେଶ ପାଇଁ ନିଷ୍ପତ୍ତି ନେଇଥିଲେ ରାମାନନ୍ଦ। ଏ କଥା ତାଙ୍କ ପୁଅ ପ୍ରେମ ସାଗର ବାପାଙ୍କ ଉପରେ ଲେଖିଥିବା ଜୀବନୀ ପୁସ୍ତକ 'ଏନ୍ ଏପିକ ଲାଇଫ୍ : ରାମାନନ୍ଦ ସାଗର : ଫ୍ରମ୍ ବରସାତ୍ ଟୁ ରାମାୟଣ'ରେ ଉଲ୍ଲେଖ କରିଛନ୍ତି। ରାମାନନ୍ଦ ସାଗର ଥିଲେ ଜଣେ ରାମ ଭକ୍ତ। ତେଣୁ ରାମାୟଣକୁ



ଟିଭି ଧାରାବାହିକ ଭାବେ ଘରେ ପହଂଚାଇବାକୁ ସେ ସ୍ଥିର କରିଥିଲେ। ରାମାନନ୍ଦଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା ରାମାୟଣ। ରାମାୟଣ ଧାରାବାହିକ ନିର୍ମାଣ କରିବା ପୂର୍ବରୁ ବ୍ୟାପକ ଗବେଷଣା କରିଥିଲେ ରାମାନନ୍ଦ ସାଗର। ୧୪ଟି ରାମାୟଣ ଅଧ୍ୟୟନ କରିଥିଲେ। ଶେଷରେ ବାଲ୍ମୀକି ରାମାୟଣ ଓ ତୁଳସୀ ଦାସଙ୍କ ରାମଚରିତ ମାନସକୁ ଆଧାର ଭାବେ ନେଇ ନିଜର ଡ୍ରିମ୍ ପ୍ରୋଜେକ୍ଟକୁ ବାସ୍ତବ ରୂପ ଦେବା ପାଇଁ ପ୍ରୟାସ ଆରମ୍ଭ କଲେ ରାମାନନ୍ଦ। ତେବେ ରାମାୟଣ ଭଳି ବିଶାଳ ଧର୍ମଗ୍ରନ୍ଥକୁ ଟେଲିଭିଜନ ଧାରାବାହିକରେ ରୂପାନ୍ତରିତ ପାଇଁ ଅର୍ଥ ଯୋଗାଡ ଥିଲା ବଡ ସମସ୍ୟା। ଦେଶବିଦେଶରେ ରହୁଥିବା ସମ୍ଭ୍ରାନ୍ତ ବନ୍ଧୁମାନଙ୍କୁ ନିଜର ଡ୍ରିମ ପ୍ରୋଜେକ୍ଟ ପାଇଁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଥିଲେ ରାମାନନ୍ଦ। ହେଲେ ଭାରତରେ ଆଉ 'ମୁକୁଟ ଓ ନିଶବାଲା' ପୌରାଣିକ ଧାରାବାହିକ ଚାଲିବ ନାହିଁ ବୋଲି ବନ୍ଧୁମାନେ କହିବା ସହ ଆର୍ଥିକ ସହାୟତା ପାଇଁ ମନା କରିଦେଇଥିଲେ। ହେଲେ ହାର ମାନି ନଥିଲେ ରାମାନନ୍ଦ ସାଗର। ବୋଧହୁଏ ରାମାୟଣ ଧାରାବାହିକ ନିର୍ମାଣ କରିବା ତାଙ୍କ ଭାଗ୍ୟରେ ହିଁ ଲେଖା ଥିଲା।

ଉଲ୍ଲେଖଯୋଗ୍ୟ ଯେ, ରାମାୟଣ ପୂର୍ବରୁ ରାମାନନ୍ଦ ସାଗର ଦୂରଦର୍ଶନ ପାଇଁ ନିର୍ମାଣ କରିଥିଲେ 'ବିକ୍ରମ ଔର ବେତାଲ୍' ଧାରାବାହିକ। ଦର୍ଶକଙ୍କୁ ଏହି ଧାରାବାହିକ ପସନ୍ଦ ଆସିଥିଲା। ଏହି ଧାରାବାହିକର ସଫଳତା ପରେ ରାମାୟଣ ପାଇଁ ପ୍ରଯୋଜକ ମିଳିଥିଲେ।

ରାମାନନ୍ଦ ରାମାୟଣ ଧାରାବାହିକ ନିର୍ମାଣ କରୁଥିବା ବେଳେ କେନ୍ଦ୍ରରେ ଥିଲା ରାଜୀବ ଗାନ୍ଧି ନେତୃତ୍ୱାଧୀନ କଂଗ୍ରେସ ସରକାର। ରାମାୟଣ ପ୍ରସାରଣ ପ୍ରସ୍ତାବକୁ କିଛି ମନ୍ତ୍ରୀ ଓ ନେତା ବିରୋଧ କରିଥିଲେ। ଦୂରଦର୍ଶନ ଭଳି ଏକ ସରକାରୀ ଗଣମାଧମରେ ଏକ ହିନ୍ଦୁ ପୌରାଣିକ ଧାରାବାହିକର ପ୍ରସାରଣ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ। ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭି.ଏନ ଗାଡଗିଲ ମଧ ରାମାୟଣ ପ୍ରସାରଣ ନେଇ କୁଣ୍ଠା ପ୍ରକାଶ କରିଥିଲେ। ତେବେ ସେତେବେଳର ରାଜନୈତିକ ପରିସ୍ଥିତି ଓ ଶାହା ବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ରଦ୍ଦ କରିବା ପରେ ରାଜୀବ ଗାନ୍ଧି ସରକାର ବିରୋଧରେ ଆସିଥିଲା ସଂଖ୍ୟାଲଘୁ ତୁଷ୍ଟୀକରଣ ଅଭିଯୋଗ। ହିନ୍ଦୁ ଭୋଟ୍ ହରାଇବା ଆଶଙ୍କାରେ ମତଭେଦ ସତ୍ତ୍ୱ ରାମାୟଣ ଧାରାବାହିକକୁ ଦୂରଦର୍ଶନରେ ପ୍ରସାରଣ ପାଇଁ ସବୁଜ ସଙ୍କେତ ଦେଇଥିଲେ ରାଜୀବ ସରକାର। ସେତେବେଳେ ରାମାୟଣର ପ୍ରତି ଏପିସୋଡ ପିଚ୍ଛା ଖର୍ଚ୍ଚ ଥିଲା ୯ ଲକ୍ଷ ଟଙ୍କା, ଯାହା କି ଆଜିର ସମୟରେ ୧ କୋଟି ଟଙ୍କାରୁ ଅଧିକ ହେବ। ୧୯୮୭ ଜାନୁଆରୀ ୨୫ରେ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା ରାମାନନ୍ଦ ସାଗରଙ୍କ ନିର୍ଦ୍ଦେଶିତ ରାମାୟଣର ଧାରାହାକିର ପ୍ରଥମ ଏପିସୋଡ୍। ପ୍ରଥମେ ୨୬ଟି ଏପିସୋଡକୁ ମିଳିଥିଲା ଅନୁମତି। କିନ୍ତୁ ଦେଶବ୍ୟାପୀ ଅଭୁତପୂର୍ବ ସଫଳତା ପରେ ଏପିସୋଡ ସଂଖ୍ୟା ଦୁଇଟି ପର୍ଯ୍ୟାୟରେ ବୃଦ୍ଧି କରାଯାଇଥିଲା। ୧୯୮୭ ଜାନୁଆରୀ ୨୫ରୁ ୧୯୮୮ ଜୁଲାଇ ୩୧ ଯାଏଁ ରାମାୟଣର ମୋଟ ୭୮ଟି ଅଧ୍ୟାୟ ନିରବଚ୍ଛିନ୍ନ ଭାବେ ପ୍ରତି ରବିବାର ସାଢେ ୯ଟାରେ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ଭାରତୀୟ ଟେଲିଭିଜନ ଇତିହାସରେ ଏକାଧିକ ନୂଆ ରେକର୍ଡ ସୃଷ୍ଟି କରିଥିଲା ରାମାନନ୍ଦଙ୍କ ରାମାୟଣ। ଧାରାବାହିକର ପ୍ରଥମ ପ୍ରସାରଣକୁ ଦେଖିଥିଲେ ୪୦ ନିୟୁତ ଦର୍ଶକ। ରାମାୟଣର ମୋଟ ୭୮ଟି ଏପିସୋଡରୁ ୨୩ କୋଟି ଟଙ୍କାର ରାଜସ୍ୱ ଲାଭ କରିଥିଲା ଦୂରଦର୍ଶନ। ୫୦ରୁ ଅଧିକ ଦେଶର ରାମାନନ୍ଦ ସାଗର ରାମାୟଣ ପ୍ରସାରିତ ହୋଇସାରିଛି। ଉଭୟ ଟିଭି ଓ ସିନେମା ପାଇଁ ବ୍ୟୟବହୁଳ ଓ ଭବ୍ୟ ରାମାୟଣ ନିର୍ମାଣ ହୋଇଛି। କିନ୍ତୁ ରାମାନନ୍ଦ ସାଗରଙ୍କ ରାମାୟଣକୁ କେହି ଭୁଲି ପାରିନାହାନ୍ତି।

ଉମା ନଗର (ଚତୁର୍ଥ ଗଳି)
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮
ମୋ-୮୮୪୭୮୪୨୪୨୪

# 'ଯୁଦ୍ଧବିରତି ପରେ ହର୍ମୁଜ୍ ପ୍ରଣାଳୀର ଅସ୍ଥାୟୀ ସମାଧାନ'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଧ୍ୟପ୍ରାଚ୍ୟକୁ ବିଶ୍ୱର ସବୁଠାରୁ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହାର ତୈଳ ସମ୍ପଦ, ଧାର୍ମିକ ସଂଘର୍ଷ ଏବଂ ଭୂରାଜନୈତିକ ସ୍ୱାର୍ଥ ଏହାକୁ ନିରନ୍ତର ଉତ୍ତେଜନାର କେନ୍ଦ୍ର କରିଆସିଛି। ଗତ କିଛି ଦିନ ହେବ ଇରାନ୍, ଇସ୍ରାଏଲ ଓ ଆମେରିକା ସହିତ କିଛି ଖାଡି ଦେଶର ଉତେଜନା କ୍ରମନ୍ୱୟରେ ଚାଲିଛି। ଫଳସ୍ୱରୂପ, ଇରାନ ଏବଂ ଅନ୍ୟାନ୍ୟ ଦେଶ ମଧ୍ୟରେ ଯେଉଁ ସଂଘର୍ଷ ଚାଲଛି ତାହା କେବଳ ଆଞ୍ଚଳିକ ନୁହେଁ ବରଂ ବିଶ୍ୱସ୍ତରୀୟ ପ୍ରଭାବ ମଧ ରହିଛି।

ଏହି ସଂଘର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ ହେଉଛି ହର୍ମୁଜ୍ ପ୍ରଣାଳୀ, ଯାହାକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ଭାବରେ ବିବେଚନା କରାଯାଏ। ତେବେ ଏହି ମଧ୍ୟପ୍ରାଚ୍ୟ ଯୁଦ୍ଧବିରତି ଘୋଷଣା ହେବାଦ୍ୱାରା ଫଳସ୍ୱରୂପ, ଇରାନ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତାର ଭାବନା ଆଣିଛି। ଏହା କେବଳ ଏକ ନିୟମିତ ଘଟଣା ନୁହେଁ, ବରଂ ବିଶ୍ୱ ଆର୍ଥିକ ବ୍ୟବସ୍ଥା, ତୈଳ ବଜାର ଏବଂ ରାଜନୈତିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼। ହର୍ମୁଜ୍ ପ୍ରଣାଳୀ ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରେ। ବିଶ୍ୱର ପ୍ରାୟ ୨୦ ରୁ ୩୦ ପ୍ରତିଶତ ତୈଳ ପ୍ରତିଦିନ ଏହି ପ୍ରଣାଳୀ ମାଧମରେ ପରିବହନ ହୁଏ, ଯାହା ଏହାକୁ ବିଶ୍ୱର ତୈଳ ଜୀବନରେଖା ଭାବରେ ପରିଚିତ କରାଏ। ଯଦି ଏହି ପ୍ରଣାଳୀ ବନ୍ଦ ହୁଏ, ତେବେ ଏହା ବିଶ୍ୱ ତୈଳ ଯୋଗାଣ ଉପରେ ଏକ ବିନାଶକାରୀ ପ୍ରଭାବ ପକାଇବ। ଏହି ପ୍ରଭାବ ଭାରତ, ଚୀନ୍ ଏବଂ ଜାପାନ ଭଳି ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ ସବୁଠାରୁ ଅଧିକ ପଡ଼ିଛି।

ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ସଂଘର୍ଷ ଯୋଗୁଁ ଇରାନ ଅସ୍ଥାୟୀ ଭାବରେ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିଲା। ଏହା ଏହାର ରାଜନୈତିକ ଶକ୍ତି ପ୍ରଦର୍ଶନ କରିଥିଲା। ଏହି ସମୟରେ, ବିଶ୍ୱ ବଜାରରେ ତୈଳ ମୂଲ୍ୟ ବହୁତ ବୃଦ୍ଧି ପାଇଥିଲା। ଏହି ପଦକ୍ଷେପ ଏହି ବାର୍ତ୍ତା ଦେଇଥିଲା ଯେ ଯଦି ଏହା ଇଚ୍ଛା କରେ ତେବେ ସେ ବିଶ୍ୱ ଆର୍ଥିକ ପ୍ରବାହକୁ ଅବରୋଧ କରିପାରିବ। ଏହାର ଜବାବରେ, ଆମେରିକା ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନେ ଚିନ୍ତିତ ହୋଇଥିଲେ। ଫଳ ସ୍ୱରୁପ ଆମେରିକା ଦୁଇ ସପ୍ତାହ ପାଇଁ ଯୁଧ ବିରତି ଘୋଷଣା କରିଥିଲା। ଏହି ଯୁଦ୍ଧବିରତି ପରେ ଏବେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଛି। ଅନ୍ତର୍ଜାତୀୟ ଚାପ, ଆର୍ଥିକ ଚାପ ଏବଂ କୂଟନୈତିକ ଆଲୋଚନାର ଫଳସ୍ୱରୂପ, ଇରାନ ଏକ ସକାରାତ୍ମକ ପଦକ୍ଷେପ ନେଇଛି ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁଣି ଥରେ ଖୋଲିଛି। ଏହି ପଦକ୍ଷେପ ପଛରେ ଅନେକ ପ୍ରମୁଖ କାରଣ ଅଛି ଯଥା, ଦୀର୍ଘ ସମୟ ଏହା ଧରି ବନ୍ଦ ରହିବା ଯୋଗୁଁ ଇରାନ ନିଜେ ଆର୍ଥିକ କ୍ଷତି ମଧ ସହୁଥିଲା। ବିଭିନ୍ନ ଦେଶ ଏବଂ ସଂଗଠନ ଏହାକୁ ପୁଣି ଥରେ ଖୋଲିବା ପାଇଁ ଇରାନ ଉପରେ ଚାପ ପକାଇଥିଲେ।

ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ବିଶ୍ୱ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ଏହି ପ୍ରଣାଳୀ ଖୋଲିବା ଦ୍ୱାରା ତୈଳ ଯୋଗାଣ ସ୍ୱାଭାବିକ ହୋଇଛି ଏବଂ ବଜାର ମୂଲ୍ୟ ହ୍ରାସ ପାଇଛି। ବିଶ୍ୱ ବାଣିଜ୍ୟ ପୁଣି ସକ୍ରିୟ ହୋଇଛି। ଅନେକ ଦେଶ ସେମାନଙ୍କର ଆମଦାନୀ ଓ ରପ୍ତାନି କାର୍ଯ୍ୟକଳାପକୁ ସ୍ୱାଭାବିକ କରିପାରିଛନ୍ତି। ଯୁଦ୍ଧ ଦ୍ୱାରା ଅସ୍ଥିର ହୋଇଥିବା ବିଶ୍ୱ ଅର୍ଥନୀତି ପୁନର୍ବାର ସ୍ଥିରତା ହାସଲ କରିଛି। ଭାରତ ବିଗତ କିଛି ଦିନ ଧରି ତୈଳ ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ। ଏକ ପ୍ରମୁଖ ତୈଳ ଆମଦାନୀକାରୀ ଭାବରେ, ଭାରତ ହର୍ମୁଜ୍ ପ୍ରଣାଳୀ ଉପରେ ବହୁଳ ଭାବରେ ନିର୍ଭରଶୀଳ। ଇରାନର ଏହି ପଦକ୍ଷେପ ଏହାର ରାଜନୈତିକ ନୀତିରେ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହା ଦର୍ଶାଏ ଯେ ସେ କେବଳ ଶକ୍ତି ପ୍ରଦର୍ଶନ କରିବା ଶିଖିଛି ତାହା ନୁହଁ ବରଂ ଶାନ୍ତି ଏବଂ ସମନ୍ୱୟକୁ ପ୍ରାଥମିକତା ମଧ ଦେଇପାରେ। ଏହା ମଧ ଦର୍ଶାଏ ଯେ ଅନ୍ତର୍ଜାତୀୟ ରାଜନୀତି ଏବଂ କୂଟନୈତିକ ପ୍ରୟାସ ଏପର୍ଯ୍ୟନ୍ତ ପ୍ରଭାବଶାଳୀ।

ଯଦିଓ ଏହି ବ୍ୟବସ୍ଥା ଖୋଲିଛି ତଥାପି ଆଗକୁ କିଛି ଚ୍ୟାଲେଞ୍ଜ ରହିଛି। ଏହା ଆଗକୁ କେଉଁ ରୂପ ନେଇପାରେ ତାହା ପୂର୍ବାନୁମାନ କରିବା ଅସମ୍ଭବ। କାରଣ ଏବେ ବି କିଛି କ୍ଷେତ୍ରରେ ପୁନଃ ଉତ୍ତେଜନାର ସମ୍ଭାବନା ରହିଛି ଆଉ ଚାଲିଛି ମଧ। ରାଜନୈତିକ ଅବିଶ୍ୱାସ ଏବଂ ଅର୍ଥନୈତିକ ପ୍ରତିଯୋଗିତା ଏହାର ପଛରେ ପ୍ରେରଣାଦାୟକ ଶକ୍ତି। ଏଥିପାଇଁ ଦୀର୍ଘକାଳୀନ ଶାନ୍ତି ଏବଂ ସମନ୍ୱୟ ଆବଶ୍ୟକ। ଯୁଦ୍ଧବିରତି ପରେ ଇରାନ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ବିଶ୍ୱ ପାଇଁ ଭଲ ଖବର। ଏହା ବିଶ୍ୱ ଆର୍ଥିକ ସ୍ଥିରତା ପୁନଃସ୍ଥାପିତ କରିଛି ଏବଂ ଶାନ୍ତିର ବାର୍ତ୍ତା ମଧ ଦେଇଛି। ଏହା ପ୍ରମାଣିତ କରେ ଯେ ଯୁଦ୍ଧ କେବେବି ସ୍ଥାୟୀ ସମାଧାନ ନୁହେଁ ବରଂ ଆଲୋଚନା, ସହଯୋଗ ଏବଂ ବିଶ୍ୱାସ ହେଉଛି ଶାନ୍ତିର ପଥ। ଯଦି ସମସ୍ତ ଦେଶ ଆଗାମୀ ଦିନରେ ଏହି ପଦ୍ଧତି ଗ୍ରହଣ କରନ୍ତି, ତେବେ ବିଶ୍ୱରେ ଶାନ୍ତି ଏବଂ ସମୃଦ୍ଧି ସୁନିଶ୍ଚିତ ହେବ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬



ଆଜି ପାକିସ୍ତାନରେ ଶାନ୍ତି ଆଲୋଚନା

# ସୁରକ୍ଷା ଯାଞ୍ଚ ପାଇଁ ପହଞ୍ଚିଛନ୍ତି ଆମେରିକୀୟ ଟିମ୍




ନୂଆଦିଲ୍ଲୀ,୧୦।୪: ୪୦ ଦିନର ଯୁଦ୍ଧ ପରେ ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହର ଯୁଦ୍ଧବିରତି ହୋଇଛି। ଏହାକୁ ନେଇ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଶନିବାର ପ୍ରଥମ ବୈଠକ ବସିବାକୁ ଯାଉଛି। ଏଥିରେ ଇରାନ ପକ୍ଷରୁ ବାଚସ୍ପତି ମହମ୍ମଦ ବାଘେର ଗାଲିବଫ ଏବଂ ଆମେରିକା ତରଫରୁ ଉପରାଷ୍ଟ୍ରପତି ଜେ ଡି ଭାନ୍ସ ପ୍ରତିନିଧିତ୍ୱ କରିବେ। ବୈଠକରେ ଯୁଦ୍ଧବିରତିକୁ ନେଇ ଠୋସ ଯୋଜନା ବନାଇବା ଏବଂ ସବୁ ବିବାଦର ଅନ୍ତ ଘଟାଇବା ସଂକ୍ରାନ୍ତରେ ବ୍ୟାପକ ଆଲୋଚନା ହେବ। ଏହି ଐତିହାସିକ ବୈଠକ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ତେଣୁ ପାକିସ୍ତାନ ତରଫରୁ ଏହି ବୈଠକ ନିମନ୍ତେ ବ୍ୟାପକ ପ୍ରସ୍ତୁତି ହୋଇଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନେକ ସଡ଼କ ବନ୍ଦ କରାଯାଇ ଟ୍ରାଫିକ୍ ନିୟମ କଡ଼ାକଡ଼ି କରାଯାଇଛି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଅସିମ ମୁନିରଙ୍କ ଅପିଲ୍ ପରେ ଆମେରିକା ଯୁଦ୍ଧବିରତି ପାଇଁ ରାଜି ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ। ତେଣୁ ବର୍ତ୍ତମାନ ପାକିସ୍ତାନର ଭୂମିକା ବଢ଼ିଯାଇଛି। ସୁରକ୍ଷା ବ୍ୟବସ୍ଥା ପରଖିବା ପାଇଁ ଆମେରିକାରୁ ୩୦ ସଦସ୍ୟ ବିଶିଷ୍ଟ ଏକ ଟିମ୍ ଇସଲାମାବାଦରେ ପହଞ୍ଚିଛି। ଏହି ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଯାଞ୍ଚ କରିଛି। ପ୍ରସ୍ତୁତି ନେଇ ବିଭିନ୍ନ ଅଧିକାରୀଙ୍କ ସହ ସେମାନଙ୍କର ପ୍ରତ୍ୟକ୍ଷ ଆଲୋଚନା ବି ହୋଇଛି। ପାକିସ୍ତାନର ଗୃହ ମନ୍ତ୍ରୀ ମୋହସିନ ନକଭି ଆମେରିକୀୟ ଟିମରେ ନେତୃତ୍ୱ ନେଉଥିବା ନ୍ୟାଟଲୀ ବେକରଙ୍କ ସହ ସିଧାସଳଖ କଥା ହୋଇଛନ୍ତି। ସମସ୍ତ ବିଦେଶୀ ଅତିଥିଙ୍କୁ ସବୁ ପ୍ରକାର ସୁରକ୍ଷା ଯୋଗାଇବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଥିବା ନକଭି କହିଛନ୍ତି।

ସୂତ୍ର ମୁତାବକ, ରେଡ୍ ଜୋନ୍ ଭିତରେ ଥିବା ଏକ ହୋଟେଲକୁ ବିଦେଶୀ ପ୍ରତିନିଧିଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ଖାଲି କରାଯାଇଛି। ହୋଟେଲ ପରିସର ଏବଂ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ବିଦେଶୀ ପ୍ରତିନିଧି ପହଞ୍ଚିବା ପରେ ରେଡ୍ ଜୋନ୍‌କୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରି ଦିଆଯିବ। ରାଜଧାନୀକୁ ଯୋଡୁଥିବା କିଛି ରାସ୍ତା ବି ବନ୍ଦ ରହିବ। ପ୍ରତିନିଧିଙ୍କ ରହଣି ଏବଂ ବୈଠକ ବେଳେ ସେମାନଙ୍କୁ 'ବ୍ଲୁ ବୁକ୍' ଅନୁସାରେ ଭିଭିଆଇପି ପ୍ରୋଟୋକଲ୍ ଦିଆଯିବ। ଇସଲାମାବାଦର ରେଡ୍ ଜୋନରେ ଅନେକ ଗୁରୁତ୍ୱପୂର୍ଣ୍ଣ କୋଠା, ହୋଟେଲ, ବିଦେଶୀ ଦୂତାବାସ ଏବଂ ପ୍ରମୁଖ ନେତାଙ୍କ ସରକାରୀ ବାସଭବନ ରହିଛି। ସମସ୍ତ ଉଦ୍ଧାରକାରୀ ବିଭାଗ ଏବଂ ହସ୍ପିଟାଲକୁ ହାଇ ଆଲର୍ଟରେ ରଖାଯାଇଛି। ଏହାଛଡ଼ା ସମସ୍ତ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସି ଏବଂ ସୁରକ୍ଷା ବଳ ସକ୍ରିୟ ଭାବେ ମୁତୟନ ହୋଇଛନ୍ତି।



## ୧୮ ହଜାର ବୋମା ମାଡ କରିଛି ଇସ୍ରାଏଲ

### ଇରାନର ୪ହଜାର ଠିକଣାକୁ ଟାର୍ଗେଟ କରାଯାଇଛି

### ଆସନ୍ତା ସପ୍ତାହରେ ଇସ୍ରାଏଲ-ଲେବାନନ ଆଲୋଚନା

ଇସ୍ରାଏଲ,୧୦।୪: ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ଫେବ୍ରୁଆରି ୨୮ରୁ ଯୁଦ୍ଧ ଆରମ୍ଭ କରିଥିବାବେଳେ ଏକୁଟିଆ ତେଲ ଅଭିଭ ତେହେରାନ ଉପରେ ୧୮ହଜାର ବୋମା ମାଡ଼ କରିଛି। ଇସ୍ରାଏଲ ସେନାର ଏକ ରିପୋର୍ଟ ଅନୁଯାୟୀ ଇରାନର ୪୦୦୦ ରୁ ଅଧିକ ଠିକଣା ଉପରେ ଏହି ବୋମା ମାଡ଼ ହୋଇଥିଲା। ଏହି ଆକ୍ରମଣରେ ଇରାନର ସୈନ୍ୟ ଶକ୍ତି ତଥା ପ୍ରତିରକ୍ଷା ଭିତ୍ତିଭୂମି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି। ଇସ୍ରାଏଲ ୪୦ ଦିନର ଏହି ଯୁଦ୍ଧ 'ଅପରେସନ୍ ରୋରିଂ ଲାୟନ'ର ସବିଶେଷ ତଥ୍ୟ ରଖିଛି।

ଏହି ସମୟରେ ଇରାନର ବାୟୁସେନା ୮,୫୦୦ ଥର ଉଡ଼ାଣ କରିଥିଲା, ଏଥିରେ ୧୦୦୦ ଥର କେବଳ ଇରାନ ସୀମା ଭିତରେ ପଶି ଆକ୍ରମଣ କରାଯାଇଥିଲା। ଇସ୍ରାଏଲ ଇରାନର ୧୦,୮୦୦ ରୁ ଅଧିକ ଷ୍ଟ୍ରାଇକିଂ ପଏଣ୍ଟରେ ଆକ୍ରମଣ କରିଥିଲା, ଯେଉଁଥିରେ କେବଳ ୬,୭୦୦ ସାମରିକ ଭିତ୍ତିଭୂମି ରହିଥିଲା। ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଥିବାବେଳେ ଇସ୍ରାଏଲ ଆକ୍ରମଣ ବନ୍ଦ କରିନାହିଁ। ଇସ୍ରାଏଲ ଲଗାତର ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କରୁଛି।

ଇରାନ ଲେବାନନ୍ ଉପରେ ଆକ୍ରମଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛି। ତେବେ ଲେବାନନ୍ ସହିତ ଖୁବ୍‌ଶୀଘ୍ର ଆଲୋଚନା ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶ୍ୱାସନା ଦେଇଛନ୍ତି। ଲେବାନନ୍ ଉପରେ ଆକ୍ରମଣକୁ ନେଇ ଆମେରିକା ଓ ଇରାନ ମଧ୍ୟ ଯୁଦ୍ଧବିରତି ସୂତା ଖିଅରେ ଝୁଲିଛି। ଲେବାନନ୍ ବାରମ୍ବାର ଆଲୋଚନା ପାଇଁ ଅନୁରୋଧ କରୁଥିବାରୁ ନେତାନ୍ୟାହୁ ତାଙ୍କ କ୍ୟାବିନେଟ୍‌କୁ କଥାବାର୍ତ୍ତା ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହିଜବୁଲ୍ଲାକୁ ନିରସ୍ତ୍ର କରିବା ତଥା ଲେବାନନ ସହିତ ସୁସମ୍ପର୍କ ସ୍ଥାପନ କରିବା ଏହି ଆଲୋଚନାର ପ୍ରମୁଖ ବିଷୟ ହେବ ବୋଲି ନେତାନ୍ୟାହୁ କହିଛନ୍ତି। ତେବେ ଲେବାନନ୍ ସହିତ ଆଲୋଚନା ନ ହେବା ପର୍ଯ୍ୟନ୍ତ ହିଜବୁଲ୍ଲା ସହିତ ଯୁଦ୍ଧବିରତି ହେବ ନାହିଁ ବୋଲି ଇସ୍ରାଏଲ ଅଧିକାରୀ କହିଛନ୍ତି। ଆମେରିକାର ବିଦେଶ ବିଭାଗ କହିଛି ଯେ, ଇସ୍ରାଏଲ ଏବଂ ଲେବାନନ ଆସନ୍ତା ସପ୍ତାହରେ ୱାସିଂଟନରେ ଆଲୋଚନା ଆରମ୍ଭ କରିବେ। ୧୯୪୮ ମସିହାରେ ଇସ୍ରାଏଲ ପ୍ରତିଷ୍ଠିତ ହେବା ପରଠାରୁ ଦୁଇ ଦେଶ ବୈଷୟିକ ଭାବରେ ଯୁଦ୍ଧରେ ଅଛନ୍ତି।

କୁଏତ୍ ଘାଟିରେ ଆମେରିକାର ହୋଇଥିଲା ପରାଜୟ

# ଟ୍ରମ୍ପଙ୍କ ମିଛକୁ ପଦାରେ ପକାଇଲେ ସୈନିକ

କୁଏତ,୧୦।୪: ଇରାନ ସହ ଯୁଦ୍ଧବିରତି ଘୋଷଣା ହେବା ପରେ ଟ୍ରମ୍ପ ପ୍ରଶାସନର ରଣନୈତିକ ବିଫଳତାକୁ ନେଇ ଏକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି। ଗଣମାଧ୍ୟମ 'ସିବିଏସ'କୁ ଦେଇଥିବା ସାକ୍ଷାତକାରରେ କୁଏତ ଘାଟିରେ ମୁତୟନ ଥିବା ଜଣେ ସୈନିକ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥଙ୍କ ଦାବିକୁ ମିଥ୍ୟା ପ୍ରମାଣିତ କରିଛନ୍ତି। ଯବାନଙ୍କ କହିବା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଇରାନର ଯୋଜନାବଦ୍ଧ ବିମାନ ଆକ୍ରମଣରେ ଆମେରିକାର ୬ଜଣ ଯବାନ ସହିଦ ହୋଇଥିଲେ ଏବଂ ଆମେରିକା ଶୋଚନୀୟ ଭାବେ ପରାଜିତ ହୋଇଥିଲେ ବି ପ୍ରଶାସନ ପରାଜୟକୁ ଗୋପନ ରଖିବାକୁ ଚେଷ୍ଟା କରିଥିଲା। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧ରେ ଇରାନର ସର୍ବୋଚ୍ଚ ନେତାଙ୍କ ହତ୍ୟାର ପ୍ରତିଶୋଧ ସ୍ୱରୂପ କୁଏତର ୧୦୩ତମ ସଷ୍ଟେନମେଣ୍ଟ କମାଣ୍ଡ ଘାଟି ଉପରେ 'ଶାହେଦ୍ ଡ୍ରୋନ୍' କାଳ ସାଜି ମାଡ଼ି ଆସିଥିଲା। ଘାଟିଟି ସୁଦୃଢ଼ ଥିବା ପ୍ରଶାସନିକ ଦାବିକୁ ଖଣ୍ଡନ କରି ଯବାନମାନେ କହିଛନ୍ତି ଯେ, ସେଠାରେ ରକ୍ଷା ପାଇବାକୁ କୌଣସି ଆଶ୍ରୟସ୍ଥଳ ନଥିବାରୁ ୬୦ ଜଣ ସୈନିକ ଖୋଲା ପଡ଼ିଆରେ ନିରୁପାୟ ଥିଲେ। ଏହି ଭୟଙ୍କର ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଥିଲେ ଏବଂ ଘାଟିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଗୁଇନ୍ଦା ସୂଚନା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଅବହେଳା ଓ ପରାଜୟକୁ ଲୁଚାଇବାର ପ୍ରୟାସ ଏବେ ଟ୍ରମ୍ପ ପ୍ରଶାସନକୁ କାଠଗଡ଼ାରେ ଠିଆ କରିଛି।



ହର୍ମୁଜ ପ୍ରଣାଳୀ ପାଇଁ ହେବ ନୂଆ ବ୍ୟବସ୍ଥା

## ଆକ୍ରମଣକାରୀଙ୍କୁ ଦଣ୍ଡିତ କରାଯିବ: ମୋଜତବା

ତେହେରାନ,୧୦।୪: ଇରାନ ସର୍ବୋଚ୍ଚ ନେତା ମୋଜତବା ଅଲ୍ଲି ଖେମିନି ହର୍ମୁଜ୍ ପ୍ରଣାଳୀକୁ ନେଇ ତାଙ୍କ ଆଭିମୁଖ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ପରିବର୍ତ୍ତନର ସଙ୍କେତ ଦେଇଛନ୍ତି। ଇରାନର ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଏକ ବିବୃତିରେ, ଖେମିନି ଇରାନର ପ୍ରତ୍ୟେକ କ୍ଷତିର ହିସାବ ନେବାକୁ ଶପଥ ନେଇଛନ୍ତି। ସେ କହିଛନ୍ତି, ହର୍ମୁଜ ପ୍ରଣାଳୀର ପରିଚାଳନାରେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି। ଯେଉଁମାନେ ତାଙ୍କ ଦେଶ ଉପରେ ଆକ୍ରମଣ କରୁଛନ୍ତି ସେମାନଙ୍କୁ ଦଣ୍ଡିତ କରାଯିବ।

ପ୍ରତ୍ୟେକ କ୍ଷତି ପାଇଁ କ୍ଷତିପୂରଣ, ସହିଦଙ୍କ ରକ୍ତର ମୂଲ୍ୟ ଓ ଯୁଦ୍ଧ ଆହତଙ୍କ ପାଇଁ କ୍ଷତିପୂରଣ ଦାବି କରିବୁ ବୋଲି କହିଛନ୍ତି। ମୋଜତବା କହିଛନ୍ତି, ତାଙ୍କ ପିତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପବଦ୍ଧ। ଫେବ୍ରୁଆରି ୨୮ ଆମେରିକା - ଇସ୍ରାଏଲ ଆକ୍ରମଣରେ ଖେମିନିଙ୍କ ମୃତ୍ୟୁ ହୋଇଥିଲା। ମୋଜତବା କହିଛନ୍ତି, ଇରାନ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ନିଜ ଅଧିକାର ଛାଡ଼ିବ ନାହିଁ। ଆମେରିକା ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲେ ମଧ୍ୟ ହର୍ମୁଜ ପ୍ରଣାଳୀରେ ଟ୍ରାଫିକ ଚଳାଚଳ ନିୟନ୍ତ୍ରିତ ରହିବ।

ଯୁଦ୍ଧବିରତି ସର୍ତ୍ତାବଳୀ ଅନୁଯାୟୀ, ଇରାନ ପ୍ରତିଦିନ ୧୫ ରୁ ଅଧିକ ଜାହାଜକୁ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ କରିବାକୁ ଅନୁମତି ଦେବ ନାହିଁ ବୋଲି ଇସଲାମାବାଦରେ ଶାନ୍ତି ଆଲୋଚନା ପୂର୍ବରୁ ରୁଷିଆନ ଖବର ସଂସ୍ଥା ଟିଏଏସ୍ଏସ୍‌କୁ ଜଣେ ବରିଷ୍ଠ ଇରାନୀ ସୂତ୍ର କହିଛନ୍ତି। ପ୍ରତ୍ୟେକ ଯାତ୍ରୀ ପାଇଁ ଇରାନର ଅନୁମୋଦନ ଏବଂ ଏକ ନିର୍ଦ୍ଦିଷ୍ଟ ପ୍ରୋଟୋକଲ୍ ପାଳନ ଆବଶ୍ୟକ ହେବ। ଆଇଆରଜିସି ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ଏହି ନୂତନ ନିୟାମକ ଢାଞ୍ଚା ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଅନ୍ୟ ଦେଶଗୁଡ଼ିକୁ ଜଣାଇ ଦିଆଯାଇଛି। ହର୍ମୁଜ ପ୍ରଣାଳୀ ଯୁଦ୍ଧ ପୂର୍ବ ସ୍ଥିତିକୁ ଫେରିବ ନାହିଁ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରଣାଳୀରେ ଦେଇ ବିଶ୍ୱର ଏକ ପଞ୍ଚମାଂଶ ତୈଳ ପରିବହନ ହେଉଛି।



## ଇସ୍ତଫା ଦେଲେ ଜଷ୍ଟିସ ଯଶବନ୍ତ ବର୍ମା



ବାସଭବନରୁ ମିଳିଥିଲା ବିପୁଳ ଟଙ୍କା

ଆହ୍ଲାବାଦ,୧୦।୪: ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମା ଇସ୍ତଫା ଦେଇଛନ୍ତି। ଜଷ୍ଟିସ ବର୍ମା ରାଷ୍ଟ୍ରପତିଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଗତବର୍ଷ ଜଷ୍ଟିସ ବର୍ମାଙ୍କର ଦିଲ୍ଲୀସ୍ଥିତ ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ପରେ ସେ ବିବାଦକୁ ଆସିଥିଲେ। ୨୦୨୫ ମାର୍ଚ୍ଚ ମାସରେ ତାଙ୍କ ଦିଲ୍ଲୀ ବାସଭବନରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲିଭାଯିବା ସମୟରେ ତାଙ୍କ ଘରୁ ପ୍ରାୟ ୧.୫ ଫୁଟ ଉଚ୍ଚରେ ଟଙ୍କା ଗଦା ମିଳିଥିଲା। ତତ୍କାଳୀନ ମୁଖ୍ୟ ବିଚାରପତି ଘଟଣାର ତଦନ୍ତ କରି ଜଷ୍ଟିସ୍ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଥିଲେ।

ତେବେ ଜଷ୍ଟିସ ବର୍ମା ତାଙ୍କ ଘରୁ ବିପୁଳ ଟଙ୍କା ମିଳିବା କଥାକୁ ଖଣ୍ଡନ କରିଥିଲେ। ସେ ଏହା ମଧ୍ୟ ପ୍ରଶ୍ନ କରିଥିଲେ ଯେ ଯେତେବେଳେ ସେ ସେଠାରେ ଉପସ୍ଥିତ ନଥିଲେ ଓ ସ୍ଥାନଟି ଉପସ୍ଥିତ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିଲା, ସେତେବେଳେ କୌଣସି ଅଭିଯୋଗ ପାଇଁ ତାଙ୍କୁ କିପରି ଦାୟୀ କରାଯାଇପାରିବ। ଅଗଷ୍ଟ ୨୦୨୫ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଭିଯୋଗଗୁଡ଼ିକର ଯାଞ୍ଚ କରିବା ପାଇଁ ବିଚାରପତି ଆଇନ, ୧୯୬୮ ଅନୁଯାୟୀ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ। ତେବେ ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ଏହି ପ୍ୟାନେଲର ବୈଧତାକୁ ଚ୍ୟାଲେଞ୍ଜ କରି ଯୁକ୍ତି ଦେଇଥିଲେ ଯେ ରାଜ୍ୟସଭାର ଉପାଧ୍ୟକ୍ଷ ତାଙ୍କ ପଦରୁ ଇସ୍ତଫା ଦେବା ପାଇଁ ପ୍ରସ୍ତାବକୁ ଖାରଜ କରିଦେଇଥିଲେ।

## ପୁଣି ହ୍ୱାଟ୍ସଆପର ଗୋପନୀୟତାକୁ ନେଇ ଉଠିଲା ପ୍ରଶ୍ନ

● କୋର୍ଟରେ ପହଞ୍ଚିଲା ମାମଲା

ମୁମ୍ବାଇ,୧୦।୪: ପୁଣି ସନ୍ଦେହ ଘେରରେ ହ୍ୱାଟ୍ସଆପ୍ ଓ ଏହାର ପ୍ରାଇଭେସି ପଲିସି। ହ୍ୱାଟ୍ସଆପ୍ ନାଁରେ କୋର୍ଟରେ କ୍ଲାସ ଆକ୍ସନ ମାମଲା ହେବା ପରେ କମ୍ପାନୀକୁ ଘେରିବା ଆରମ୍ଭ କରିଦେଇଛନ୍ତି ଟେଲିଗ୍ରାମ ସିଇଓ ପାୱେଲ ଡୁରାଭୋ ଏବଂ ଏକ୍ସ ମାଲିକ ଏଲନ ମସ୍କ। ଏହାର ପ୍ରାଇଭେସୀ ଉପରେ ପ୍ରଶ୍ନ ଉଠାଇ ମସ୍କ କହିଛନ୍ତି ହ୍ୱାଟ୍ସଆପକୁ କେବେ ବିଶ୍ୱାସ କରାଯାଇପାରିବ ନାହିଁ। ଆମେରିକାର ଏକ କୋର୍ଟରେ ହ୍ୱାଟସଆପ ବିରୁଦ୍ଧରେ ନୂଆ କ୍ଲାସ୍-ଆକ୍ସନ୍ ମକଦ୍ଦମା ରୁଜୁ ହୋଇଥିବା ଖବର ଆସିବା ପରେ କମ୍ପାନୀ ଉପରେ ଆକ୍ରମଣ ଆରମ୍ଭ ହୋଇଛି। ହ୍ୱାଟ୍ସଆପ୍ ବିରୁଦ୍ଧରେ ଗୋପନୀୟତାର ଉଲ୍ଲଂଘନ ନେଇ ଆମେରିକାର ଏକ କୋର୍ଟରେ ମାମଲା ଦାୟର ହୋଇଛି। ୟୁଜରଙ୍କ ମଧ୍ୟରେ ହେଉଥିବା ମେସେଜ୍ ମଝିରେ ହ୍ୱାଟସଆପ୍ ଇଣ୍ଟରସେପ୍ଟ କରୁଛି ବୋଲି କୋର୍ଟରେ ଅଭିଯୋଗ ହୋଇଛି। ହେଲେ କମ୍ପାନୀ ଏହାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଦାବି କରିଛି।

ପଶ୍ଚିମବଙ୍ଗ ପାଇଁ ବିଜେପିର ମାଷ୍ଟରପ୍ଲାନ

## ମହିଳାଙ୍କୁ ମାସିକ ମିଳିବ ୩୦୦୦ ଟଙ୍କା

କୋଲକାତା,୧୦।୪: ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଗୁଲ୍ ବଜାଇଲା ଭାରତୀୟ ଜନତା ପାର୍ଟି। କୋଲକାତାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜାରି କରିଛନ୍ତି ଦଳର 'ସଂକଳ୍ପ ପତ୍ର'। ମୋଦିଙ୍କ 'ବିକଶିତ ଭାରତ' ସ୍ୱପ୍ନ ସହ ତାଳ ମିଶାଇ ବେଙ୍ଗଲକୁ 'ନୈରାଶ୍ୟରୁ ବିକାଶ' ଆଡ଼କୁ ନେବାକୁ ବିଜେପି ବଡ଼ ପ୍ରତିଶ୍ରୁତି ଦେଇଛି।




ପଶ୍ଚିମବଙ୍ଗରେ କ୍ଷମତା ଦଖଲ ପାଇଁ ବିଜେପି ତାର ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ଗୃହମନ୍ତ୍ରୀ ଅମିତ ଶାହ ଆଜି ମମତା ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ୧୫ଟି ମୁଖ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘୋଷଣାପତ୍ରର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହେଉଛି ୟୁସିସି ଓ ଅନୁପ୍ରବେଶ। ଘୋଷଣାପତ୍ର ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଜେପି ଘୋଷଣା କରିଛି 'ଦୁର୍ଗା ସୁରକ୍ଷା ସହାୟ' ଯୋଜନା। ଯେଉଁଥିରେ ପ୍ରତି ମହିଳାଙ୍କୁ ମାସିକ ୩,୦୦୦ ଟଙ୍କା ମିଳିବ। ଏହାସହ ସରକାରୀ ଚାକିରିରେ ୩୩ ପ୍ରତିଶତ ସଂରକ୍ଷଣ ଏବଂ ସ୍ୱତନ୍ତ୍ର ମହିଳା ପୋଲିସ ବାଟାଲିୟନ ଗଠନ କରାଯିବ।ଏଥିସହିତ ରାଜ୍ୟର ଯୁବଶକ୍ତି ପାଇଁ ବିଜେପି ୧ କୋଟି ନିଯୁକ୍ତିର ପ୍ରତିଶ୍ରୁତି ଦେଇଛି। ଯେଉଁମାନଙ୍କ ପାଖରେ ଚାକିରି ନାହିଁ, ସେମାନଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ସଂକଳ୍ପ ପତ୍ରରେ ଉଲ୍ଲେଖ ରହିଛି। ରାଷ୍ଟ୍ରୀୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଶାହ କହିଛନ୍ତି ଯେ, ବେଙ୍ଗଲରେ ବେଆଇନ ଅନୁପ୍ରବେଶକୁ ବରଦାସ୍ତ କରାଯିବ ନାହିଁ।

ଚୋରଙ୍କ ପାଇଁ ବି ହେଲମେଟ ପିନ୍ଧିବା ଜରୁରୀ

# ୩ ମାସ ପରେ ଇ-ଚାଲାଣରୁ ଧରାପଡିଲା ଚୋର

ହାଇଦ୍ରାବାଦ,୧୦।୪: ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ଇ-ଚାଲାଣ କଟିବା ଏକ ସାଧାରଣ କଥା। କିନ୍ତୁ ଏହି ଚାଲାଣ କିପରି ଜଣେ ବ୍ୟକ୍ତିଙ୍କୁ ତାଙ୍କର ଚୋରି ହୋଇଯାଇଥିବା ଗାଡ଼ି ଫେରିପାଇବାରେ ଏବଂ ଚୋରକୁ ଧରିବାରେ ସାହାଯ୍ୟ କଲା, ତାହା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ପ୍ରମାଣିତ କରିଛି ଯେ ହେଲମେଟ୍ ପିନ୍ଧିବା କେବଳ ସୁରକ୍ଷା ପାଇଁ ନୁହେଁ, ବରଂ ଚୋରମାନଙ୍କ ପାଇଁ ନିଜ ପରିଚୟ ଲୁଚାଇବାକୁ ମଧ୍ୟ ଜରୁରୀ ଅଟେ।

ହାଇଦ୍ରାବାଦର ଫୈଜଲ ରହମାନ ନାମକ ଜଣେ ବ୍ୟକ୍ତିଙ୍କ ସ୍କୁଟି ପ୍ରାୟ ୩ ମାସ ତଳେ ଚୋରି ହୋଇଯାଇଥିଲା। ସେ ଏନେଇ ସ୍ଥାନୀୟ ହବିବ୍ ନଗର ପୋଲିସ ଷ୍ଟେସନରେ ଏଫଆଇଆର୍ ମଧ୍ୟ ରୁଜୁ କରିଥିଲେ। କିନ୍ତୁ ପ୍ରଥମେ ପୋଲିସ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ଏବଂ ଗାଡ଼ିର କୌଣସି ପତ୍ତା ମିଳିନଥିଲା। ଗାଡ଼ିଟି ଆଉ ମିଳିବନି ବୋଲି ସେ ଏକପ୍ରକାର ଆଶା ଛାଡ଼ିଦେଇଥିଲେ।




କିନ୍ତୁ ନିକଟରେ ତାଙ୍କ ଫୋନକୁ ଟ୍ରାଫିକ୍ ପୋଲିସ ପକ୍ଷରୁ ଏକ ଇ-ଚାଲାଣ ମେସେଜ୍ ଆସିଲା। ନିଜର ହଜିଯାଇଥିବା ଗାଡ଼ି ନାମରେ ଚାଲାଣ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସବୁଠାରୁ ବଡ଼ କଥା ହେଲା, ଉକ୍ତ ଚାଲାଣରେ ଥିବା ଫଟୋରେ ସ୍କୁଟି ଚଲାଉଥିବା ବ୍ୟକ୍ତି (ଚୋର) ର ଚେହେରା ସ୍ପଷ୍ଟ ଭାବେ ଦେଖାଯାଉଥିଲା। ବିନା ହେଲମେଟରେ ସେ ବିନ୍ଦାସ ହୋଇ ସ୍କୁଟି ଚଲାଉଥିଲା, ଯାହା ଟ୍ରାଫିକ୍ କ୍ୟାମେରାରେ କଏଦ ହୋଇଯାଇଥିଲା। ଫୈଜଲ ଉକ୍ତ ଚାଲାଣର ଫଟୋ ଏବଂ ପୋଲିସରେ ଦେଇଥିବା ଏଫଆଇଆରର କପିକୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେୟାର କରି ହାଇଦ୍ରାବାଦ ଟ୍ରାଫିକ୍ ପୋଲିସ ଓ ସିଟି ପୋଲିସକୁ ଟ୍ୟାଗ୍ କରିଥିଲେ। ସେ ଲେଖିଥିଲେ, 'ମୋ ଗାଡ଼ି ୩ ମାସ ତଳେ ଚୋରି ହୋଇଯାଇଥିଲା। କିନ୍ତୁ ଆଜି ମୋତେ ସେହି ଗାଡ଼ିର ଏକ ଟ୍ରାଫିକ୍ ଚାଲାଣ ମିଳିଛି, ଯେଉଁଥିରେ ଚୋରର ଚେହେରା ସ୍ପଷ୍ଟ ବାରି ହୋଇପଡୁଛି। ଦୟାକରି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ'। ଚୋରର ଫଟୋ ଓ ଲୋକେସନ୍ ସାମ୍ନାକୁ ଆସିଯିବା ଏବଂ ସୋସିଆଲ ମିଡିଆରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହେବା ପରେ ପୋଲିସ୍ ତୁରନ୍ତ ଆକ୍ସନକୁ ଆସିଥିଲା। ହବିବ୍ ନଗର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ବ୍ୟକ୍ତିକୁ ଟ୍ରାକ୍ କରି ଗତ ଏପ୍ରିଲ୍ ୯ ତାରିଖରେ ଧରିବାରେ ସଫଳ ହୋଇଛି ଏବଂ ସେହି ଚୋରି ସ୍କୁଟିକୁ ମଧ୍ୟ ଜବତ କରାଯାଇଛି।

ଛତିଶଗଡ଼ରେ ଭୟଙ୍କର ସଡ଼କ ଦୁର୍ଘଟଣା

## ଗୋଟିଏ ପରିବାରର ୬ ମୃତ, ୩ ଗୁରୁତର

ଛତିଶଗଡ,୧୦।୪: ଛତିଶଗଡ଼ର କାଙ୍କେର ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଛି। କୋତୱାଲି ଥାନା ଅନ୍ତର୍ଗତ ନାଥିଆ ନବାଗାଓଁ ନିକଟରେ ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ, ଘଟଣାସ୍ଥଳରେ ହିଁ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ଜୀବନ ଚାଲିଯାଇଛି । ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା, ଦୁଇ ଜଣ ପୁରୁଷ ଓ ଜଣେ ଶିଶୁ ରହିଛନ୍ତି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଥିବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ନିଖିଲ ରଖେଚା ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଚରାମା ଅଞ୍ଚଳର ମାଣ୍ଡଭୀ ପରିବାରର ସଦସ୍ୟମାନେ ଏକ ବିବାହ ଭୋଜି ସାରି ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର୍ ସହ ସେମାନଙ୍କର ଧକ୍କା ହୋଇଥିଲା। ଏହି



ଦୁର୍ଘଟଣାରେ ଅନ୍ୟ ତିନି ଜଣ ଗୁରୁତର ଭାବେ ଆହତ ହୋଇ କାଙ୍କେର ମେଡିକାଲ କଲେଜ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ପୋଲିସ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହେବା ପରେ ସେମାନଙ୍କ ବୟାନ ଆଧାରରେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୭୪ତମ ବିଏନ୍ ମଲ୍ଲିକ ସର୍ବଭାରତୀୟ ପୁଲିସ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

# ଉଭୟ ବର୍ଗରେ ଓଡ଼ିଶା ପୁଲିସ୍‌ର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ନିକଟରେ ତେଲଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ହୋଇଥିବା ୭୪ତମ ବିଏନ୍ ମଲ୍ଲିକ ସର୍ବଭାରତୀୟ ପୁଲିସ ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସ ପୁରୁଷ ଓ ମହିଳା ବର୍ଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପ୍ରତିଯୋଗିତା ପରେ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। କ୍ରୀଡ଼ାବିତ୍‌ମାନେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସାକ୍ଷାତ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଓ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ସେମାନଙ୍କୁ ପ୍ରଶଂସା କରିଛନ୍ତି।



ଉଲ୍ଲେଖଯୋଗ୍ୟ ଯେ ଗତ ୨୩ରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଉପରୋକ୍ତ ପ୍ରତିଯୋଗିତାରେ ଓଡ଼ିଶା ପୁଲିସ୍‌ର ମହିଳା ଦଳ ରନର୍ସଅପ୍ ହୋଇଛି। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆସାମ ରାଇଫଲ୍ସଠାରୁ ଦଳ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା। ଏହି ସଫଳତା ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି। କ୍ରୀଡ଼ାବିତଙ୍କ ଏହି କୃତିତ୍ୱ ରାଜ୍ୟ ପୁଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତ ବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ପୁଲିସ ପୁରୁଷ ଫୁଟବଲ ଦଳ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ପୁଲିସର ଦୁଇ ଜଣ ଶ୍ରେଷ୍ଠ ଖେଳାଳି ସମଗ୍ର ପ୍ରତିଯୋଗିତାରେ ସର୍ବାଧିକ ଗୋଲ୍ ସ୍କୋରର୍ ଭାବେ ‘ଗୋଲଡେନ୍ ବୁଟ୍’ ହାସଲ କରି ଓଡ଼ିଶା ପୁଲିସ୍ ପାଇଁ ଗୌରବ ଆଣିଛନ୍ତି।

ଓଡ଼ିଶା ମହିଳା ଦଳର ସଦସ୍ୟା ପ୍ୟାରୀ ଖାଖା ଚମତ୍କାର ପ୍ରଦର୍ଶନ ପୂର୍ବକ ସମୁଦାୟ ୭ଟି ଗୋଲ୍ ସହ ପ୍ରତିଯୋଗିତାର ଶ୍ରେଷ୍ଠ ସ୍କୋରର୍ ଭାବେ ‘ଗୋଲଡେନ୍ ବୁଟ୍’ ହାସଲ କରିଛନ୍ତି। ପ୍ୟାରୀ ବର୍ତ୍ତମାନ ଭାରତୀୟ ଜାତୀୟ ଫୁଟବଲ ଶିବିରରେ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ପୁରୁଷ ଦଳର ସଦସ୍ୟ ବିଜୟ ବେହେରା ସମୁଦାୟ ୮ଟି ଗୋଲ୍ କରିବା ସହ ଶ୍ରେଷ୍ଠ ସ୍କୋରର ଭାବେ ‘ଗୋଲଡେନ୍ ବୁଟ୍’ ବିଜେତା ହୋଇଛନ୍ତି। ଆଜିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓରମାସ୍‌ର ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ,୧୦।୪(ସଂଚାର ବ୍ୟୁରୋ)ଃ ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ କୌଶଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓର୍‌ମାସ୍ କଟକ ପକ୍ଷରୁ ଏକ ଦୁଇଦିନିଆ ମାକ୍ରେମ୍ ହସ୍ତଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ମାକ୍ରେମ୍ ଏକ ପାରମ୍ପରିକ ହସ୍ତଶିଳ୍ପ ଯେଉଁଥିରେ ସୂତା ବା ରଶିକୁ ବିଭିନ୍ନ ପ୍ରକାରର ଗଣ୍ଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରାଯାଏ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗର ୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ ମାକ୍ରେମ୍ ହସ୍ତଶିଳ୍ପର ମୌଳିକ ଗଣ୍ଠି ପ୍ରଣାଳୀ, ଡିଜାଇନ୍ ପ୍ରସ୍ତୁତି, ଉତ୍ପାଦ ବିକାଶ ଓ ବଜାର ସମ୍ଭାବନା ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ। ଏଥିସହ ହସ୍ତଶିଳ୍ପ ଉତ୍ପାଦର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ ଓ ବଜାରକରଣ ବିଷୟରେ ମଧ୍ୟ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ରାମୀଣ ଶିଳ୍ପୀଙ୍କ କୌଶଳ ଓ ହସ୍ତଶିଳ୍ପ ଉତ୍ପାଦର ବ୍ୟାବସାୟିକ ସମ୍ଭାବନା ସମ୍ପର୍କରେ ଅନୁଭବ କରିଥିଲେ। ଏହା ତାଙ୍କର ପାରମ୍ପରିକ ଶିଳ୍ପ ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଗ୍ରାମୀଣ ଉଦ୍ୟମିତା ବିକାଶ ପ୍ରତି ସଚେତନତା ସୃଷ୍ଟି କରିଛି ବୋଲି ଓର୍‌ମାସ୍‌ର ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ କହିଛନ୍ତି। ଶେଷରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ତିନିଘରିଆ ୫୧ ନଂ ୱାର୍ଡରେ ଡମ୍ପିଂୟାର୍ଡକୁ ବିରୋଧ

କଟକ,୧୦।୪(ସଂଚାର ବ୍ୟୁରୋ)ଃ କଟକ ମହାନଗର ନିଗମ ୫୧ ନଂ ୱାର୍ଡ ଅନ୍ତର୍ଗତ ତିନିଘରିଆ ଗ୍ରାମର ମଧ୍ୟସ୍ଥଳରେ ୨୦୨୧ରେ ଏକ ଡମ୍ପିଂୟାର୍ଡ ସିଏମସି ପକ୍ଷରୁ ନିର୍ମାଣ କରାଯାଇଥିଲା।ଏହି ଡମ୍ପିଂ ୟାର୍ଡ ଓ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ଗ୍ରାମବାସୀମାନେ ଏହାର କୁପ୍ରଭାବକୁ ଅନୁଭବ କଲେ। ସିଏମସିର ୫୧, ୫୨ ଓ ୫୩ ନଂ ୱାର୍ଡରୁ ବାହାରୁଥିବା ଅଳିଆ ଆବର୍ଜନା ଓ ପଚାସଢ଼ା ଜିନିଷକୁ ଏଠାରେ ଆଣି ଗଦା କରିବା ସହ ଏହାକୁ ପ୍ଲାଣ୍ଟରେ ସଢ଼ାଯିବାର ପ୍ରକ୍ରିୟା କରିବା ଦ୍ୱାରା ସେଥିରୁ ଦୁର୍ଗନ୍ଧ ବାହାରି ଏଠାକାର ପରିବେଶକୁ ଦୟନୀୟ ସ୍ଥିତିରେ ପହଞ୍ଚାଇଛି। ଦୁର୍ଗନ୍ଧ ଯୋଗୁଁ ଚତୁଃପାର୍ଶ୍ୱରେ ଥିବା ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଲେଣି। ଦୁର୍ଗନ୍ଧ ଏତେ ତୀବ୍ର ଯେ ନିଃଶ୍ୱାସପ୍ରଶ୍ୱାସ ନେବାରେ ମଧ୍ୟ ଯନ୍ତ୍ରଣା ଅନୁଭବ ହେଉଛି। ଫଳରେ ଲୋକେ ଦିନରାତି ଝରକା କବାଟ ବନ୍ଦ କରି ରହିବାକୁ ବାଧ୍ୟ ହେଉଛନ୍ତି। ଏଥିସହ ଶ୍ୱାସରୋଗୀ, ହୃଦ୍‌ରୋଗୀ ଓ ଚର୍ମ ରୋଗରେ ଆକ୍ରାନ୍ତ ରୋଗୀମାନେ ଆତଙ୍କିତ ହେବା ସହ ସାଧାରଣ ଲୋକେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅଞ୍ଚଳବାସୀ ଆପତ୍ତି ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଣୁ ସିଏମସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ସହ ଏହି ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କଟକ ନଗର ୫୧ ନଂ ୱାର୍ଡ କଂଗ୍ରେସ ପକ୍ଷରୁ ସଭାପତି ରଜନୀକାନ୍ତ ବସ୍ତିଆ, ବରିଷ୍ଠ କଂଗ୍ରେସ ନେତା ତଥା କଟକ ନଗର କଂଗ୍ରେସର ପ୍ରାକ୍ତନ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଯୁବନେତା ସାଗର ବସ୍ତିଆ, ସୁବ୍ରତ ସ୍ୱାଇଁ, ଆଲୋକ ବସ୍ତିଆ, ସତ୍ୟଜିତ୍ ଖୁଣ୍ଟିଆ ଦାବୀ କରିଛନ୍ତି। ନଚେତ୍ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



# ବିଶ୍ୱବିଦ୍ୟାଳୟ ଶିକ୍ଷକ ମରୁଡ଼ି, ସମାଧାନ କେବେ ?

ଭୁବନେଶ୍ୱର,୧୦।୪ଃ ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ ହେବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ, ଅଣଶିକ୍ଷକ ଓ ପ୍ରଶାସକ ପଦବୀ ପୂରଣ ପାଇଁ ଆଶା ଉଜ୍ଜ୍ୱଳ ହୋଇଛି। ତେବେ ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ବିଭିନ୍ନ ଛାତ୍ର ଓ ଶିକ୍ଷକ ସଂଗଠନ ମତବ୍ୟକ୍ତ କରୁଛନ୍ତି।



ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି ରହିବା ଫଳରେ ଗବେଷଣା, ଶିକ୍ଷାଦାନ, ପରୀକ୍ଷା ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୨୬୧ଟି ଖାଲି। ବସ୍ତୁତଃ ଉତ୍କଳ, ରେଭେନ୍ସା, ସମ୍ବଲପୁର, ବ୍ରହ୍ମପୁର, ରମାଦେବୀ ସମେତ ଅନେକ ବିଶ୍ୱବିଦ୍ୟାଳୟର ବହୁ ବିଭାଗରେ ପ୍ରଫେସର ନାହାନ୍ତି।

ସେହିଭଳି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୫୯୩ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ବି ୪୫୮ଟି ଖାଲି। ଏଗୁଡ଼ିକ ଲାଗି ୧୧୯୪ଟି ସହକାରୀ ପ୍ରଫେସର ପଦବୀ ରହିଥିବାବେଳେ ସେଥିରୁ ବି ୭୦୮ଟି ଖାଲି ପଡ଼ିଛି। ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ କେବଳ ଉଚ୍ଚଶିକ୍ଷା ବିଭାଗର ଏହି ୧୭ଟି ବିଶ୍ୱବିଦ୍ୟାଳୟ ପାଇଁ ୨୦୮୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ୧୪୨୭ଟି ଖାଲି ପଡ଼ିଛି।

ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ବି ୨୩୨୫ଟି ଖାଲି। ଏ ପରିପ୍ରେକ୍ଷୀରେ ପ୍ରଶାସନିକ, ପରୀକ୍ଷା ପରିଚାଳନା ଓ ପାଠପଢ଼ା କାମ କିଭଳି ଚାଲୁଥିବ ତାହା ସହଜରେ ଅନୁମେୟ। ମୋଟାମୋଟି ଭାବେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୭୫ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ଖାଲି ପଡ଼ିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ନୂଆ କୁଳପତି ନିଯୁକ୍ତ ହେବା ପରେ ସିଣ୍ଡିକେଟ୍ ଓ ସିନେଟ୍‌ର କିଭଳି ପୁନର୍ଗଠନ କରାଯିବ ତାହା ଉପରେ ସମସ୍ତଙ୍କ ନଜର। ଏହାଛଡ଼ା ଆସନ୍ତା ଶିକ୍ଷାବର୍ଷରେ ଛାତ୍ର ସଂସଦ ନିର୍ବାଚନ କରାଇବା ମଧ୍ୟ କୁଳପତିମାନଙ୍କ ପାଇଁ ବଡ଼ ଆହ୍ୱାନ। ରାଜ୍ୟର ବହୁ ବିଶ୍ୱବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ନ୍ୟାକ୍ ମାନ୍ୟତାରେ ଉଚ୍ଚ ଗ୍ରେଡ୍ ପାଇବାରୁ ବଞ୍ଚିତ ହେବାର ଅନ୍ୟତମ କାରଣ ହେଉଛି ଶିକ୍ଷକ ଓ କର୍ମଚାରୀ ମରୁଡ଼ି। ଅବଶ୍ୟ ଅତିଥି ଶିକ୍ଷକ ଏବଂ ଠିକା କର୍ମଚାରୀରେ ଏକ ପ୍ରକାର ଠକାଠକି କରି କାମ ଚାଲିଛି।

ଶିକ୍ଷାବିତ୍‌ମାନେ କହୁଛନ୍ତି ଯେ ଏବେଠାରୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ବିଜ୍ଞାପନ ମାଧ୍ୟମରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରାଗଲେ ତାହା ସରିବା ପାଇଁ ୬ମାସ ପାଖାପାଖି ସମୟ ଲାଗିପାରେ। ଆଉ କେତେକ କ୍ଷେତ୍ରରେ ପଦୋନ୍ନତି ମାଧ୍ୟମରେ ବି ପଦବୀ ପୂରଣ କରାଯାଇପାରେ। ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଂଖ୍ୟାଧିକ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ବର୍ଷ ବର୍ଷ ଧରି ଖାଲି ରହିବା ଫଳରେ ଶିକ୍ଷାର ଗୁଣାତ୍ମକ ବିକାଶ ହୋଇପାରୁ ନାହିଁ। ଏହାକୁ ଆଖି ଆଗରେ ରଖି ତଳୁ ଉପର ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନରେ ଯେପରି ଆବଶ୍ୟକ ସଂଖ୍ୟକ ଶିକ୍ଷକ ଆଗାମୀ ଗ୍ରୀଷ୍ମାବକାଶ ଭିତରେ ନିଯୁକ୍ତି ପାଇବେ ତାହା ଉପରେ ଅଧିକ ଧ୍ୟାନ ଦେବା ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

## ପୁରୀରେ ‘ପଶ୍ଚିମବଙ୍ଗ’ କ୍ୟାମ୍ପେନ୍




ପୁରୀ,୧୦।୪(ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଭାବ ଏବେ ପୁରୀରେ ଦେଖିବାକୁ ମିଳିଛି। ପୁରୀ ସହର ସାରା ‘ବଙ୍ଗଳା’ ପୋଷ୍ଟର ମରାଯାଇଛି। ସାହି ସାହି ଗଳି ଗଳିରେ ବିଜେପି ଲଗାଇଛି ବଙ୍ଗଳା ଭାଷାରେ ପୋଷ୍ଟର। ଆଗାମୀ ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବଙ୍ଗାଳୀ ଭୋଟରଙ୍କୁ ପ୍ରଭାବିତ କରିବାକୁ ବିଜେପି ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଥିବା ଚର୍ଚ୍ଚା ହେଉଛି। ବିଶେଷ କରି ସମୁଦ୍ରକୂଳ, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ୍, ବଡ଼ଦାଣ୍ଡରେ ଯେଉଁଠି ଅଧିକରୁ ଅଧିକ ଲୋକେ ଯାଆସ କରନ୍ତି ସେଭଳି ଅଞ୍ଚଳରେ ଏହି ପୋଷ୍ଟର୍ ସବୁ ଲାଗିଛି। ଏଥିରେ ‘ଜଗନ୍ନାଥ ଧାମକୁ ସ୍ୱାଗତ ଲେଖାଯିବା ସହ, ପଶ୍ଚିମବଙ୍ଗରେ ସନାତନର ସୁରକ୍ଷା କଥା’ ଉଲ୍ଲେଖ ରହିଛି। ପ୍ରଥମ ଥର ପାଇଁ କୌଣସି ରାଜନୈତିକ ଦଳ ପକ୍ଷରୁ ପୁରୀରେ ଏପରି ବଙ୍ଗଳାରେ ପୋଷ୍ଟର ଲଗାଯାଇଛି।

● ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ଉଦ୍‌ଯାପିତ

## ୧୪ ବର୍ଷରୁ କମ୍ ଉଭୟ ବର୍ଗରେ ଓଡ଼ିଶା ଚାମ୍ପିଅନ୍




ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ୨୦୨୫-୨୬ର ୧୪ ବର୍ଷରୁ କମ୍ ବର୍ଗରେ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ବିଜୟୀ ହୋଇଛି ଏବଂ ଏଥିସହ ୫ ଦିନ ଧରି ଚାଲିଥିଲା ଜାତୀୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୧୪ ବର୍ଷରୁ କମ୍ ଉଭୟ ବର୍ଗରେ ବିହାର ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି।

କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଉପସ୍ଥିତ ବିଜୟୀ ଦଳକୁ ପୁରସ୍କୃତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ଏଥିସହ ଯୁବ ଖେଳାଳିମାନଙ୍କର ଶୃଙ୍ଖଳା ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ ଏପରି ମଞ୍ଚ କେବଳ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବାରେ ସୁଯୋଗ ଦେବନାହିଁ, ବରଂ ଶିଶୁମାନଙ୍କ ମଧ୍ୟରେ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସହନଶୀଳତାକୁ ମଜବୁତ କରିବ। ଏଥିସହ ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆୟୋଜନକୁ ପ୍ରଶଂସା କରିଥିଲେ।

ବିଭାଗର କମିଶନର ତଥା ଶାସନ ସଚିବ ଡା. ଏନ୍. ତିରୁମାଳା ନାୟକ ଖେଳାଳିମାନଙ୍କର ସମର୍ପଣ ଓ କ୍ରୀଡ଼ା ମନୋଭାବକୁ ପ୍ରଶଂସା କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟ ସ୍ତରରେ କ୍ରୀଡ଼ା ସଂସ୍କୃତିକୁ ସୁଦୃଢ଼ କରିବାରେ ବିଭାଗର ପ୍ରୟାସକୁ ଉଲ୍ଲେଖ କରିଥିଲେ। ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍ ସଭାପତି ପ୍ରିୟଦର୍ଶୀ ମିଶ୍ର ବିଦ୍ୟାଳୟ କ୍ରୀଡ଼ାର ବ୍ୟକ୍ତିତ୍ୱ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ ଓ ଚାମ୍ପିଅନସିପ୍‌ର ସଫଳ ଆୟୋଜନ ପାଇଁ ସମସ୍ତ ଅଂଶୀଦାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଓଡ଼ିଶାର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ। ପରିଶେଷରେ ସହକାରୀ ନିର୍ଦ୍ଦେଶକ (ପିଇଟି) ଜ୍ୟୋତି ପ୍ରସାଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁହଁ...

କାହିଁକି ତେଲିଭଲି ଦିଆଗଲାନି ? ଯଦି ଆଇନ ସମ୍ମତ ଭାବେ ଏହି ପଥର ଆସୁଥିଲା, ତେବେ ଯୋଧପୁରରୁ ପଥର ସିଧା ଯାଜପୁର ଆସିବା କଥା। ଜିଲ୍ଲା ସଭାପତି ବବି ଦାସଙ୍କ ପାଇଁ ସ୍ପଷ୍ଟୀକରଣ ଦେଇ ଦାୟିତ୍ୱ ତୁଟାଇଦେଲେ। କିନ୍ତୁ ସ୍ପଷ୍ଟୀକରଣ ଦେବାକୁ ଯାଇ ସେ ଆଉ କିଛି ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛନ୍ତି, ଯାହାର ଉତ୍ତର ନିଜେ ବବି ହିଁ ଦେଇପାରିବେ।ସେପଟେ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆଜି ଏକ ଏତଲା ଦିଆଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପରୁ ଖୋଣ୍ଡାଲାଇଟ୍ ପଥର ଓ ସ୍ୟାଣ୍ଡ ଷ୍ଟୋନ ଚୋରି ଅଭିଯୋଗରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ଏତଲା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଖୋଣ୍ଡାଲାଇଟ ପଥର ଓ ସ୍ୟାଣ୍ଡ ଷ୍ଟୋନ ଚୋରି କରି ନେଇ ନିଜ ଘର ନିର୍ମାଣ କରିଛନ୍ତି ବବି ଦାସ। ଆଇନ ଅନୁଯାୟୀ ଏହି ଦୁର୍ଲ୍ଲଭ ପଥର କେବଳ ପ୍ରତ୍ନତତ୍ତ୍ୱ ବିଭାଗ କାର୍ଯ୍ୟରେ ଲାଗେ। ଐତିହ୍ୟଗୁଡ଼ିକର ସୁରକ୍ଷା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଖୋଣ୍ଡାଲାଇଟ ପଥର ଓ ସ୍ୟାଣ୍ଡ ଷ୍ଟୋନ ଲଗାଇ ଐତିହ୍ୟ ଓ ମନ୍ଦିରର ସୁରକ୍ଷା ପ୍ରଦାନ କରିଥାଏ। ଏଣୁ ତୁରନ୍ତ ପୁଲିସ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛି ଶ୍ରୀ ପଟ୍ଟନାୟକ।

### ଯମୁନାରେ...

ଯାଉଥିବା ବେଳେ ସେଠାରେ ଥିବା ଏକ ଭସା ପୋଲକୁ ଡଙ୍ଗାଟି ଧକ୍କା ଦେଇଥିଲା। ଫଳରେ ଏହା ପାଣିରେ ବୁଡ଼ିଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉଦ୍ଧାରକାରୀ ଦଳ ଯମୁନା ନଦୀରୁ ୨୫ ଜଣଙ୍କୁ ବାହାର କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣ ସୁସ୍ଥ ଥିବା ଜଣାପଡ଼ିଛି। ଅନ୍ୟ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୫ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ବୃନ୍ଦାବନର ରାମକୃଷ୍ଣ ହସ୍ପିଟାଲ୍‌କୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି। ଆଗ୍ରା ରେଞ୍ଜ୍ ଡିଆଇଜି ଶୈଳେଶ ପାଣ୍ଡେ ଏହି ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛନ୍ତି। ଏହି ଅଘଟଣ ଘଟିବା ପରେ ଉକ୍ତ ଘାଟରେ ବ୍ୟାପକ ମାତ୍ରାରେ ଲୋକ ଭିଡ଼ ଜମାଇଛନ୍ତି। ଘଟଣାସ୍ଥଳରେ ମଧ୍ୟ ପୁଲିସ୍ ମୁତୟନ ରହିଛି। ଏଥିସହ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପୁଲିସ୍ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସେଠାରେ ପହଞ୍ଚିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି। ସେ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ପ୍ରତି...

ସରକାର ପ୍ରମାଣିତ କରିଛନ୍ତି ଯେ ପ୍ରତ୍ୟେକ ଗ୍ରାମୀଣ ପରିବାର ନିକଟରେ କେବଳ ଟ୍ୟାପ ସଂଯୋଗ ନୁହେଁ, ବରଂ ପ୍ରତିଦିନ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ପହଞ୍ଚିବ। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୨୭ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ସଫଳତାର ସହ ଶେଷ ହୋଇଛି। ଏହାଛଡ଼ା ୮୨ଟି ପ୍ରକଳ୍ପରେ ଜଳ ବିଶୋଧନାଗାର ଓ ଜଳ ଉତ୍ସ କରାଯାଇଛି। ଯେଉଁଠି କାର୍ଯ୍ୟର ଅଗ୍ରଗତି ସନ୍ତୋଷଜନକ ନୁହେଁ, ସେଠି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମେଗା ଓ ଏକକ ଗ୍ରାମ ଜଳ ଯୋଗାଣ ପ୍ରକଳ୍ପରେ ଠିକାଦାରଙ୍କଠାରୁ ପ୍ରାୟ ୧୧୨୦ କୋଟି ଟଙ୍କା ଜରିମାନା ଦଣ୍ଡାଦେଶ ସହ ଆବଶ୍ୟକତା ସ୍ଥଳେ ଏଫଆଇଆର କରାଯାଇଛି।

ଏଥିସହ ଆଜି କ୍ୟାବିନେଟ ଅଟଳ ବସଷ୍ଟାଣ୍ଡ ଯୋଜନାକୁ ମଞ୍ଜୁରୀ ଦେଇଛି। ରାଜ୍ୟରେ ଉନ୍ନତ ପରିବହନ ଭିତ୍ତିଭୂମି ଓ ସୁବିଧା ସୁନିଶ୍ଚିତ କରିବାକୁ ରାଜ୍ୟବ୍ୟାପୀ ବସଷ୍ଟାଣ୍ଡଗୁଡ଼ିକର ଉନ୍ନତିକରଣ ଏବଂ ଆବଶ୍ୟକ ସ୍ଥଳେ ନୂଆ ବସଷ୍ଟାଣ୍ଡ ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନ ଓ ରାଜ୍ୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳ ପୌର ସଂସ୍ଥା ସ୍ତରରେ ବସଷ୍ଟାଣ୍ଡଗୁଡ଼ିକର ଉନ୍ନତିକରଣ କରାଯିବ। ଏଥିପାଇଁ ବସଷ୍ଟାଣ୍ଡଗୁଡ଼ିକୁ ୩ଟି ଶ୍ରେଣୀରେ ବର୍ଗୀକୃତ କରାଯିବ। ଏହାଦ୍ୱାରା ରାଜ୍ୟର ସବୁ ସାର୍ବଜନୀନ ବସଷ୍ଟାଣ୍ଡର ପରିଚାଳନା ଗୋଟିଏ ଛାୟା ତଳେ ରହିବ ଓ ଏହାର ବିକାଶ ତଥା ନବୀନକରଣ କାର୍ଯ୍ୟରେ ସମାନତା ରକ୍ଷା କରାଯାଇପାରିବ। ଏଥିସହ ଏଣିକି ରାଜ୍ୟର ପୌର ସଂସ୍ଥା ଅଧିନରେ ଥିବା ସବୁ ବସଷ୍ଟାଣ୍ଡକୁ ଅଟଳ ବସଷ୍ଟାଣ୍ଡ ଯୋଜନା ଅଧୀନକୁ ଅଣାଯିବ। ଏଥିପାଇଁ ୨୦୩୧-୩୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମୋଟ ୩୪୦୦ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ ଦିଆଯାଇଛି।

ସେହିଭଳି ଏବେ କେନ୍ଦୁଝର ଜିଲ୍ଲାରେ ଶିଳ୍ପାୟନ ପ୍ରକ୍ରିୟା ଜୋର୍ ଧରିଥିବା ବେଳେ ସେଠାରେ ଶିଳ୍ପ ସଂସ୍ଥାକୁ ଆବଶ୍ୟକ ବିଦ୍ୟୁତ ସଂଯୋଗ ଯୋଗାଇ ଦେବା ପାଇଁ ବାସୁଦେବପୁରଠାରେ ଏକ ନୂଆ ୨x୫୦୦ ଏମଭିଏ ସବଷ୍ଟେସନ ସହ ୪୦୦, ୨୦୦ ଓ ୩୩ କେଭି ସବଷ୍ଟେସନ ନିର୍ମାଣ କରିବାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୧୬୪୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିରୁ ୩୦ ପ୍ରତିଶତ ଅର୍ଥାତ ୪୯୪ କୋଟି ୧୦ ଲକ୍ଷ ଟଙ୍କା ରାଜ୍ୟ ସରକାର ଇକ୍ୱିଟି ସହାୟତା ଭାବେ ଓପିଟିସିଏଲକୁ ପ୍ରଦାନ କରିବେ। ଅବଶିଷ୍ଟ ୧୧୫୨ କୋଟି ୯୦ ଲକ୍ଷ ଟଙ୍କା ଓପିଟିସିଏଲ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାମାନଙ୍କଠାରୁ ସଂଗ୍ରହ କରିବ। ୨୦୨୮-୨୯ ଆର୍ଥିକ ବର୍ଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

ଏଥିସହିତ ରାଜ୍ୟରେ ଜଳସେଚନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଆଜି ରାଜ୍ୟ କ୍ୟାବିନେଟ ଏ ସମ୍ପର୍କିତ ପାଞ୍ଚଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ କ୍ଲଷ୍ଟର ୩୮ ମାଧ୍ୟମରେ ୩ଟି ଉଠାଜଳସେଚନ ପ୍ରକଳ୍ପ ପାଇଁ ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପର କ୍ଲଷ୍ଟର୍ ୨୭ ମାଧ୍ୟମରେ ୪ଟି ଉଠା ଜଳସେଚନ ପ୍ରକଳ୍ପ, କ୍ଲଷ୍ଟର ୩୦ ମାଧ୍ୟମରେ ୪ଟି ଉଠା ଜଳସେଚନ ପ୍ରକଳ୍ପ ଓ କ୍ଲଷ୍ଟର ୩୭ ମାଧ୍ୟମରେ ଆଉ ୪ଟି ଉଠା ଜଳସେଚନ ପ୍ରକଳ୍ପ ପାଇଁ ଟେଣ୍ଡରକୁ ମଞ୍ଜୁରୀ ଦିଆଯାଇଛି। ଏଥିସହ କର୍ମଚାରୀ ରାଜ୍ୟ ବୀମା ଚିକିତ୍ସା ସେବା ନିୟମରେ ସଂଶୋଧନ, କର୍ମଚାରୀ ରାଜ୍ୟ ବୀମା ଯୋଜନା ଅମଲାସ୍ତରୀୟ ସେବା ନିୟମରେ ସଂଶୋଧନ ଓ ଓଡ଼ିଶା ଶ୍ରମ ସେବା ନିୟମରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟରୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

### ତ୍ୱରାନ୍ୱିତ...

ଜମି ସଫଳତାର ସହ ହସ୍ତାନ୍ତର କରାଯାଇଛି। ଏହା ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରାଟେଜିକ୍ ଶକ୍ତି ସମ୍ପତ୍ତି ମଧ୍ୟରୁ ଏକ ପ୍ରମୁଖ ପଦକ୍ଷେପ ହେବ। ୨୦୨୫ ଏପ୍ରିଲ ୮ରେ ଚଣ୍ଡିଖୋଲ ନିକଟରେ ଭୂତଳ ଅଶୋଧିତ ତୈଳ ସଂରକ୍ଷଣ ସୁବିଧା ବିକାଶ ପାଇଁ ନୂଆଦିଲ୍ଲୀରେ ରାଜ୍ୟ ସରକାରଙ୍କ ସହ ଏମଓୟୁ ହୋଇଥିଲା। ଏହି ରିଜର୍ଭର କ୍ଷମତା ୪ ନିୟୁତ ମେଟ୍ରିକ ଟନ୍ ଥିବା ବେଳେ ପ୍ରକଳ୍ପ ବାବଦରେ ୪୩୭୭ କୋଟି ୪୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ରିଜର୍ଭକୁ ସିଧାସଳଖ ପାରାଦୀପରୁ ପାଇପଲାଇନରେ ସଂଯୋଗ କରାଯିବା ସହ ଆଇଓସିଏଲର ପାରାଦୀପ, ହଳଦିଆ ଓ ବାରାଉଣୀ ରିଫାଇନାରୀ ନେଟୱର୍କ ସହ ସଂଯୋଗ କରାଯିବ। ନିକଟରେ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ହସ୍ତାନ୍ତର କରିଛନ୍ତି। ସର୍ବୋଚ୍ଚ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ତଦାରଖ, ଦ୍ରୁତ ନିଷ୍ପତ୍ତି ଗ୍ରହଣ ଓ ଆନ୍ତଃବିଭାଗୀୟ ସମନ୍ୱୟ ଦ୍ୱାରା ଏହା ସମ୍ଭବ ହୋଇଛି। ମୁଖ୍ୟମନ୍ତ୍ରୀ ଆବଶ୍ୟକ ଅନୁମୋଦନ ଓ ପ୍ରକ୍ରିୟାଗତ ମଞ୍ଜୁରୀ ସମୟ ମଧ୍ୟରେ ଶେଷ କରିଥିବାରୁ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଏକ ମୁଖ୍ୟ ସମସ୍ୟା ଥିଲା। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ୧୩ଟି ଅବୈଧ ପଥର ଖଣି ବନ୍ଦ ହୋଇ ସମ୍ପୂର୍ଣ୍ଣ ଅଞ୍ଚଳକୁ ସୁରକ୍ଷିତ କରାଯାଇପାରିଛି ବୋଲି ଶିଳ୍ପ ସଂଘ ପକ୍ଷରୁ କୁହାଯାଇଛି। ଆମେରିକା-ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଶକ୍ତି ସୁରକ୍ଷାକୁ ପ୍ରଧାନମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଏହି ପେଟ୍ରୋଲିୟମ ରିଜର୍ଭ ଆଗାମୀ ଦିନରେ ସାରା ଦେଶର ଶକ୍ତି ସଂକଟ ଦୂର କରିପାରିବ ବୋଲି ସଂଘଗୁଡ଼ିକ ଆଶା ପ୍ରକାଶ କରିଛନ୍ତି।

### ସିଜିମାଳି...

ଧରି ଗାଁ ପୁରୁଷଶୂନ୍ୟ ହୋଇଯାଉଥିଲା। ମହିଳାମାନେ ନିଜ ଛୁଆ ପିଲାଙ୍କୁ ଧରି ଦିନରାତି ଜଙ୍ଗଲରେ ରହୁଥିଲେ। ନିଜ ସ୍ୱାମୀ ପାଇଁ, ନିଜ ପୁଅ ପାଇଁ ଯିବ ପୁଲିସ ପାଖକୁ ଯାଉଥିଲା ତାକୁ ଜେଲ୍‌ରେ ଠୁଙ୍କି ଦେବାର ଭୟ ଦେଖାଯାଉଥିଲା। ସେହିପରି ଖବର କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଖୋଜି ଖୋଜି ଜେଲକୁ ପଠାଇ ଦିଆଯାଉଥିଲା। ପୁଲିସର ଜୁଲୁମ୍ ଧୀରେ ଧୀରେ ବଢ଼ିଚାଲିଥିଲା। ସେତେବେଳର ବିଜେଡି ସରକାରର ସେହି ଅନ୍ଧାର ସମୟ ପାଇଁ ଆଜି ସିଜିମାଳିବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି।

ସେତେବେଳେ ରାୟଗଡ଼ା ଜିଲ୍ଲାର ଟାଣୁଆ ନେତା କୁହାଯାଉଥିବା ନବୀନଙ୍କ ମନ୍ତ୍ରିମଣ୍ଡଳରେ ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥିବା ଜଗନ୍ନାଥ ସାରକା ଲୋକଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଇନଥିଲେ। ତାଙ୍କ ନିର୍ବାଚନମଣ୍ଡଳୀର ଲୋକେ କିଭଳି କାଳାତିପାତ କରୁଛନ୍ତି ସେଥିପ୍ରତି ତତ୍କାଳୀନ ବିଧାୟକ ହୃଦୟଙ୍ଗମ କରିବାକୁ ଚାହିଁନଥିଲେ। କେବଳ କ୍ଷମତାରେ ଅନ୍ଧ ହୋଇ ଭୁବନେଶ୍ୱରରେ ସମୟ କାଟୁଥିଲେ। ସେତେବେଳେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କୁ ବିକାଶ ବିରୋଧି ଦର୍ଶାଇ ପୁଲିସ୍ ଲଗାଇ ସଭାସ୍ଥଳୀରେ ପହଞ୍ଚିବା ପୂର୍ବରୁ ତାଙ୍କୁ ଉଠାଇ ଆଣିଥିଲେ। ଏବେ ସେହି ବିଜେଡି ନେତାମାନେ ପ୍ରଫୁଲ୍ଲ ଓ ତାଙ୍କ ଟିମକୁ ବଳ ଦେବାକୁ କାଶୀପୁରରେ ଡେରା ପକାଇଛନ୍ତି। ଏବେ ବିଜେଡି ନେତା ସିଜିମାଳିରେ ପହଞ୍ଚି ଲୋକଙ୍କୁ କହୁଛନ୍ତି ଯେ ଆମେ ତୁମ ସହ ଅଛୁ। ଯେଉଁ ସମୟରେ ଆଶ୍ୱାସନା ଦେବା କଥା, ସେତେବେଳେ କିନ୍ତୁ ଏମାନେ ମୁହଁ ଲୁଚାଇଥିଲେ। ଖାଲି ମୁହଁ ଲୁଚାଇଲେ ନାହିଁ, ବରଂ ଯିଏ ମୁହଁ ଟେକିଲା ତାକୁ ପୁଲିସ୍ ଲଗାଇ ଦମନ କରିଥିଲେ। ଏପରିକି ବରିଷ୍ଠ ବିଜେଡି ନେତାମାନେ ମଧ୍ୟ ସେତେବେଳେ ଏଠାକୁ ଆସି ନ ଥିଲେ। ଏବେ ପହଞ୍ଚି କହୁଛନ୍ତି ଯେ ତୁମ ପାଖରେ ଆମେ ଅଛୁ। ଏହାଠୁ ବଡ଼ ଦୁର୍ଭାଗ୍ୟ ଆଉ କଣ ହୋଇପାରେ। ଗତ ନିର୍ବାଚନରେ ବିଜେଡି ଯଦି ସେଠାରେ ହାରିଛି, ତା’ହେଲେ ଏହା କେବଳ ସିଜିମାଳି ପ୍ରସଙ୍ଗ ପାଇଁ ସମ୍ଭବ ହୋଇଛି। ଲୋକେ ବିଜେଡିକୁ ଛାଡ଼ି କଂଗ୍ରେସ ହାତ ଧରିଲେ। ଅବସ୍ଥା ଏଭଳି ହୋଇଥିଲା ଯେ ସିଜିମାଳି ଲୋକେ ରାତାରାତି ମାତୃଭୂମି ନବନିର୍ମାଣ ଦଳ ଗଢ଼ି ବିଜେଡି ବିରୋଧରେ ଜଣେ ମହିଳା ଲାକ୍ରିସ ଗ୍ରାମର ହିନ୍ଦା ମାଝୀଙ୍କ ଝିଅ ସୁଚିତ୍ରା ମାଝୀଙ୍କୁ ପ୍ରାର୍ଥୀ କରି ବିଜେଡି ନେତାଙ୍କୁ ହରାଇଥିଲେ। ବିଜେଡି ନେତାମାନେ ଏଥିରୁ କିଛି ଶିଖିବା ବଦଳରେ ଏବେ ପୁଣିଥରେ କାଶୀପୁରରେ ରାଜନୀତିର ରୁଟି ସେକିବାକୁ ଯେଉଁ ଉଦ୍ୟମ କରୁଛନ୍ତି, ତାହାକୁ ସେଠାକାର ଆଦିବାସୀମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି।

### ଟପ୍ କମାଣ୍ଡର...

ତାଙ୍କ ମୁଣ୍ଡରେ ପ୍ରାୟ ୨୦ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ବରିଷ୍ଠ ମାଓ ନେତା ବାଦିସେ ଦେବା ପରେ ସେ ଏହି ଅଞ୍ଚଳର ସବୁଠାରୁ ପ୍ରଭାବଶାଳୀ କମାଣ୍ଡର ଥିଲେ। ପୋଲିସ ମହାନିର୍ଦ୍ଦେଶକ ବି. ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ପିଏଲଜିଏର ୨୧ କ୍ୟାଡର, ତେଲେଙ୍ଗାନା ରାଜ୍ୟ କମିଟି (ଟିଏସସି)ର ୧୧ କ୍ୟାଡର ଏବଂ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଆଞ୍ଚଳିକ କମିଟିର ୧୦ କ୍ୟାଡର ଅନ୍ତର୍ଭୁକ୍ତ।

ପୁଲିସ ନିକଟରେ କ୍ୟାଡରମାନେ ୩୬ଟି ଫାୟର ଗନ୍, ବିଭିନ୍ନ କ୍ୟାଲିବରର ୧,୦୦୭ଟି ଜୀବନ୍ତ କାର୍ଟ୍ରିଜ୍, ଦୁଇଟି ଦେଶୀ ନିର୍ମିତ ଗ୍ରେନେଡ୍ ଏବଂ ୧୦୦ ଗ୍ରାମ ଓଜନର ଆଠଟି ସୁନା ବିସ୍କୁଟ ହସ୍ତାନ୍ତର କରିଥିଲେ। ସେହିପରି ଆତ୍ମସମର୍ପଣ କରିଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ପାଞ୍ଚଟି ଏକେ-୪୭ ରାଇଫଲ୍, ଚାରୋଟି ଏସଏଲଆର ରାଇଫଲ, ତିନୋଟି ଇନସାସ ରାଇଫଲ୍, ୬ଟି ଥ୍ରୀନଟ୍‌ଥ୍ରୀ ରାଇଫଲ୍, ଗୋଟିଏ ୯ଏମଏମ ଷ୍ଟେନ୍ ବନ୍ଧୁକ, ଦୁଇଟି ୮ଏମଏମ ରାଇଫଲ, ଦଶ ସିଙ୍ଗଲ-ସଟ ବନ୍ଧୁକ, ଗୋଟିଏ ୯ଏମଏମ ପିସ୍ତଲ, ଦୁଇଟି ରିଭଲଭର, ଗୋଟିଏ ବିଜିଏଲ ବନ୍ଧୁକ ଏବଂ ଗୋଟିଏ ଏୟାର ଗନ।

## ଦେଶୀ ମହୁଲି ଜବତ, ୨ ଗିରଫ



ଯାଜପୁର ରୋଡ଼, ୧୦।୪ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଞ୍ଚଳ ସହରରେ ଥିବା ଡୋଲିପୁର ଅବକାରୀ ବିଭାଗ ଥାନା ପକ୍ଷରୁ ଗତକାଲି ବିଳମ୍ବିତ ରାତ୍ରିରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଏରିଆର ବିଆରପିଏଲ ଛକରେ ଏକ ଚାରିଚକିଆ ଗାଡ଼ିକୁ ପିଛା କରାଯାଇ ସେଥିରେ ଆସୁଥିବା ବ୍ୟାପକ ଦେଶୀ ମୋହୁଲି ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି । ଖବରର ଆଧାରରୁ ପ୍ରକାଶ' ଯେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଂଚଳର ପରଜଙ୍ଗ ଥାନା ଅନ୍ତର୍ଗତ ଝାରପାଳ ସାହିର କେଦାର ମୁଣ୍ଡା(୩୦), ମୁଣ୍ଡିଆ ଗୁରୁଡି ଗ୍ରାମର ତ୍ରିବନ ଲାଗୁରି(୨୪) ଏକ ଓଡି୦୪ଡି୧୫୩୬ ଚାରିଚକିଆ ଗାଡ଼ିରେ ୧୮୦ଲିଟର ଦେଶି ମୋହୁଲି ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶିଳ୍ପନଗରୀ ଦାନଗଦି ଅଂଚଳକୁ ବେଆଇନ ଭାବେ ନେଉଥିବାର ସମୟରେ ଡୋଲିପୁର ଅବକାରୀ ବିଭାଗ କର୍ମଚାରୀ ମାନେ ବିଶେଷ ସୂତ୍ରରୁ ଖବର ପାଇ ଗାଡ଼ି ସହ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଏହି ଚଢ଼ାଉରେ ଡୋଲିପୁର ଅବକାରୀ ଥାନା ଅଧିକାରୀ ଶ୍ରୀ ରାମେଶ୍ୱର ମହାନ୍ତି, ଏଏସଆଇ ରଶ୍ମି ରେଖା ଜେନା, ଦେବକାନ୍ତ ଆଚାର୍ଯ୍ୟ, ଶିଶିର ପ୍ରଧାନ, ଚଗଲା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଅବକାରୀ ଥାନା କେସ ନଂ ୨/୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ୨ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିକୁଞ୍ଜ କିଶୋର ପଟ୍ଟନାୟକ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ



ଖୋରଧା,୧୦।୪ (ସଂଚାର ବ୍ୟୁରୋ)ଃ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଖୋରଧାର ବରିଷ୍ଠ ବିଜେପି ନେତା ତଥା ବିଜେପିର ଜଣେ ସକ୍ରିୟ ସଦସ୍ୟ ନୀକୁଞ୍ଜ କିଶୋର ପଟ୍ଟନାୟକଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ର ଲହରି ଖେଳି ଯାଇଛି । ଶ୍ରୀଯୁକ୍ତ ପଟ୍ଟନାୟକ ୧୯୭୫--୧୯୯୪ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସକ୍ରୀୟ ସଦସ୍ୟ ଭାବରେ କାର୍ଯ୍ୟ କରିଥିବା ବେଳେ ୧୯୯୪ ମସିହାରୁ ଆଜି ପର୍ଯ୍ୟନ୍ତ ବିଜେପି ପାଇଁ କାର୍ଯ୍ୟ କରୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ସମୟ ରେ ଭୁବନେଶ୍ୱର ଲୋକସଭା ସାଂସଦ ଏବଂ ଖୋରଧା ବିଧାୟକଙ୍କ ନିର୍ବାଚନ ପ୍ରଚାରର ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ତାଙ୍କୁ ବିଜେପି ଦଳ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ସେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ରଞ୍ଜନ ମହାନ୍ତି, ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ, ଖୋରଧା ବିଧାୟକ ପ୍ରଶାନ୍ତ ଜଗଦେବ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୋରିଗୁମ୍ମାକୁ କାୟାକଳ୍ପ ମାନପତ୍ର




ବୋରିଗୁମ୍ମା,୧୦।୪ (ସଂଚାର ବ୍ୟୁରୋ)ଃ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୋରିଗୁମ୍ମାକୁ କାୟକଳ୍ପ ଏ ଓ୍ୱାର୍ଡରେ ଜିଲ୍ଲାପାଳଙ୍କ ଜରିଆରେ ସମ୍ମାନିତ କରାଯାଇଛି। ଆଜି କୋରାପୁଟ ସ୍ଥିତ ସଦ୍.ଭାବନା ଗୃହ ରେ ଏହି ମାନପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉ କି ଗତ ୧୪ ଜାନୁଆରୀ ୨୦୨୬ ରେ ସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଉଚ୍ଚ ସ୍ତରୀୟ ଟିମ୍ (କାୟାକଳ୍ପ) ପହଞ୍ଚି ବୋରିଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ରେ ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପାରିବେଶିକ ସ୍ୱଚ୍ଛତାକୁ ଏହି ଟିମ୍ ପରଖିଥିଲେ। ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ଯକ୍ଷ୍ମା, ସ୍ତ୍ରୀ ଓ ପ୍ରସୂତି ବିଭାଗ, ବର୍ଯ୍ୟ ବସ୍ତୁ ପରିଚାଳନା ଭଳି ଅନେକ ଗୁଡ଼ିଏ ବିଭାଗ ବୁଲି ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅକ୍ଷୟ କୁମାର କୁଣ୍ଡୁ ଏବଂ ବି.ପି.ମ୍ ସସ୍ମିତା ତ୍ରିପାଠୀ ଏହି ମାନପତ୍ର ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିଲେ। ଏହାର ଶ୍ରେୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଦିଆଯାଉଛି ବୋଲି ମତ ପ୍ରକାଶ ରଖିଛନ୍ତି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ।

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ଫୁଲବାଣୀ,୧୦।୪ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପାରମ୍ପରିକ ଲୋକକଳା, ସଙ୍ଗୀତ ଓ ନୃତ୍ୟର ପ୍ରଚାର ପ୍ରସାର ତଥା କଳାକାରମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବରେ ମାନ୍ୟବର କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଅଜିତ କୁମାର ପଟ୍ଟନାୟକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ , ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋମ୍ୟରଞ୍ଜନ ପାତ୍ର, ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଯୋଗଦେଇ କଳା ଓ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳର ପ୍ରସିଦ୍ଧ ଶିଙ୍ଗ ବାଦ୍ୟ ଓ ଅନ୍ୟାନ୍ୟ ଜନଜାତି କଳା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା।

### ବାଂଶପାଣି ରେଳ ସାଇଡିଂରେ ଉନ୍ନତି ଆଢ଼ରେ ଲୁଚିଥିବା ସତ୍ୟ

# ପ୍ରଦୂଷଣ ଓ ଅବହେଳାରେ ସ୍ଥାନୀୟ ବାସିନ୍ଦା ଅଣନିଃଶ୍ୱାସୀ



ଯୋଡ଼ା,୧୦।୪ (ସଂଚାର ବ୍ୟୁରୋ)ଃ ଖଣିଜ ସମ୍ପଦରେ ସମୃଦ୍ଧ କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳରେ ଉନ୍ନତିର ଚିତ୍ର ଦୃଶ୍ୟମାନ ହେଉଥିବା ସତ୍ତ୍ୱେ, ଏହାର ପଛରେ ଥିବା ବାସ୍ତବତା ଅନେକ ଅନ୍ୟରକମ। ବିଶେଷକରି ବାଂଶପାଣି ରେଳ ସାଇଡିଙ୍ଗ ଅଞ୍ଚଳରେ ସ୍ଥାନୀୟ ଲୋକମାନେ ବିଭିନ୍ନ ସମସ୍ୟାରେ ଜୀବନଯାପନ କରୁଛନ୍ତି। ଏହି ସାଇଡିଙ୍ଗ ମାଧ୍ୟମରେ ପାଖପାଖି ଖଣି ଅଞ୍ଚଳରୁ ଆଣାଯାଉଥିବା ଲୁହା ପଥରକୁ ରେଳ ଓ୍ୱାଗନରେ ଲୋଡ଼ କରାଯାଇ ବିଭିନ୍ନ ରାଜ୍ୟକୁ ପଠାଯାଉଛି। ପ୍ରତିଦିନ ଶତାଧିକ ଟନ୍ ଲୁହା ପଥର ଏଠାରୁ ବାହାରୁଥିବାରୁ ଏହା ଦେଶର ଶିଳ୍ପ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। କିନ୍ତୁ ଏହି ଉନ୍ନତିର ପ୍ରଭାବ ସ୍ଥାନୀୟ ଲୋକଙ୍କ ପାଇଁ ସକାରାତ୍ମକ ନୁହେଁ। ସେମାନେ ଧୂଳି ପ୍ରଦୂଷଣରେ ପୀଡ଼ିତ। ଦିନଭରି ଚାଲୁଥିବା ଭାରି ଯାନ ଚଳାଚଳ ଓ ଲୋଡ଼ିଂ କାମ ଫଳରେ ପରିବେଶ ଧୂଳିରେ ଆବୃତ ହୋଇଯାଉଛି। ଘର, ଗଛପତ୍ର ଓ ପାଣିରେ ଧୂଳିର ପତ୍ର ଜମି ଯାଉଛି, ଯାହା ଲୋକମାନଙ୍କ ଜୀବନକୁ ଦୁର୍ବିସହ କରିଦେଇଛି।

ସ୍ଥାନୀୟ ବସିନ୍ଦାମାନଙ୍କ ଅନୁସାରେ, ଧୂଳି ପ୍ରଦୂଷଣର ପ୍ରଭାବ ସବୁଠାରୁ ଅଧିକ ପଡୁଛି ସ୍ୱାସ୍ଥ୍ୟ ଉପରେ। ଶିଶୁମାନେ ଶ୍ୱାସକଷ୍ଟରେ ପୀଡ଼ିତ ହେଉଥିବା ବେଳେ ବୃଦ୍ଧମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମହିଳାମାନେ ମଧ୍ୟ ଦୈନିକ କାମ କରିବାରେ ଅସୁବିଧାର ସମ୍ମୁଖୀନ। ଏହା ସହିତ ନିଯୁକ୍ତି ନେଇ ମଧ୍ୟ ଗୁରୁତର ଅଭିଯୋଗ ରହିଛି। ଏପରି ବଡ଼ ପ୍ରକଳ୍ପ ଥିଲେ ମଧ୍ୟ ସ୍ଥାନୀୟ ଯୁବକମାନେ ରୋଜଗାର ପାଉନାହାନ୍ତି। ବାହାରରୁ ଆସିଥିବା କଣ୍ଟ୍ରାକ୍ଟରମାନେ ସମସ୍ତ କାମ ନିଜ ହାତରେ ନେଇଛନ୍ତି ଓ ନିଜ ଲୋକମାନଙ୍କୁ କାମ ଦେଉଛନ୍ତି। ଏହାର ଫଳରେ ସ୍ଥାନୀୟ ଯୁବକମାନେ ବେକାର ହୋଇ ରହିଯାଉଛନ୍ତି। ଏହି ଅଞ୍ଚଳର ଅଧିକାଂଶ ଲୋକ ଆଦିବାସୀ ଓ ଆର୍ଥିକ ଭାବେ ଦୁର୍ବଳ ଥିବାରୁ ସେମାନେ ନିଜ ଅଧିକାର ପାଇଁ ଜୋରଦାର ଭାବରେ ଆବାଜ ଉଠାଇ ପାରୁନାହାନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକମାନେ କିଛି ମୁଖ୍ୟ ଦାବି ଉଠାଇଛନ୍ତି। ସେମାନଙ୍କ ଦାବି ଅନୁଯାୟୀ— ଧୂଳି ପ୍ରଦୂଷଣ ରୋକିବା ପାଇଁ ରାସ୍ତାରେ ପାଣି ଛିଟାଯିବା ଆବଶ୍ୟକ, ଲୋଡ଼ିଂ ସମୟରେ ଡଷ୍ଟ କଣ୍ଟ୍ରୋଲ୍ ବ୍ୟବସ୍ଥା ଲାଗୁ କରାଯାଉ, ଟ୍ରକଗୁଡ଼ିକୁ ଭଲ ଭାବରେ ଢାକି ଚଳାଚଳ କରାଯାଉ, ତା ସହିତ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତିରେ ପ୍ରାଥମ୍ୟ ଦେବା ପାଇଁ ସରକାରୀ ନିୟମ କଠୋର ଭାବରେ ଲାଗୁ କରାଯିବା ଦରକାର ବୋଲି ସେମାନେ ଦାବି କରିଛନ୍ତି।

ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମେଡିକାଲ୍ କ୍ୟାମ୍ପ ଓ ପରିବେଶ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ ଜୋରଦାର କରିବାକୁ ଆହ୍ୱାନ ହୋଇଛି।

ଏବେ ପ୍ରଶ୍ନ ହେଉଛି, ପ୍ରଶାସନ କେବେ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବ ଓ କେବେ ସ୍ଥାନୀୟ ଲୋକମାନେ ନ୍ୟାୟ ପାଇବେ?

ଯଦି ଉନ୍ନତିର ନାମରେ ସ୍ଥାନୀୟ ଲୋକମାନେ ହିଁ ପୀଡ଼ିତ ହୁଅନ୍ତି, ତେବେ ସେହି ଉନ୍ନତିକୁ ସତ୍ୟ ଅର୍ଥରେ "ଉନ୍ନତି" କୁହାଯିବ କି— ଏହି ପ୍ରଶ୍ନ ଆଜି ମୁଖ୍ୟ ଚର୍ଚ୍ଚାର ବିଷୟ।

### ଚଞ୍ଚକତା କରି ଆବାସ ଗୃହ ଲିଷ୍ଟରୁ ନାଁ କାଟିଦେଲେ

## ଭଙ୍ଗା ଦଦରା ଘରେ ପଡ଼ିଛନ୍ତି କବିତା



ଆନନ୍ଦପୁର,୧୦।୪ (ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେବାକୁ ନେଇ ଆସିଛି ଗୁରୁତର ଅଭିଯୋଗ। ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ବାର୍ଣ୍ଣିଡି ଗ୍ରାମର କବିତା ବାରିକଙ୍କ ନାଁ ଆବାସ ଗୃହ ଲିଷ୍ଟରୁ କାଟିଦେଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ୨୦୨୨-୨୩ ମସିହାରେ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଗୃହ ଲିଷ୍ଟରେ କବିତା ବାରିକଙ୍କ ନାଁ ଥିଲା। କିନ୍ତୁ ପରେ କିଛି ଅଜଣା ବ୍ୟକ୍ତିଙ୍କ ଚଞ୍ଚକତା ଫଳରେ ତାଙ୍କ ନାଁ ଲିଷ୍ଟରୁ କାଟିଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି। କବିତାଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ମାସିକ ପ୍ରାୟ ୪୦ ହଜାର ଟଙ୍କା ଆୟ କରୁଥିବା ମିଥ୍ୟା ଆରୋପ ଲଗାଇ ଲିଷ୍ଟରୁ ନାଁ କାଟିଦେଲେ। ଏପର୍ଯ୍ୟନ୍ତ ଆବାସ ଗୃହରେ ସାମିଲ ହୋଇଥିବା ବେଳେ ଏକ ଭଙ୍ଗା ଘରେ ଦୁର୍ଦ୍ଦଶାରେ ଜୀବନ ଯାପନ କରୁଛନ୍ତି। ଏହି ପରିସ୍ଥିତିରେ ଆବାସ ଗୃହ ନ ମିଳିବା ତାଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି।

ଏନେଇ ସେ ବ୍ଲକ୍ ବିକାଶ ଅଧିକାରୀ (ବିଡ଼ିଓ) ଓ ଜିଲ୍ଲାପାଳଙ୍କୁ ଅନେକଥର ଗୁହାରି କରିଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ ବୋଲି ଜଣାଇଛନ୍ତି। ସ୍ଥାନୀୟ ଲୋକମାନେ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଯୋଗ୍ୟ ଲୋକଙ୍କୁ ଆବାସ ଗୃହ ଦେବାକୁ ଦାବି କରିଛନ୍ତି।

## ଉଚ୍ଚତର ଗବେଷଣା ନିମନ୍ତେ ସୋଆ ଓ ଆଇସିଏଆର-ଏନ୍ଆର୍‌ସିଓ୍ୱାଇ ମଧ୍ୟରେ ବୁଝାମଣା




ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ସହିତ ଅରୁଣାଚଳ ପ୍ରଦେଶର ଡିରାଙ୍ଗ ସ୍ଥିତ ଆଇସିଏଆର-ନ୍ୟାସନାଲ୍ ରିସର୍ଚ୍ଚ ସେଂଟର ଅନ୍ ୟାକ (ଏନ୍ଆର୍‌ସିଓ୍ୱାଇ) ମଧ୍ୟରେ ଗୁରୁବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ସୋଆ କୁଳପତି ପ୍ରଫେସର (ଡକ୍ଟର) ପ୍ରଦୀପ୍ତ କୁମାର ନନ୍ଦ ଓ ଆଇସିଏଆର-ଏନ୍ଆର୍‌ସିଓ୍ୱାଇର ବରିଷ୍ଠ ବୈଜ୍ଞାନିକ ଡାକ୍ତର ଦୀନମଣି ମେଧି ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍)ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଏବଂ ପ୍ରାଣୀ ପ୍ରଜନନ ଓ ପ୍ରସୂତୀ ବିଭାଗର ମୁଖ୍ୟ ଡାକ୍ତର ଅଶୋକ କୁମାର ବାରିକ ତଥା ବିଭାଗୀୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

ଏହି ବୁଝାମଣା ପତ୍ର ସ୍ୱାକ୍ଷର ଫଳରେ ଭବିଷ୍ୟତରେ ପ୍ରାଣୀ ପ୍ରଜନନ ଓ ପ୍ରସୂତୀ ବିଭାଗର ଉଚ୍ଚତର ମିଳିତ ଗବେଷଣା ପାଇଁ ସୁଯୋଗ ସୃଷ୍ଟି ହୋଇଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁ,୧୦।୪ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ଦୁଷ୍କର୍ମ ଘଟଣା ର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଡମୁ ସିଂ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ପାପଡାହାଣ୍ଡି ଥାନା ଅନ୍ତର୍ଗତ ଛତ୍ରବର ଗ୍ରାମର ପୀଡିତା ଗତ ୨୮/୦୬/୨୫ରେ ପାପଡାହାଣ୍ଡି ଥାନାରେ କେସ ନମ୍ବର ୧୩୬/୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ଗ୍ରାମର ସୁରେନ୍ଦ୍ର ଭତରା ଉକ୍ତ ବିବାହିତା ପୀଡିତାକୁ କହିଲା ଯେ, ଯେହେତୁ ତୋର ବିବାହର ଅନେକ ବର୍ଷ ପରେ ମଧ୍ୟ କୌଣସି ସନ୍ତାନ ହେଉନି ମୁଁ ତୋତେ ବିବାହ କରି ଭଲରେ ରଖିବି ବୋଲି ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପରେ ସେ ପୀଡିତାକୁ ସ୍ତ୍ରୀ ଭାବରେ ରଖିବାକୁ ମନା କରିବା ସହ ଏହି ଘଟଣାକୁ ପ୍ରଘଟ କଲେ ପୀଡିତାକୁ ଜୀବନରେ ମାରିଦେବାର ଧମକ ଦେଇଥିଲା। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁରେନ୍ଦ୍ର ଭତରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବିଧାୟକଙ୍କ ଦ୍ୱାରା ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



ସୁନ୍ଦରଗଡ଼,୧୦।୪ (ସଂଚାର ବ୍ୟୁରୋ)ଃ ଗୁରୁବାର ସୁନ୍ଦରଗଡ ପୌର ପରିଷଦ ଅନ୍ତର୍ଗତ ଓ୍ୱାର୍ଡ ନମ୍ବର "୧୧" ସ୍ଥିତ ଶଙ୍କରା ଖେଳପଡିଆ ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର ଏବଂ ଓ୍ୱାର୍ଡ ନମ୍ବର "୧୩" କେନ୍ଦୁପଡା ଠାରେ ୯ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମିତ କୀର୍ତ୍ତନ ମଣ୍ଡପକୁ ସଦର ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାକୁ ସ୍ଥାୟୀ ଭାବେ ପ୍ରତିବିମ୍ବିତ କରିବ ଏବଂ ଗ୍ରାମକୁ ଏକ ନୂତନ ପରିଚୟ ଦେବା ସହ ଯୁବକ ବନ୍ଧୁ ମାନଙ୍କୁ ସଂଗଠିତ ହେବା ପାଇଁ ସହାୟକ ହେବ।

ଏହି ଶୁଭ ମୂହୁର୍ତ୍ତରେ ସଦର ବ୍ଲକ କ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଓ୍ୱାର୍ଡ ନମ୍ବର ୧୨ ର କାଉନସିଲର କୈଳାଶ ତନ୍ତୀ, ଓ୍ୱାର୍ଡ ନମ୍ବର ୧୧ ର ପୂର୍ବତନ କାଉନସିଲର ସଂଯୁକ୍ତା ନାଏକ , ବରିଷ୍ଠ ନେତା ଲୁଇସ ଅଜିତ୍ କୁଲ୍ଲୁ, ଦିଗନ୍ତ ପଟେଲ, ସୁଶାନ୍ତ ପଟେଲ, ପ୍ରଦିପ ପଟେଲ, ନରେଶ ପଟେଲ, ରାଜେଶ ସାହୁ ଏବଂ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଟ୍ରକ-କାର୍ ଧକ୍କା, ଜଣେ ଗୁରୁତର



ସୁନ୍ଦରଗଡ଼,୧୦।୪ (ସଂଚାର ବ୍ୟୁରୋ)ଃ ଆଜି ଅପରାହ୍ନରେ ଏକ କାର ଓ ଟ୍ରକ ଧକ୍କା ଦେବା ଯୋଗୁଁ କାର ଚାଳକ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହଉଛନ୍ତି, ଆଜି ସୁନ୍ଦରଗଡ଼ ଉପକଣ୍ଠ ଭୋଜପୁର ନିକଟରେ ଏକ କୋଇଲା ବୋଝେଇ ଟ୍ରକ କାରକୁ ଧକ୍କା ଦେବା ଯୋଗୁଁ କାର ଟି ନିକଟସ୍ଥ ଗଛରେ ଯାଇ ପିଟି ହୋଇ ଅଟକିଗଲା ଏଥିରେ କାର ଚାଳକ ଗୁରୁତର ହୋଇଥିଲେ କିଛି ସ୍ଥାନୀୟ ବାସିନ୍ଦା କାର ଚାଳକଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସିତ ହୋଇଥିଲେ ପରେ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ଟ୍ରେଲରକୁ ଅଟକ ରଖିବା ସହ ଅନୁସନ୍ଧାନ ଜାରୀ ରଖିଛନ୍ତି

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଦେୟ କ୍ୟାବିନ ଉଦ୍‌ଘାଟିତ

### ଉତ୍ତମ ମାନର ସେବା ପାଇବେ ରୋଗୀ



ଯାଜପୁର,୧୦।୪ (ସଂଚାର ବ୍ୟୁରୋ)ଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ରୋଗୀଙ୍କ ସୁବିଧା ପାଇଁ ନବନିର୍ମିତ ଦେୟ କ୍ୟାବିନ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ତେଣୁ ଗୁଣାତ୍ମକ ଡାକ୍ତରୀ ସେବା ଏବଂ ରୋଗୀଙ୍କ ସୁବିଧା ପାଇଁ ଏଠାରେ ୭ଟି ସିଙ୍ଗଲ କ୍ୟାବିନ ଏବଂ ୩ଟି ଟ୍ୱିନ ଫ୍ୟାସିଲିଟି ପେ-କ୍ୟାବିନ ବା ଦେୟ କ୍ୟାବିନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରତ୍ୟେକ କ୍ୟାବିନ ପିଛା ୧୫୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ କ୍ୟାବିନ କକ୍ଷରେ ଦୁଇରୁ ତିନିଟି ଶଯ୍ୟା ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଟେଲିଭିଜନ, ଫ୍ୟାନ, ଆଲୋକ ବ୍ୟବସ୍ଥା ସହ ଶୌଚାଳୟ ଆଦି ସୁବିଧା ରହିଛି। ଏହାସହ ପେସେଣ୍ଟ କଲିଂ ସିଷ୍ଟମ ମଧ୍ୟ ସ୍ଥାପନ କରାଯାଇଛି।

କ୍ୟାବିନ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ କର୍ମଚାରୀ ନିୟୋଜିତ ହେବେ। ଏହାସହ ଡିସେମ୍ବର ସୁଦ୍ଧା ଜିଲ୍ଲାରେ ଡାଏଲିସିସ ଶଯ୍ୟା ବୃଦ୍ଧି ପାଇଁ ମଧ୍ୟ ଯୋଜନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ।

## ବନ୍ଧୁମିଳନ ଆଢ଼ରେ ରାଜନୀତିକ ଶକ୍ତି ପ୍ରଦର୍ଶନ




ଛତ୍ରପୁର,୧୦।୪ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ସହରସ୍ଥିତ ମା' ଏଲେମା ମନ୍ଦିର ପ୍ରାଙ୍ଗଣରେ ଗତ ଶୁକ୍ରବାର ଆୟୋଜିତ "ବନ୍ଧୁ ମିଳନ" କାର୍ଯ୍ୟକ୍ରମ ଏବେ ରାଜନୀତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ବନ୍ଧୁ ମିଳନ ନାଁରେ ସହରର ଯୁବକମାନେ ଏକାଠି ହୋଇ ଯେପରି ଶକ୍ତି ପ୍ରଦର୍ଶନ କରିଥିଲେ, ତାହାକୁ ନେଇ ସ୍ଥାନୀୟ ରାଜନୀତିରେ ନୂଆ ସମୀକରଣ ନେଇ ଚର୍ଚ୍ଚା ଜୋର ଧରିଛି।

ବିଜେପି ଯୁବ ନେତା ଦୀପକ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ସମାଗମକୁ ଯୁବ ଶକ୍ତିର ପ୍ରଦର୍ଶନ ଭାବେ ଦେଖାଯାଉଛି। କାର୍ଯ୍ୟକ୍ରମରେ ସହରର ବିକାଶ, ପାଣି, ପରିଷ୍କାରତା ଓ ରାସ୍ତା ସମସ୍ୟା ନେଇ ଆଲୋଚନା ହୋଇଥିଲେ ମଧ୍ୟ, ବିକାଶ ଆଲୋଚନା ଆଢ଼ରେ ରାଜନୀତିକ ସନ୍ଦେଶ ସ୍ପଷ୍ଟ ଭାବେ ପ୍ରକାଶ ପାଇଥିଲା।

ବିଶେଷକରି, କିଛି ପ୍ରଭାବଶାଳୀ ଓ ସକ୍ରିୟ ସ୍ଥାନୀୟ ନେତାଙ୍କୁ ଆମନ୍ତ୍ରଣ ନ ଦିଆଯାଇଥିବା ଘଟଣା ଗୋଷ୍ଠୀଦ୍ୱନ୍ଦ୍ୱର ସଙ୍କେତ ଦେଇଛି। ସେହିପରି, ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ସିଧାସଳଖ ଚାଲେଞ୍ଜ ଦେଇ ନିଜ ଶକ୍ତି ପ୍ରଦର୍ଶନ କରିଥିବା ସହ, ବିଧାୟକଙ୍କୁ ସମର୍ଥନ କରିବା ଆଢ଼ରେ ସ୍ଥାନୀୟ ନେତୃତ୍ୱକୁ ଚ୍ୟାଲେଞ୍ଜ ଦିଆଯାଇଥିବା ମଧ୍ୟ ରାଜନୀତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ସେହିପରି, ବିଜୁ ଛାତ୍ର ଜନତା ଦଳର ପୂର୍ବତନ ନଗର ସଭାପତି ରାକେଶ ଦାସଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ରାଜନୀତିକ ରୂପ ଦେଇଛି। କିଛି ଦିନ ଧରି ସକ୍ରିୟ ରାଜନୀତିରୁ ଦୂରେଇ ରହିଥିବା ସେ, ଏହି ସମାଗମରେ ଦେଖାଦେବା ସହ ନୂଆ ସମୀକରଣକୁ ନେଇ ଚର୍ଚ୍ଚା ଜୋର ଧରିଛି।

ବିଶେଷକରି, ବିଜେପି ସମ୍ପର୍କିତ ମଞ୍ଚରେ ତାଙ୍କ ଉପସ୍ଥିତିକୁ ନେଇ ଦଳ ପରିବର୍ତ୍ତନ ନେଇ ଚର୍ଚ୍ଚା ତୀବ୍ର ହୋଇଛି। ତାଙ୍କ ସହ ଯୁବମାନଙ୍କ ସମର୍ଥନ ରହିଥିବାରୁ, ସେ ବିଜେପିକୁ ଯୋଗଦେଲେ ଦଳ ପାଇଁ ଏହା ଏକ ବଡ଼ ରାଜନୀତିକ ଲାଭ ହୋଇପାରେ ବୋଲି ମନାଯାଉଛି।

ଅନ୍ୟପଟେ, ଏପରି ଗୋଷ୍ଠୀୟ କାର୍ଯ୍ୟକଳାପ ଦଳ ମଧ୍ୟରେ ଅସନ୍ତୋଷକୁ ବଢ଼ାଇ ପାରେ ବୋଲି ମଧ୍ୟ ରାଜନୀତିକ ମହଲରେ ଆଶଙ୍କା ପ୍ରକାଶ ପାଉଛି।

# ମେସିନ ଲାଗିଛି, କାର୍ଯ୍ୟକାରୀ ହେଉନି



**ସଠିକ ସମୟରେ କର୍ମଚାରୀ ଆସୁନାହାନ୍ତି କାର୍ଯ୍ୟାଳୟକୁ**

**ଠକିବା ପାଇଁ ଜାଣିଶୁଣି ଝୁଲାଇ ରଖାଯାଇଥିବା ଅଭିଯୋଗ**

**ମାନୁଆଲ ଉପସ୍ଥାନରେ ମିଳୁଛି ଦରମା**

କାକଟପୁର/ଅସ୍ତରଙ୍ଗ,୧୦।୪ (ସଂଚାର ବ୍ୟୁରୋ)ଃ କର୍ମଚାରୀଙ୍କୁ ଶୃଙ୍ଖଳିତ କରିବାକୁ ପୁରୀ ଜିଲ୍ଲାପାଳ ଅସ୍ତରଙ୍ଗ ବ୍ଲକ ଗ୍ରସ୍ତ କରିବା ପରେ ଅସ୍ତରଙ୍ଗ ବ୍ଲକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଅନ୍ୟ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ସଠିକ ସମୟରେ ଆସିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବାୟୋମେଟ୍ରିକ ବ୍ୟବସ୍ଥା ହୋଇଛି। ନିୟମିତ ବାୟୋମେଟ୍ରିକ ମେସିନ କ୍ୟାମେରା ଅବା ଫିଙ୍ଗର ଫିଟଦେଇ ଉପସ୍ଥାନ ପକାଇବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟାଳୟ ଭିତରେ ବାୟୋମେଟ୍ରିକ ମେସିନ ଲାଗିଛି। ବାୟୋମେଟ୍ରିକ ମେସିନ ଲାଗିଥିଲେ ମଧ୍ୟ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ବ୍ଲକର ବିଭିନ୍ନ ବିଭାଗ କର୍ମଚାରୀ ବ୍ଲକ ପରିସରକୁ ମନ ଇଚ୍ଛା ପ୍ରବେଶ ଓ ଅପରାହ୍ନରେ ମନଇଚ୍ଛା ପ୍ରସ୍ଥାନ କରୁଛନ୍ତି। ଖାତାରେ ଉପସ୍ଥାନ ପକାଉଛନ୍ତି। ଖାତା ଦେଖି କର୍ମଚାରୀଙ୍କ ଦରମା କରାଯାଉଛି। କିଛି କର୍ମଚାରୀ ନିୟମିତ ଅଫିସକୁ ବିଳମ୍ବରେ ଆସୁଥିବାରୁ ସେମାନେ ଜାଣିଶୁଣି ବାୟୋମେଟ୍ରିକ ବ୍ୟବସ୍ଥାକୁ ଝୁଲାଇ ରଖିଥିବା ଅଭିଯୋଗ ଉଠିଛି। ଏମିତିକି ଅସ୍ତରଙ୍ଗ ବ୍ଲକ ବିଡ଼ିଓ ଅନେକ ସମୟରେ ବିଳମ୍ବରେ ଆସୁଥିବାର ନଜିର ରହିଛି।

ପ୍ରତ୍ୟେକ ଦିନ ବିଭିନ୍ନ ସମସ୍ୟା ନେଇ ଲୋକେ ବ୍ଲକ ଆସୁଥିବା ବେଳେ କର୍ମଚାରୀ ଅନେକ ସମୟରେ ବିଳମ୍ବରେ ଆସୁଥିବାରୁ ଲୋକେ ହଇରାଣ ହେଉଛନ୍ତି। କିନ୍ତୁ ବିଭିନ୍ନ ଆଳରେ ବାୟୋମେଟ୍ରିକ ମେସିନ ଲାଗିଥିଲେ କାର୍ଯ୍ୟକ୍ଷମ କରାଯାଉ ନଥିବା ଜିଲ୍ଲାପାଳଙ୍କ ନିକଟରେ ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ ଅଭିଯୋଗ କରିଛନ୍ତି।

ଅଭିଯୋଗ ହୋଇଛି, ଏବେ ବି ମାନୁଆଲ ଉପସ୍ଥାନ ଖାତା ଯାଞ୍ଚ କରି ଦରମା ପାଇଁ କାଗଜପତ୍ର ଟ୍ରେଜେରିକୁ ପଠାଯାଉଛି। ଯେହେତୁ ଓକାକ ବାୟୋମେଟ୍ରିକ ମେସିନ ପରିଚାଳନା କରୁଛି, ସେ ଉପସ୍ଥାନର ତଥ୍ୟ ଦେବା ପରେ ଓ୍ୱାର୍କସିଟ ପ୍ରସ୍ତୁତ ହେବା କଥା। ଉପସ୍ଥାନ ଖାତାରେ ଯେଉଁମାନେ ଦସ୍ତଖତ ଦେଉଛନ୍ତି, ସେହି ଦସ୍ତଖତ ଦେଖି ଦରମା କରାଯାଉଛି। ଏହା କର୍ମଚାରୀଙ୍କୁ ଠକିବାର ସୁଯୋଗ ସୃଷ୍ଟି କରିଛି ବୋଲି ଅଭିଯୋଗ ହୋଇଛି। ଖାତାରେ ଦସ୍ତଖତ ବ୍ୟବସ୍ଥା ବନ୍ଦ କରି କେବଳ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଲାଗୁ କରିବା ଓ ଏହାକୁ କଡାକଡି ଲାଗୁ କରିବାକୁ ଦାବୀ ହୋଇଛି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଯୋଗଦାନ



ସତ୍ୟବାଦୀ,୧୦।୪ (ସଂଚାର ବ୍ୟୁରୋ)ଃ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଡିନ୍ ତଥା ସାହିତ୍ୟ ବିଭାଗର ବରିଷ୍ଠ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଆଜି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆନୁଷ୍ଠାନିକ ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ପ୍ରଫେସର ଆଚାର୍ଯ୍ୟଙ୍କୁ ସ୍ୱାଗତ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟରେ ପ୍ରାକ୍ତନ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର, ବିତ୍ତ ନିୟନ୍ତ୍ରକ ସଂଜୀବ ଜେନା, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଶୈକ୍ଷିକ ବିଭାଗ ଡିନ ଡ. ଲିପିକା ନାୟକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଛାତ୍ରମଙ୍ଗଳ ଅଧିକାରୀ ଡକ୍ଟର ସଙ୍ଗୀତା ଜେନା, ଡକ୍ଟର ଶର୍ମିଷ୍ଠା ମହାପାତ୍ର, ଡକ୍ଟର ଜୟନ୍ତ ପରିଡ଼ା, ଡକ୍ଟର ଶୁଭସ୍ମିତା ନାୟକ, ଡକ୍ଟର ସସ୍ମିତା ଜେନା, ଡକ୍ଟର ମୋନାଲି ଚ୍ୟାଙ୍ଗ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଗଣ ଉପସ୍ଥିତ ରହିଥିଲେ।



ପିପିଲି ରାଜପଥରେ ଲୋକକଳାର ମହାକୁମ୍ଭ

# ଓଡ଼ିଆ ଅସ୍ମିତାର ମହାପର୍ବ ଓଡ଼ିଆ ପକ୍ଷ

ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ)ଃଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧ରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ପୁରୀ ଜିଲ୍ଲାର ପିପିଲିଠାରେ ରାଜ୍ୟସ୍ତରୀୟ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ଆୟୋଜିତ ହୋଇଛି। ଏହି ଉତ୍ସବରେ ରାଜ୍ୟର ୮୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ୮୦୦ରୁ ଊର୍ଦ୍ଧ୍ୱ କଳାକାର ପିପିଲି ରାଜପଥରେ ଓଡ଼ିଶାର ସମୃଦ୍ଧ ଲୋକକଳାକୁ ପ୍ରଦର୍ଶିତ କରିଥିଲେ। ଏଥିସହ ଜବାହର ବିଦ୍ୟାପୀଠଠାରୁ ପଦାପଡ଼ିଆ ପର୍ଯ୍ୟନ୍ତ ଏକ ର୍ୟାଲିରେ କଳାକାରମାନେ ନିଜର କଳା ଓ ନୃତ୍ୟକୁ ପ୍ରଦର୍ଶିତ କରିଥିଲେ।

ଭଦ୍ରକର ମୋଗଲ ତାମସା ଓ ଲଉଡ଼ି ନୃତ୍ୟ, ବାଲେଶ୍ୱରର ନୀଳଗିରି ଛଉ, ବରଗଡ଼ର ଦୁଲଦୁଲି, ରସରକେଳି, ବଜଶାଲ, ବୌଦ୍ଧର ଦଣ୍ଡନୃତ୍ୟ, ଶବର ଶବରୁଣୀ, ବଲାଙ୍ଗୀରର ବଜନିଆ, ନଚନିଆ, କଟକର ଗୋପାଳ ଲଉଡ଼ି, ପୁରୀର ଘୋଡ଼ାନାଚ ଭଳି ନୃତ୍ୟ ଖୁବ ସୁନ୍ଦର ଭାବେ କଳାକାରମାନେ ରାଜପଥରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ରାଜ୍ୟ ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଓଡ଼ିଆ ପକ୍ଷ ହେଉଛି ଓଡ଼ିଆ ଅସ୍ମିତାର ମହାପର୍ବ। ଆଜି ଓଡ଼ିଆ ପକ୍ଷ ପାଳନର ଦଶମ ଦିନଟି ଓଡ଼ିଶାର ଲୋକକଳା ପାଇଁ ସମର୍ପିତ। ସାରା ରାଜ୍ୟରେ ଓଡ଼ିଆ ପକ୍ଷକୁ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଆମ ଲୋକକଳା ଓଡ଼ିଆଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଲୋକକଳାର ବିକାଶ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆମେ ଯେପରି ବିଶ୍ୱବିଦିତ କରିପାରିବା, ସେ ଦିଗରେ ସମସ୍ତେ ମିଳିମିଶି କାମ କରିବାକୁ ପୂର୍ତ୍ତମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ସେହିପରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ସମୃଦ୍ଧ ଲୋକକଳା ଉପରେ ଗୁରୁତ୍ୱାରୋପ କରିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆମାନଙ୍କୁ ଆଜି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି କହିଥିଲେ।

ମେଟ୍ରୋ ପ୍ରକଳ୍ପକୁ ନେଇ ମୁହଁ ଖୋଲିଲେ ଅପରାଜିତା

# ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

● ଲାଭକ୍ଷତି ନୁହେଁ, ଜନସ୍ୱାର୍ଥ ପାଇଁ ମେଟ୍ରୋ ଜରୁରୀ

● ପ୍ରକଳ୍ପ ବନ୍ଦ ହୋଇନାହିଁ, ବିଚାର ଚାଲିଛିଃ ମନ୍ତ୍ରୀ



ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପ୍ରସଙ୍ଗରେ ପ୍ରଥମ ଥର ପାଇଁ ଆଜି ମୁହଁ ଖୋଲିଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ପାଇଁ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକୁ ନେଇ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ନିବେଦନ କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି। ଗତକାଲି ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ବିଜେଡିର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ମଧ୍ୟ ଚିଠି ଲେଖିଥିଲେ।

ଅପରାଜିତା ଷଡଙ୍ଗୀ କହିଛନ୍ତି ଯେ ଭୁବନେଶ୍ୱରରେ ଦିନକୁ ଦିନ ଜନସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ଟ୍ରାଫିକ ସମସ୍ୟା ଉପୁଜିବାରେ ଲାଗିଛି। ଜନସଂଖ୍ୟା ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ମେଟ୍ରୋ ରେଳ ପ୍ରକଳ୍ପ ଅତ୍ୟନ୍ତ ଜରୁରୀ। ମେଟ୍ରୋ ରେଳ ପ୍ରକଳ୍ପ କେବଳ ଭୁବନେଶ୍ୱର ନୁହେଁ, ବରଂ କଟକ, ଜଟଣୀ ଓ ଖୋର୍ଦ୍ଧା ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାର କ୍ଷମତା ରଖୁଥିଲା। ଏହା ହଠାତ ବନ୍ଦ ହୋଇଯିବା ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ମେଟ୍ରୋ ରେଳ ପ୍ରକଳ୍ପ ବାବଦରେ ରାଜ୍ୟ କୋଷାଗାରରୁ ପ୍ରାୟ ୨୭୪ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଯଦି ଏବେ ଏହାକୁ ବନ୍ଦ କରାଯାଏ ଓ ଭବିଷ୍ୟତରେ ପୁଣି ଆରମ୍ଭ କରାଯାଏ, ତେବେ ଏହାର ନିର୍ମାଣ ଖର୍ଚ୍ଚ ୨ରୁ ୪ ଗୁଣ ବୃଦ୍ଧି ପାଇବ। ଲିଙ୍ଗରାଜ ମନ୍ଦିର, ଧଉଳି ଓ ନନ୍ଦନକାନନ ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ସହଜ ଯୋଗାଯୋଗ ପାଇଁ ମେଟ୍ରୋ ଏକ ଆଧୁନିକ ମାଧ୍ୟମ ହୋଇଥାନ୍ତା। ଲାଭ-କ୍ଷତିକୁ ନ ଦେଖି ବୃହତ୍ତର ଜନସ୍ୱାର୍ଥ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ପାଇଁ ଏହି ପ୍ରକଳ୍ପକୁ ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ଭୁବନେଶ୍ୱର ସାଂସଦଙ୍କ ଚିଠି ଉପରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନାହିଁ। ସାମୟିକ ସ୍ଥଗିତ ରହିଛି। ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ବନ୍ଦ ହୋଇନାହିଁ। ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ଅଫିସ ମଧ୍ୟ ଚାଲୁ ରହିଛି। ପ୍ରକଳ୍ପ ବାବଦରେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ବିଚାରାଧୀନ ରହିଛି। ପ୍ରକଳ୍ପ କେମିତି ଲାଭଜନକ ହେବ, ସେନେଇ ଚିନ୍ତା କରାଯାଉଛି। ପୂର୍ବରୁ ପ୍ରସ୍ତାବିତ ମେଟ୍ରୋ ପ୍ରକଳ୍ପ ପାଇଁ ଯେଉଁ ରୂପରେଖ ହୋଇଥିଲା ତାହା ଲାଭଦାୟକ ହେଉ ନ ଥିଲା। ଆଜି ନ ହେଲେ କାଲି ମେଟ୍ରୋର ଆବଶ୍ୟକତା ଅଛି। ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି ବୋଲି ସେ କହିଛନ୍ତି।

# ଦୁଇ ଟନରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ଫିରିଙ୍ଗିଆ, ୧୦।୪ (ସଂଚାର ବ୍ୟୁରୋ) ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଗଞ୍ଜେଇ ଚାଷ କିମ୍ବା ଚାଲାଣ କମିବାରେ ନା ଧରୁନି। ବାରମ୍ବାର ପୁଲିସ ଏବଂ ଅବକାରୀ ବିଭାଗ ଧରପଗଡ଼ କରି ଗଞ୍ଜେଇ ଚାଲାଣ କାରି ଓ ଗାଡି ଜବତ କାରି କୋର୍ଟ ଚାଲାଣ କରୁଥିଲେ ମଧ୍ୟ ଚାଲାଣକାରି କିମ୍ବା ଗଞ୍ଜେଇ ଚାଷୀ ସଚେତନ ହେଉନାହାନ୍ତି । ଫିରିଙ୍ଗିଆ ବ୍ଲକର ଦୁଇଟି ଥାନା ଫିରିଙ୍ଗିଆ ଏବଂ ଗୋଚ୍ଛାପଡା ପୁଲିସ ଟନ୍ ଟନ୍ ଗଞ୍ଜେଇ ଜବତ କରିବାରେ ସଫଳ ମଧ୍ୟ ହେଉଥିବାବେଳେ ଗତ କିଛି ଦିନ ପୂର୍ବରୁ ଫିରିଙ୍ଗିଆ ପୁଲିସ ଦୁଇ ଟନରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିବାବେଳେ ଏବେ ପୁଣି ଗୋଚ୍ଛାପଡ଼ା ପୁଲିସ ଦୁଇ ଟନ ଦୁଇ ସହ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି ।



● ଆନନ୍ଦପୁର ବିଜେଡିକୁ ଝଟ୍‌କା

# ଇସ୍ତଫା ଦେଲେ କାଉନସିଲର



ବଞ୍ଚୋ,୧୦।୪ (ସଂଚାର ବ୍ୟୁରୋ)ଃ ଆନନ୍ଦପୁର ନଗରପାଳିକାର ୱାର୍ଡ ନମ୍ବର ୭ର କାଉନସିଲର କୃଷ୍ଣ ରଣା ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ତେବେ ସେ କେଉଁ ଦଳରେ ଯୋଗଦେବେ, ସେଥିପ୍ରତି ସମସ୍ତଙ୍କ ନଜର ରହିଛି। ମିଳିଥିବା ସୂଚନାନୁସାରେ, ଦଳ ଭିତରେ ଅସନ୍ତୋଷ ଓ କିଛି ନୀତିଗତ ମତଭେଦ ଯୋଗୁ କୃଷ୍ଣ ଏପରି ନିଷ୍ପତ୍ତି ହୋଇଛନ୍ତି। ଅବଶ୍ୟ ସେ ବ୍ୟକ୍ତିଗତ ଭାବେ ତାଙ୍କର ଇସ୍ତଫାର କାରଣ କିଛି ବି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ତାଙ୍କ ଇସ୍ତଫାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି। ତେବେ କୃଷ୍ଣଙ୍କ ଇସ୍ତଫା ପରେ ଆନନ୍ଦପୁର ବିଜେଡି ନିଶ୍ଚିତ ଭାବେ ଦୁର୍ବଳ ହେବା ନେଇ ଆକଳନ କରାଯାଉଛି। ସେହିପରି ସେ ରାଜ୍ୟର କ୍ଷମତାସୀନ ଦଳ ବିଜେପିରେ ଯୋଗଦେବେ ବୋଲି ମଧ୍ୟ କେତେକ କହୁଛନ୍ତି।

● ନାବାଳିକା ଦୁଷ୍କର୍ମ ଓ ହତ୍ୟାକାଣ୍ଡ ମାମଲା

# ଅଭିଯୁକ୍ତକୁ ଫାଶୀଦଣ୍ଡାଦେଶ

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ଅନୁଗୁଳ ଜିଲ୍ଲାରେ ଘଟିଥିବା ଜନୈକା ୪ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଆଜି ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅନୁଗୁଳ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଅଭିଯୁକ୍ତ ବାବୁଲା ଜେନାକୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ଦଫା ୧୩୭(୨), ୧୦୩(୧), ୬୫(୨) ଓ ୨୩୮(କ) ସହ ପକ୍ସୋ ଆକ୍ଟର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦଣ୍ଡିତ କରାଯାଇଛି। ଏଥିସହ ମାତ୍ର ଏକ ବର୍ଷ ମଧ୍ୟରେ ଏହି ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି, ଯାହାକି ପୁଲିସର ଦକ୍ଷତା ଓ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ଏକ ଜ୍ୱଳନ୍ତ ଉଦାହରଣ।

ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୫ ମାର୍ଚ୍ଚ ୧୩ରେ ଇଣ୍ଡଷ୍ଟ୍ରିଆଲ ଥାନାଞ୍ଚଳରେ ଜନୈକାଣେ ନାବାଳିକା ତାଙ୍କ ଘର ସମ୍ମୁଖରେ ଖେଳୁଥିବା ସମୟରେ ହଠାତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଖୋଜାଖୋଜି କରାଯିବା ପରେ ମାର୍ଚ୍ଚ ୧୫ ତାରିଖରେ ନିକଟସ୍ଥ ଏକ ମହୁଲ ଗଛ ମୂଳରୁ ଉକ୍ତ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ନାବାଳିକାଙ୍କୁ ଦୁଷ୍କର୍ମ କରାଯିବା ସହ ଗଳା ଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଅନୁଗୁଳ ଏସପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଇଣ୍ଡଷ୍ଟ୍ରିଆଲ ଥାନା ଆଇଆଇସି ଓ ଡିଏସପି (ଆଇୟୁସିଏଡବ୍ଲ୍ୟୁ) ଯୋଗେଶ୍ୱରୀ ବେହେରାଙ୍କ ନେତୃତ୍ୱରେ ପୁଲିସ ଅଭିଯୁକ୍ତ ବାବୁଲାକୁ ଗିରଫ କରିଥିଲା। ବୈଜ୍ଞାନିକ ଓ ଫୋରେନସିକ୍ ପ୍ରମାଣ ସଂଗ୍ରହ, ଡିଏନଏ ନମୁନା ପରୀକ୍ଷା ଓ ସଠିକ ସମୟରେ ପୁଲିସର ଚାର୍ଜଶିଟ୍ ଦାଖଲ ଯୋଗୁଁ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାରେ ପୁଲିସ ସକ୍ଷମ ହୋଇପାରିଥିଲା। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁଗୁଳ ଏସପି ଓ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ଦ୍ରୁତ ତଦନ୍ତ ଓ କମ୍ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଜିଅନ୍ତା ଜଳିଗଲେ ମହିଳା

କନ୍ଧମାଳ,୧୦।୪(ସଂଚାର ବ୍ୟୁରୋ)ଃ ଘର ଭିତରେ ଜିଅନ୍ତା ଜଳିଗଲେ ମହିଳା। ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଟିକିରାପଡ଼ା ଗାଁରେ ଅଗ୍ନିକାଣ୍ଡ। ଘର ଭିତରେ ମହିଳା ଜଣଙ୍କ ଶୋଇଥିବା ବେଳେ ହଠାତ୍ ଲାଗିଥିଲା ନିଆଁ। ବାହାରକୁ ବାହାରି ନପାରି ମହିଳା ଜୀବନ୍ତ ଦଗ୍ଧ। ମୃତକ ସୂର୍ଯ୍ୟକାନ୍ତି ସାହୁ। ବାଉଁଶୁଣୀ ଅଗ୍ନିଶମ ବାହିନୀ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଛନ୍ତି। ଶର୍ଟସର୍କିଟରୁ ଘରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

# ଏମ୍ସ ନର୍ସିଂ ସଂଘ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ) ଃ ରାଜଧାନୀରେ ପୁଣି ଆତଙ୍କ। ଏମ୍ସ ନର୍ସିଂ ସଂଘର ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି ଆହତ ସଭାପତିଙ୍କର ଜଣେ ସହଯୋଗୀ। ଆକ୍ରମଣରେ ସଭାପତି ରମେଶ ପନଙ୍କୁପତି ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ତାଙ୍କୁ କିଏ ଆକ୍ରମଣ କରିଛି ଓ ଏହି ଆକ୍ରମଣ ପଛର କାରଣ କ'ଣ, ସେନେଇ କିଛି ବି ଜଣାପଡ଼ିନାହିଁ। ତେବେ ରମେଶଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ହସ୍ପିଟାଲର ପାଚେରୀ ବାହାରେ ହଠାତ୍ ୬ ଜଣ ଲୋକ ତାଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି।

# ଆରମ୍ଭ ହେଲା କିଶୋରୀଙ୍କ ପାଇଁ ବିଶେଷ ଅଭିଯାନ

ପୁରୀ,୧୦।୪(ସଂଚାର ବ୍ୟୁରୋ)ଃ କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ଲକ୍ଷ୍ୟରେ ଇଷ୍ଟର୍ଣ୍ଣ ଗ୍ରୀନ୍ ଫାଉଣ୍ଡେସନ୍ ପକ୍ଷରୁ ଏକ ବିଶେଷ ଅଭିଯାନ ଏଠାରୁ ଆରମ୍ଭ ହୋଇଛି। ବିଶେଷକରି ୧୦ରୁ ୧୮ ବର୍ଷ ବୟସର ଛାତ୍ରୀମାନଙ୍କୁ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ମାଧ୍ୟମରେ ମହିଳା ସଶକ୍ତିକରଣର ବାର୍ତ୍ତା ପ୍ରସାର କରିବା ଏହାର ମୂଳ ଉଦ୍ଦେଶ୍ୟ। ସ୍ୱାସ୍ଥ୍ୟ ସଚେତନ ହେବେ କିଶୋରୀ। ବିଶେଷକରି ୧୦ରୁ ୧୮ ବର୍ଷର ଛାତ୍ରୀମାନେ ହେବେ ସ୍ୱାସ୍ଥ୍ୟ ସଚେତନ। ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ମାଧ୍ୟମରେ ମହିଳା ସଶକ୍ତିକରଣର ବାର୍ତ୍ତା ଦେଇଛି ଫାଉଣ୍ଡେସନ। ବିଶେଷକରି ସରକାରୀ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଏହି ସ୍ୱାସ୍ଥ୍ୟ ସଚେତନତାରେ ସାମିଲ କରାଯାଉଛି। ପୁରୀ ସରକାରୀ ବାଳିକା ବିଦ୍ୟାଳୟରୁ ପ୍ରଥମ କରି ଏହି ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସରକାରୀ ତଥା ବାଳିକା ବିଦ୍ୟାଳୟଗୁଡ଼ିକରେ ଏହି ଅଭିଯାନ ପହଞ୍ଚିବ ବୋଲି ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି। ବିଶେଷକରି ମାସିକ ଋତୁସ୍ରାବ ସମୟରେ ସଚେତନ ହେବା ସହ ସାନିଟାରୀ ନାପକିନ ବ୍ୟବହାର ଦିଗରେ ଟିପ୍ସ ଦିଆଯାଇଛି।

ଓଡ଼ିଶା ଉପରେ ଟ୍ରାପ୍‌ଲାଇନ୍

# ୨୪ ଘଣ୍ଟା ଯାଏଁ କାଳବୈଶାଖୀ ବର୍ଷା!




୧୧ ଜିଲ୍ଲାକୁ ୟେଲୋ ଆଲର୍ଟ

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃସମ୍ପ୍ରତି ଓଡ଼ିଶା ଉପରେ ଏକ ଟ୍ରାପଲାଇନ୍ ସକ୍ରିୟ ରହିଥିବା ବେଳେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ଆଜି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ଏହି ପୂର୍ବାନୁମାନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ୧୧ ଜିଲ୍ଲାକୁ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ସତର୍କ କରାଯାଇଛି। ଏହି ସମୟରେ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି। ଉକ୍ତ ଜିଲ୍ଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଯାଜପୁର, ଭଦ୍ରକ ଓ ବାଲେଶ୍ୱର।

ତେବେ ଆସନ୍ତାକାଲିଠାରୁ ଏହି ଟ୍ରାପ୍‌ଲାଇନ୍‌ର ପ୍ରଭାବ ଓଡ଼ିଶା ଉପରେ ସମସ୍ତ ଉପକୂଳ ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏନେଇ ଜନସାଧାରଣଙ୍କୁ ସତର୍କ ରହିବା ସକାଶେ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହିସବୁ ଜିଲ୍ଲା ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି। ଏଥିସହ ଦିନ ବେଳା ତାପମାତ୍ରା ପ୍ରାୟ ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ନାହିଁ। ଫଳତଃ ଆସନ୍ତାକାଲିଠାରୁ ରାଜ୍ୟରେ ପାରଦ ଉପରମୁହାଁ ହେବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଦିନବେଳା ତାପମାତ୍ରା ୪୦ ଡିଗ୍ରୀ ଡେଇଁବ। ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ

ଅନ୍ୟପକ୍ଷରେ ରାଜ୍ୟରେ ଗତ ୨୪ ଘଣ୍ଟାରେ ସର୍ବାଧିକ ବର୍ଷା ପୁରୀ ଜିଲ୍ଲାର ନିମାପଡ଼ାରେ ହୋଇଛି, ଯାହାକି ୬୦.୦ ମିମି ରେକର୍ଡ କରାଯାଇଛି। ସେହିପରି ବୌଦ୍ଧରେ ଦିନବେଳା ସର୍ବାଧିକ ତାପମାତ୍ରା ୩୮.୯ ଡିଗ୍ରୀ ସେଲସିୟସ ରହିଛି। ଏହାଛଡ଼ା ଭୁବନେଶ୍ୱରରେ ତାପମାତ୍ରା ୩୪.୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ କଟକରେ ୩୩.୪ ଡିଗ୍ରୀ ସେଲସିୟସ ରହିଥିଲା।

# କାର୍ ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର



ନୀଳଗିରି,୧୦।୪(ସଂଚାର ବ୍ୟୁରୋ)ଃ ଶେରଗଡ଼ -ନୀଳଗିରି- ଝରଣା ଘାଟି ୧୯ ନମ୍ବର ରାଜ୍ୟ ରାଜପଥ ସିମୁଳିଆ ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ବାଇକ୍‌କୁ ଧକ୍କା ଦେବା ଫଳରେ ଏଥିରେ ଦୁଇ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ନୀଳଗିରିରୁ ଶେରଗଡ଼ ଅଭିମୁଖେ ଯାଉଥିବା ଏକ ଇଣ୍ଡିକା କାର ଗଡ଼ିଆମାଳରୁ ଆସୁଥିବା ଏକ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଗଡ଼ିଆମାଳ ଗ୍ରାମର ଝୁନୁ ସିଂଙ୍କ ପୁଅ ପୁନିଆ (୧୯) ଓ ରବି ସିଂଙ୍କ ପୁଅ ପ୍ରଶାନ୍ତ (୧୭) ଆହତ ହୋଇଛନ୍ତି। ଉଭୟ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳକୁ ଟାଇଲ କାମ କରିବା ପାଇଁ ଯାଉଥିଲେ। ଉକ୍ତ ଦୁର୍ଘଟଣାରେ ପୁନିଆଙ୍କ ଡାହାଣ ଗୋଡ଼ ୩ ଖଣ୍ଡ ହୋଇ ଯାଇଥିବା ବେଳେ ତାଙ୍କର ଅବସ୍ଥା ଉଦ୍‌ବେଗଜନକ ରହିଛି। ସେହିପରି ପ୍ରଶାନ୍ତଙ୍କ ମୁଣ୍ଡ, ଗୋଡ଼ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ପରେ କାର ମାଲିକ କାରକୁ ଅନ୍ୟଏକ ଗାଡ଼ି ଯୋଗେ ନେଇ ଫେରାର ହୋଇଯାଇଛନ୍ତି।

# ଅଟୋ ଓଲଟି ୧୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଆହତ



ନୟାଗଡ଼,୧୦।୪(ସଂଚାର ବ୍ୟୁରୋ)ଃ ଭାରସାମ୍ୟ ହରାଇ ଓଲଟିଲା ଅଟୋ। ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତର ମାନସିକଧାରୀ ଦଣ୍ଡୁଆଙ୍କ ଅଟୋ ଗାଡ଼ି ଓଲଟି ପଡ଼ିବାରୁ ୧୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଆହତ ହୋଇଛନ୍ତି। ବଡ଼ସହରା ପଞ୍ଚାୟତର ଦଣ୍ଡୁଆମାନେ ଆଜି ସକାଳୁ ଏକ ଅଟୋ ଗାଡ଼ିରେ ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିରର ପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ଦର୍ଶନ ସାରି ଫେରୁଥିବା ସମୟରେ ଅଚାନକ ଅଟୋ ଡ୍ରାଇଭର ଜଣଙ୍କ ଭାରସାମ୍ୟ ହରାଇଥିଲେ। ଫଳରେ ଅଟୋଟି ଓଲଟି ପଡିଥିଲା। ଆହତମାନଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଗୁରୁତରମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତ ଦଣ୍ଡୁଆମାନେ ହେଲେ ବଡ଼ସହରା ଗ୍ରାମର ଆଲୋକ ପ୍ରଧାନ, ପାଟଣାଜାମୁସାହିର ଗୋପାଳ ବେହେରା, ବଡ଼ସହରା ଗ୍ରାମର ଯୋଗୀ ପଲେଇ, ବସନ୍ତ ନାୟକ, ଜାମୁସାହିର ଫକୀର ବେହେରା, ପାଟଣାଜାମୁସାହିର ସନ୍ତୋଷ କୁମାର ବେହେରା, କାବୁଲି ସାହୁ। ଖବର ପାଇ ଫତେଗଡ ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ ସହ ତଦନ୍ତ ଆରମ୍ଭ କରିଛି।

# ସ୍ନାନଯାତ୍ରା ପୂର୍ବରୁ ଗଣତିମଣତି ସାରିବାକୁ ଲକ୍ଷ୍ୟ



ପୁରୀ,୧୦।୪ (ସଂଚାର ବ୍ୟୁରୋ)ଃ ତୃତୀୟ ଦିନରେ ପହଞ୍ଚିଛି ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ରତ୍ନଭଣ୍ଡାରର ଗଣତିମଣତି ଟିମର ସଦସ୍ୟମାନେ ସମସ୍ତ ରତ୍ନଅଳଙ୍କାରର ଗଣତିମଣତି କାର୍ଯ୍ୟ କରୁଛନ୍ତି। ସମ୍ପୂର୍ଣ୍ଣ ଆଧୁନିକ ଓ ଡିଜିଟାଲ ପଦ୍ଧତିରେ ସମସ୍ତ ଗଣତିମଣତି କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ରତ୍ନ ଅଳଙ୍କାରକୁ ଚିହ୍ନଟ କରାଯାଇ ଏହାର ଥ୍ରୀ-ଡି ମ୍ୟାପିଙ୍ଗ କରାଯାଉଛି। ସ୍ୱର୍ଣ୍ଣକାର, ରତ୍ନ ବିଶାରଦ ଓ ଆରବିଆଇ ଅଧିକାରୀ ସମସ୍ତ ରତ୍ନ ଅଳଙ୍କାର ଏବଂ ମୋତି ମାଣିକକୁ ଓଜନ କରି ଏହାକୁ ଚିହ୍ନଟ କରୁଛନ୍ତି। ତେଣୁ ଆଜି ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରି ରତ୍ନଭଣ୍ଡାର ଗଣତି ମଣତି ଟିମର ସଦସ୍ୟମାନେ ମହାପ୍ରଭୁଙ୍କ ସକାଳ ଧୂପ ନୀତି ସରିବା ପରେ ବାହାର ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲେ।

ବାହାର ରତ୍ନଭଣ୍ଡାରର ଦୁଇ ଦିନ ଭିତରେ ୪୦ରୁ ଊର୍ଦ୍ଧ୍ୱ ପ୍ରକାରର ରତ୍ନ ଅଳଙ୍କାରର ଗଣତିମଣତି କରାଯାଇଛି। ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀରେ ବ୍ୟବହୃତ ହେଉଥିବା ମୂଲ୍ୟବାନ ରତ୍ନ ଅଳଙ୍କାର ବାହାର ରତ୍ନଭଣ୍ଡାରରେ ରଖାଯାଇଛି। ୧୯୭୮ ମସିହାର ଗଣତିମଣତି ହୋଇଥିବା ତଥ୍ୟ ସହ ଚଳିତ ଥର ଚାଲିଥିବା ସବୁ ରତ୍ନ ଅଳଙ୍କାରର ମେଳକ କରାଯାଉଛି। ତେବେ ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏହି କାର୍ଯ୍ୟ କରିବା ସମୟ ସାପେକ୍ଷ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଆଗାମୀ ସ୍ନାନଯାତ୍ରା ପୂର୍ବରୁ ଗଣତିମଣତି କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି।

ଗତ ୮ ତାରିଖରୁ ବାହାର ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଆସନ୍ତାକାଲି ମଧ୍ୟ ଚାଲିବ। ଏଥିସହ ଆସନ୍ତା ୧୩ ଏବଂ ପରେ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଗଣତିମଣତି କାର୍ଯ୍ୟ କରାଯିବ। ଗଣତିମଣତି କାର୍ଯ୍ୟ ସମୟରେ ଶ୍ରୀମନ୍ଦିର ବାହାର କାଠ ନିକଟରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି।

# ଆଜି ଓଡେସାର ୫୪ତମ ଦ୍ୱିବାର୍ଷିକ ଏଜିଏମ୍

ଯୋଗଦେବେ ଉପମୁଖ୍ୟମନ୍ତ୍ରୀଙ୍କ ସହ ୩ ମନ୍ତ୍ରୀ

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ)ଃ ଓଡ଼ିଶା ଯାନ୍ତ୍ରିକ ସେବା ସଂଘ (ଓଡେସା)ର ୫୪ତମ ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଆସନ୍ତାକାଲି ସ୍ଥାନୀୟ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିଆର ସଭାଗୃହରେ ଅନୁଷ୍ଠିତ ହେବ। ଏଥିସହ ଭାରତୀୟ ଇଞ୍ଜିନିୟର୍ସ ଫେଡେରେସନ୍ (ଇଣ୍ଡେଫ୍)ର ଦ୍ୱିବାର୍ଷିକ ଫେଡେରାଲ୍ କାଉନ୍‌ସିଲ୍ ବୈଠକ ମଧ୍ୟ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଯାନ୍ତ୍ରିକ ବିଭାଗ ଯଥା ଜଳସମ୍ପଦ, ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସ୍ନାତକ ଯନ୍ତ୍ରୀ ସେବା ସଂଘର ଯନ୍ତ୍ରୀମାନଙ୍କୁ ଏକତ୍ରିତ କରିବ ଓ ରାଜ୍ୟରେ ସରକାରୀ ଯନ୍ତ୍ରୀମାନଙ୍କ ମଧ୍ୟରେ ପାରସ୍ପରିକ ଜ୍ଞାନର ଆଦାନ ପ୍ରଦାନ ଓ ଭାଇଚାରାର ସୁଦୃଢ଼ୀକରଣ ପାଇଁ ଏକ ମଞ୍ଚ ପ୍ରଦାନ କରିବ। ଆସନ୍ତାକାଲି ହେବାକୁ ଥିବା ଏଜିଏମ୍‌ର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଏବଂ ମିଶନ୍ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବେ। ଏହାଛଡ଼ା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଭିତ୍ତିଭୂମି ବିକାଶ, ଇଞ୍ଜିନିୟରିଂ ଉନ୍ନତି, କ୍ଷମତା ନିର୍ମାଣ ଓ ଯାନ୍ତ୍ରିକ ସେବା ସମ୍ବନ୍ଧୀୟ ନୀତିଗତ ବିଷୟଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବ।

# କୁଆପଥର ମାଡ଼ରେ ଉଜୁଡ଼ିଗଲା କେନ୍ଦୁପତ୍ର ଚାଷ

୪୦ ହଜାର ମହିଳା ତୋଳାଳି ହରାଇଲେ ରୋଜଗାର




ସୁନ୍ଦରଗଡ଼,୧୦।୪ (ସଂଚାର ବ୍ୟୁରୋ)ଃ କୁଆପଥର ମାଡ଼ରେ ସରକାର ହରାଇଲେ ଶହ ଶହ କୋଟିର ରାଜସ୍ୱ। ଏଥିସହ ୪୦ ହଜାରରୁ ଅଧିକ ମହିଳା ହରାଇଛନ୍ତି ସେମାନଙ୍କର ବର୍ଷକର ରୋଜଗାର। ଅଦିନିଆ ବର୍ଷା ଓ କୁଆପଥର ମାଡ଼ ସୁନ୍ଦରଗଡ଼ ଜିଲ୍ଲାର କେନ୍ଦୁପତ୍ର ଚାଷକୁ ସମ୍ପୂର୍ଣ୍ଣ ଛାରଖାର କରିଦେଇଛି। ଫଳତଃ ଏବେ ଚିନ୍ତାରେ ତୋଳାଳି ଓ ନିରାଶାରେ ବିଭାଗ।

ଅଦିନିଆ ବର୍ଷା କେବଳ ଚାଷୀର ଧାନ କି ପନିପରିବା ନୁହେଁ, ବରଂ ରାଜ୍ୟର ଅର୍ଥନୀତି ଉପରେ ଶକ୍ତ ପ୍ରହାର ଦେଇଛି। ସୁନ୍ଦରଗଡ଼ ଜିଲ୍ଲାର କେନ୍ଦୁପତ୍ର ବିଶ୍ୱବିଦିତ, ଯାହା ବିଦେଶକୁ ମଧ୍ୟ ରପ୍ତାନି ହୁଏ। କିନ୍ତୁ ଏବେ ପତ୍ର ତୋଳିବା ସମୟରେ ବର୍ଷିଲା କୁଆପଥର, ଆଉ କେନ୍ଦୁବୁଦାକୁ ଚିରିଫାଡ଼ି ନଷ୍ଟ କରିଦେଇଛି। ଫଳସ୍ୱରୂପ ଗୋଟିଏ ବି ଗଛରେ ଭଲ ପତ୍ରଟିଏ ଖୋଜି ପାଇବା ମୁସ୍କିଲ ହୋଇପଡ଼ିଛି। ଫଳରେ ଏହି ପେସା ଉପରେ ନିର୍ଭର କରୁଥିବା ୪୦ ହଜାରରୁ ଅଧିକ ମହିଳା ତୋଳାଳି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଜଣେ ଜଣେ ମହିଳା ଗୋଟିଏ ସିଜନରେ ୧୦ରୁ ୧୫ ହଜାର ଟଙ୍କା ରୋଜଗାର କରିଥାନ୍ତି, ଯାହା ଏବେ ସ୍ୱପ୍ନ ହୋଇଯାଇଛି। ସରକାର ଦେଉଥିବା ବୋନସ୍ ଓ ଇନସ୍ୟୁରାନ୍ସ ସୁବିଧାରୁ ମଧ୍ୟ ଚଳିତ ବର୍ଷ ସେମାନେ ବଞ୍ଚିତ ହେବାକୁ ଯାଉଛନ୍ତି।

କେବଳ ତୋଳାଳି ନୁହଁନ୍ତି, ଏହା ସହ ଜଡ଼ିତ ବହୁ କର୍ମଚାରୀଙ୍କ ରୋଜଗାର ମଧ୍ୟ ବିପନ୍ନ। ବିଭାଗୀୟ ଅଧିକାରୀଙ୍କ କହିବା କଥା ଯେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦ରୁ ୯୦ ପ୍ରତିଶତ ପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ୱିଣ୍ଟାଲ ପ୍ରତି ପ୍ରାୟ ୩୫ ହଜାର ଟଙ୍କାରେ ବିକ୍ରି ହେଉଥିବା କେନ୍ଦୁପତ୍ର ନଷ୍ଟ ହୋଇଯିବାରୁ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ବି ହରାଇଛନ୍ତି। ବର୍ତ୍ତମାନ କ୍ଷେତ୍ର ପରିଦର୍ଶନ ଚାଲିଛି ଓ ରିପୋର୍ଟ ଆସିବା ପରେ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କରାଯିବ। ତେବେ କୁଆପଥର ମାଡ଼ରେ ଉଜୁଡ଼ି ଯାଇଥିବା କେନ୍ଦୁପତ୍ର ଚାଷ ଓ ତୋଳାଳିଙ୍କୁ ସରକାର କେବେ ଓ କିଭଳି ସହାୟତା ପ୍ରଦାନ କରୁଛନ୍ତି, ତାହା ଆଗାମୀ ସମୟରେ ଜଣାପଡ଼ିବ।

# ଚନ୍ଦନେଶ୍ୱର ଚଡ଼କ ମେଳାରେ ଠେଲାପେଲା, ଜଣଙ୍କ ଫାଟିଲା ମୁଣ୍ଡ

ଭୋଗରାଇ, ୧୦।୪ (ସଂଚାର ବ୍ୟୁରୋ) ଃ ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ମେଳାରେ ଘଟିଛି ଅଭାବନୀୟ ଘଟଣା। ଉପବିତ ଧାରୀଙ୍କ ଭିତରେ ଠେଲାପେଲାକୁ ନେଇ ହୋଇଛି ଗଣ୍ଡଗୋଳ। ଫଳରେ ଜଣେ ଉପବିତଧାରୀଙ୍କ ମୁଣ୍ଡ ଫାଟି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ପୀଠରେ ଚାଲୁ ରହିଛି ଚଡ଼କ ଯାତ୍ରା। ଆଜି ଚଡ଼କ ଯାତ୍ରାର ଚତୁର୍ଥ ଅର୍ଘ୍ୟ ଥିବାବେଳେ ରାତି ପ୍ରାୟ ୭ଟା ୩୦ସମୟରେ ଅର୍ଘ୍ୟ ଦାନ ପାଇଁ ମନ୍ଦିର ପରିସରରେ ପ୍ରବଳ ଭିଡ଼ ହୋଇଥିବାବେଳେ ଛିଡା ହେବାକୁ ନେଇ ଉପବିତଧାରୀମାନଙ୍କ ଭିତରେ ଗଣ୍ଡଗୋଳ ଲାଗି ରହିଥିଲା। ମାତ୍ର ଗଣ୍ଡଗୋଳ ଏପରି ପରିସ୍ଥିତି ହୋଇଥିଲା ଯାହା ଫଳରେ ଭୋଗରାଇ ଦେଉଳା ଗ୍ରାମର ଜଣେ ଉପବିତଧାରୀଙ୍କ ମୁଣ୍ଡ ଫାଟିଥିବାବେଳେ ମନ୍ଦିର ପରିସରକୁ ପୋଲିସ ଦୌଡ଼ିଦୌଡ଼ି ଯିବା ପରେ ଉପବିତ ଧାରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ୨୨ପ୍ଲାଟୁନ ପୋଲିସ ଫୋର୍ସ ଥିବାବେଳେ ଘଟଣା ମୁଣ୍ଡ ଫାଟିବା ପର୍ଯ୍ୟନ୍ତ ଗଲା କେମିତି। ଏହି ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ




## ଏଲପିଜି ବୁକିଂ ପାଇଁ ନାହିଁ କୌଣସି ନିୟମ

# ୩୫ ଦିନର ଗୁଜବକୁ ଖଣ୍ଡନ କଲେ ସରକାର




ନୂଆଦିଲ୍ଲୀ,୧୦।୪: ନୂଆ ଏଲପିଜି ସିଲିଣ୍ଡର ବୁକିଂ ନିୟମକୁ ନେଇ ଲୋକେ ଏବେ ବି ଭ୍ରମ ରହିଛନ୍ତି। ଖାସ କରି ୩୫ ଦିନ ଅପେକ୍ଷା ଅବଧିକୁ ନେଇ ଲୋକଙ୍କ ମଧ୍ୟରେ ଏପରି ଭ୍ରମ ସୃଷ୍ଟି ହୋଇଛି। ତେବେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ଏପରି କୌଣସି ନିୟମ ଲାଗୁ ହୋଇ ନଥିବାର ସ୍ପଷ୍ଟ କରିଛନ୍ତି। ସଂଶୋଧିତ ଅପେକ୍ଷା ସମୟକୁ ନେଇ ଭାଇରାଲ ହେଉଥିବା ଦାବିକୁ ସରକାର ମିଥ୍ୟା ବୋଲି କହିଥିବା ବେଳେ ଏ ନେଇ ଥିବା ଗାଇଡଲାଇନ ଏବେବି ବଳବତ୍ତର ଥିବା ସ୍ପଷ୍ଟ କରିଛନ୍ତି। ଏଲପିଜି ବୁକିଂ ଅନ୍ତରାଳରେ ହୋଇନି କୌଣସି ପରିବର୍ତ୍ତନ ଏବେକା ନିୟମ ଅନୁସାରେ ଏଲପିଜି ବୁକିଂ ମଧ୍ୟରେ ଥିବା ଅପେକ୍ଷା ଅବଧି ପୂର୍ବଭଳି ରହିଛି। ଯେପରି ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ବ୍ୟବଧାନ ରହିଛି। ଏହି ସମୟ ସୀମାରେ କୌଣସି ସଂଶୋଧନ କରାଯାଇ ନାହିଁ। ଏଣୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଏଲପିଜି ବୁକିଂକୁ ନେଇ ବିଚଳିତ ନ ହୁଅନ୍ତୁ ଓ ତରବରିଆ ବୁକିଂ ନ କରନ୍ତୁ। କାରଣ ସାରା ଦେଶରେ ଏଲପିଜି ଯୋଗାଣ ସ୍ୱାଭାବିକ ରହିଛି। ଏହି ଭ୍ରମର କାରଣ କଣ? ଏପରି ଭୁଲ ଧାରଣା ମୁଖ୍ୟତଃ ସୋସିଆଲ ମିଡିଆ ପୋଷ୍ଟ ଓ ବୁକିଂ କଟକଣା ଦାବିକୁ ନେଇ ଉପୁଜିଛି। କିଛି ପୋଷ୍ଟରେ ଅଲଗା ଅଲଗା କନେକ୍ସନକୁ ନେଇ ଅଲଗା ଅଲଗା ସମୟସୀମା ମଧ୍ୟ ଦିଆଯାଉଛି। ତେବେ ଏପରି ଦାବିକୁ ସରକାର ସ୍ପଷ୍ଟ ଖଣ୍ଡନ କରିଛନ୍ତି ଓ ନାଗରିକଙ୍କୁ କେବଳ ଅଧିକାରୀକ ସୂଚନା ଉପରେ ଭରସା କରିବାକୁ କୁହାଯାଇଛି। ଗ୍ୟାସ ଯୋଗାଣ ପାଇଁ କୌଣସି ନୂଆ ଶ୍ରେଣୀ ସୃଷ୍ଟି କରାଯାଇନି କି ଅପେକ୍ଷା ଅବଧିରେ କୌଣସି ସଂଶୋଧନ କରାଯାଇନି। ଏପରିକି କୌଣସି ଅତିରିକ୍ତ କଟକଣା ମଧ୍ୟ ଲାଗୁ କରାଯାଇ ନାହିଁ ବୋଲି କୁହାଯାଇଛି।




## ଫେକ୍ ଟ୍ରେଡିଂ ସ୍କାମ୍‌ରୁ ବଞ୍ଚିବା ପାଇଁ ଜାରି ହେଲା ନୂଆ ଆଡଭାଇଜରୀ

ନୂଆଦିଲ୍ଲୀ, ୧୦।୪: ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ସାଧାରଣ ଲୋକଙ୍କୁ କାଙ୍ଗାଳ କରୁଛନ୍ତି ସାଇବର ଲୁଟେରା । ବିଶେଷ କରି ଫେକ୍ ଟ୍ରେଡିଂ ଆପ୍ ଜରିଆରେ ବଡ଼ ଧରଣର ସ୍କାମ୍ ଚାଲିଥିବା ଦେଖିବାକୁ ମିଳିଛି । ଏହି ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ଭାରତ ସରକାର ଏବେ ଏକ ନୂଆ ଆଡଭାଇଜରୀ ବା ସତର୍କ ସୂଚନା ଜାରି କରିଛନ୍ତି। ସରକାରୀ ଆଡଭାଇଜରୀ ଅନୁଯାୟୀ, ଠକମାନେ ଅବିକଳ ଅସଲି ଟ୍ରେଡିଂ ଆପ୍ ଭଳି ଦେଖାଯାଉଥିବା ନକଲି ଆପ୍ ତିଆରି କରୁଛନ୍ତି । ଜାଲରେ ପକାଇବା: ସୋସିଆଲ ମିଡିଆ ବିଜ୍ଞାପନ, ହ୍ୱାଟ୍ସଆପ୍ ମେସେଜ୍ କିମ୍ବା ଲିଙ୍କ୍ ଜରିଆରେ ଲୋକଙ୍କୁ ଏହି ଆପ୍ ଡାଉନଲୋଡ୍ କରିବାକୁ ପ୍ରବର୍ତ୍ତାଯାଏ। ମିଛ ପ୍ରୋଫିଟ୍: ଥରେ ଟଙ୍କା ନିବେଶ କଲା ପରେ, ଏକ ଫେକ୍ ଡ୍ୟାଶବୋର୍ଡ ଜରିଆରେ ଲୋକଙ୍କୁ ବହୁତ ଲାଭ ହେଉଥିବା ଦେଖାଯାଏ । ଏହି ଲାଭ ଦେଖି ଲୋକମାନେ ଅଧିକ ଟଙ୍କା ନିବେଶ କରନ୍ତି, କିନ୍ତୁ ବାସ୍ତବରେ ସେହି ଟଙ୍କା ଠକମାନଙ୍କ ଆକାଉଣ୍ଟକୁ ଚାଲିଯାଇଥାଏ । ରକ୍ଷା ପାଇବା ପାଇଁ ସରକାରଙ୍କ ୩ଟି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଏଭଳି ଠକେଇରୁ ବଞ୍ଚିବା ପାଇଁ ସରକାର ମୁଖ୍ୟତଃ ତିନୋଟି କଥା ଉପରେ ଧ୍ୟାନ ଦିଅନ୍ତୁ: ବ୍ୟାଙ୍କ ବିବରଣୀ ଯାଞ୍ଚ କରନ୍ତୁ: ଯେକୌଣସି ଆପ୍‌ରେ ଟଙ୍କା ଜମା କରିବା ପୂର୍ବରୁ ସେହି ସଂସ୍ଥାର ଅଫିସିଆଲ୍ ୱେବସାଇଟ୍ ବା ସୋର୍ସରୁ ବ୍ୟାଙ୍କ ଡିଟେଲ୍ସ ଯାଞ୍ଚ କରନ୍ତୁ । ଆପଣଙ୍କ ଟଙ୍କା ସଠିକ୍ ଜାଗାକୁ ଯାଉଛି କି ନାହିଁ ନିଶ୍ଚିତ ହୁଅନ୍ତୁ । ୟୁପିଆଇ ହ୍ୟାଣ୍ଡେଲ୍‌ର ସତ୍ୟତା: ପେମେଣ୍ଟ ଗେଟୱେ ବା ୟୁପିଆଇ ଆଇଡିର ଅଥେଣ୍ଟିସିଟି ଚେକ୍ କରନ୍ତୁ। ନକଲି ଆପ୍‌ଗୁଡ଼ିକ ସାଧାରଣତଃ ସନ୍ଦେହଜନକ ପେମେଣ୍ଟ ଡେଡ଼ିକେସନ ସିଆଲ୍ ବ୍ୟବହାର କରିଥାନ୍ତି ।

## ୧୦ହଜାରରୁ ଅଧିକ ପେମେଣ୍ଟ କଲେ ଅଟକିଯିବ ଟଙ୍କା

ନୂଆଦିଲ୍ଲୀ,୧୦।୪: ଆଜିକାଲିର ଡିଜିଟାଲ ଯୁଗରେ ପେମେଣ୍ଟ ଯେତିକି ସହଜ ହୋଇଛି, ଅନଲାଇନ୍ ଠକେଇ ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ଆପଣଙ୍କ କଷ୍ଟ ଅର୍ଜିତ ଧନକୁ ସାଇବର ଲୁଟେରାଙ୍କ କବଳରୁ ରକ୍ଷା କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ କ୍ରାନ୍ତିକାରୀ ପଦକ୍ଷେପ ନେବାକୁ ଯାଉଛି। ଏହି ନୂଆ ନିୟମ ଅନୁଯାୟୀ, ବଡ଼ ଅଙ୍କର କାରବାର ଉପରେ ଏବେ ଲଗାମ କଷାଯିବ । ଆରବିଆଇ ର ସବୁଠୁ ବଡ଼ ପ୍ରସ୍ତାବ ହେଉଛି 'କିଲ୍ ସୁଇଚ୍' । ଏହା ଆପଣଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍‌ରେ ଏକ "ମ୍ୟାଜିକ୍ ବଟନ୍" ଭଳି କାମ କରିବ । କେମିତି କାମ କରିବ ଏହି "ମ୍ୟାଜିକ୍ ବଟନ୍" ?

ଯଦି ଆପଣଙ୍କୁ କେବେ ସନ୍ଦେହ ହୁଏ ଯେ ଆପଣଙ୍କ ଫୋନ୍ ହ୍ୟାକ୍ ହୋଇଛି କିମ୍ବା ଆପଣ କୌଣସି ଠକେଇର ଶିକାର ହେଉଛନ୍ତି, ତେବେ ଏହି ବଟନ୍ ଦବାଇବା ମାତ୍ରେ ଆପଣଙ୍କ ଆକାଉଣ୍ଟରୁ ସମସ୍ତ ଡିଜିଟାଲ୍ ପେମେଣ୍ଟ ଯେପରିକି ୟୁପିଆଇ, ନେଟ୍ ବ୍ୟାଙ୍କିଙ୍ଗ୍, କାର୍ଡ ତୁରନ୍ତ ବନ୍ଦ ହୋଇଯିବ । ଏହାକୁ ପୁଣି ଥରେ ଆରମ୍ଭ କରିବା ପାଇଁ ଆପଣଙ୍କୁ ବ୍ୟାଙ୍କ ଶାଖାକୁ ଯିବାକୁ ପଡ଼ିପାରେ । ଅଧିକାଂଶ ସମୟରେ ଠକମାନେ ଆପଣଙ୍କୁ ଭୟଭୀତ କରି




ତରବରିଆ ଭାବେ ବଡ଼ ଅଙ୍କର ଟଙ୍କା ଟ୍ରାନ୍ସଫର କରାଇ ନିଅନ୍ତି । ଏହାକୁ ରୋକିବା ପାଇଁ ଆରବିଆଇ ଆଣୁଛି 'ଲାଗ୍‌ଡ କ୍ରେଡିଟ୍'। ଯଦି ଆପଣ ୧୦,୦୦୦ରୁ ଅଧିକ ଟଙ୍କା କାହାକୁ ପଠାଉଛନ୍ତି, ତେବେ ସେହି ଟଙ୍କା ତୁରନ୍ତ ଅପରପକ୍ଷର ଆକାଉଣ୍ଟକୁ ଯିବ ନାହିଁ । ୧ ଘଣ୍ଟାର ସମୟ: ଟ୍ରାଞ୍ଜାକ୍ସନ ଆରମ୍ଭ ହେବା ପରେ ଏହା ୧ ଘଣ୍ଟା ପାଇଁ ହୋଲ୍ଡରେ ରହିବ। ଯଦି ଆପଣ ଜାଣିପାରନ୍ତି ଯେ ଆପଣ ଭୁଲ୍ ଜାଗାରେ ଟଙ୍କା ପଠାଇଛନ୍ତି, ତେବେ ସେହି ୧ ଘଣ୍ଟା ମଧ୍ୟରେ ଆପଣ ପେମେଣ୍ଟକୁ କ୍ୟାନ୍ସେଲ୍ କରିପାରିବେ । ତଥ୍ୟ କହୁଛି ଯେ, ମୋଟ ଠକେଇର ୯୮.୫% କାରବାର ୧୦,୦୦୦ରୁ ଅଧିକ ହୋଇଥାଏ । ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ପାଇଁ 'ଟ୍ରଷ୍ଟେଡ୍ ପର୍ସନ୍': ୭୦ ବର୍ଷରୁ ଅଧିକ ବୟସ୍କ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସହଜରେ ସାଇବର ଠକଙ୍କ ଶିକାର ହୁଅନ୍ତୁ । ସେମାନଙ୍କ ସୁରକ୍ଷା ପାଇଁ ଆରବିଆଇ ଏକ ନୂଆ ବିକଳ୍ପ ଦେବ । ବଡ଼ କାରବାର ବେଳେ ଏହି ଗ୍ରାହକମାନେ

ଦୋହଲିଲା ଆମେରିକା ଅର୍ଥନୀତି

ମହଙ୍ଗା ପଡିଲା ଇରାନ ସହ ଯୁଦ୍ଧ

## ମଜଭୁତ ହେଉଛି ଭାରତ

ନୂଆଦିଲ୍ଲୀ,୧୦।୪: ପଶ୍ଚିମ ଏସିଆରେ ଜାରି ଯୁଦ୍ଧର ପ୍ରଭାବ ଏବେ ବିଶ୍ୱର ସର୍ବ ବୃହତ୍ତ ଅର୍ଥ ବ୍ୟବସ୍ଥା ଉପରେ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଗୋଟିଏ ପଟେ ଆମେରିକାର ଆର୍ଥିକ ବିକାଶ ଗତି ଧିମେଇଥିବା ବେଳେ ଅନ୍ୟପଟେ ଭାରତ ଲାଗି ଭଲ ଖବର ଆସିବାରେ ଲାଗିଛି। ଅନ୍ତର୍ଜାତୀୟ ସଂସ୍ଥାମାନେ ଭାରତର ମଜଭୁତ ସ୍ଥିତିକୁ ଦେଖି ସେମାନଙ୍କ ଆର୍ଥିକ ଅନୁମାନକୁ ଲଗାତାର ବଢ଼ାଇ ଚାଲିଛନ୍ତି। ଏ କଥାରୁ ଏହା ସ୍ପଷ୍ଟ ସଂକେତ ମିଳୁଛି ଯେ ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତ ଏକ ମଜଭୁତ ଅର୍ଥ ବ୍ୟବସ୍ଥା ରୂପେ ଉଭା ହେବାକୁ ଯାଉଛି। ବଢ଼ୁଛି ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ଚାପ ଇରାନ ସହ ଯୁଦ୍ଧ ଓ ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନା ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ଚାପକୁ ଆହୁରି ବଢ଼ାଇ ଦେଇଛି। ଏବେକା ତଥ୍ୟ ଅନୁସାରେ ୨୦୨୫ ଚତୁର୍ଥ ତ୍ରୈମାସିକରେ ଆମେରିକା ଅର୍ଥ ବ୍ୟବସ୍ଥାର ବିକାଶ ହାର ୦.୫% ଥିଲା। ଏହି ତଥ୍ୟ ପିଛିଲା ତ୍ରୈମାସିକମାନଙ୍କଠାରୁ ବେଶ୍ ଦୁର୍ବଳ। ୨୦୨୫ ଆର୍ଥିକ ବର୍ଷରେ ଆମେରିକାର ଜିଡିପି ବିକାଶ ହାର ମାତ୍ର ୨.୧% ରେକର୍ଡ କରାଯାଇଛି, ଯାହା ୨୦୨୪ର (୨.୮%) ଓ ୨୦୨୩ (୨.୯%)ତଥ୍ୟ ତୁଳନାରେ ହ୍ରାସକୁ ଦର୍ଶାଉଛି। ଭାରତ ଲାଗି ଭଲ ସମୟ ଗୋଟିଏ ପଟେ ଆମେରିକା ଅର୍ଥବ୍ୟବସ୍ଥା ଚାପର ସମ୍ମୁଖୀନ ହୋଇଥିବା ବେଳେ ଅନ୍ୟପଟେ ଭାରତୀୟ ଅର୍ଥ ବ୍ୟବସ୍ଥା ଦୃଢ଼ତାର ସହ ଆଗକୁ ବଢ଼ିବାରେ ଲାଗିଛି। ଏସିଆ ବିକାଶ ବ୍ୟାଙ୍କ (ଏଡିବି) ୨୦୨୬ ଆର୍ଥିକ ବର୍ଷ ନିମନ୍ତେ ଭାରତର ବିକାଶ ହାର ୬.୯%କୁ ପହଞ୍ଚିବାର ଅନୁମାନ କରିଛି। ଏହା ପୂର୍ବରୁ ବିଶ୍ୱ ବ୍ୟାଙ୍କ ଭାରତର ବିକାଶ ହାର ୭.୬% ରହିବ ବୋଲି ଅନୁମାନ କରିଥିଲେ। ଭାରତର ମଜଭୁତ ଘରୋଇ ଚାହିଦା ସାଙ୍ଗକୁ ଉନ୍ନତ ଆର୍ଥିକ ସ୍ଥିତିରେ ଆମେରିକାର ଟାରିଫ ହ୍ରାସ ଭାରତର ବିକାଶ ଯାତ୍ରାକୁ ଅଧିକ ବଳ ଦେଇଛି।



## ରିଲାଏନ୍ସ ପେଟ୍ରୋଲ୍ ପମ୍ପ୍‌ରେ ତେଲ ବିକ୍ରି ଉପରେ କଟକଣା!

ମୁମ୍ବାଇ,୧୦।୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ତେଲ ସଙ୍କଟ ଦେଖାଦେଇଥିବାରୁ ରିଲାଏନ୍ସ ବିପି ପକ୍ଷରୁ ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ କଟକଣା ଲଗାଯାଇଛି। ପେଟ୍ରୋଲ ପମ୍ପକୁ ଆସୁଥିବା ଗ୍ରାହକଙ୍କୁ ଥରକେ ଅତିବେଶିରେ ୧୦୦୦ ଟଙ୍କାର ତେଲ ଦିଆଯିବ। କମ୍ପାନିର ଦେଶରେ ୨୦୦୦ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ତେଲ ଅଭାବକୁ ଦୃଷ୍ଟିରେ ରଖି କମ୍ପାନି ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ ଏ ସମ୍ପର୍କରେ କମ୍ପାନି କୌଣସି ଘୋଷଣା କରିନାହିଁ। କିନ୍ତୁ ଏହାର ପେଟ୍ରୋଲ ପମ୍ପ ସହଯୋଗୀମାନେ ଏହି କଟକଣାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ପେଟ୍ରୋଲ ପମ୍ପରୁ ତେଲ ଶେଷ ହୋଇଯିବା




ସ୍ଥିତିକୁ ଏଡ଼ାଇବା ଲାଗି ଏହି କଟକଣା ଲଗାଯାଇଛି। ରିଲାଏନ୍ସ ପକ୍ଷରୁ ବିପି ସହଯୋଗରେ ରିଲାଏନ୍ସ ବିପି ନାମରେ ସାରା ଦେଶରେ ପେଟ୍ରୋଲ ପମ୍ପ ଖୋଲାଯାଇଛି। ଘରୋଇ ତୈଳ ବିପଣନ କ୍ଷେତ୍ରରେ ଏହା ଏକ ପ୍ରମୁଖ ସଂସ୍ଥା। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ଦେଇ ତେଲ ଆସିପାରୁନଥିବାରୁ ଦେଶରେ ତେଲ ଓ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ସେଥିପାଇଁ ତୈଳ କମ୍ପାନିଗୁଡ଼ିକ ସତର୍କତାର ସହ କାରବାର କରୁଛନ୍ତି। ତେବେ ଏହି ଖବର ସମ୍ପର୍କରେ ରିଲାଏନ୍ସର ଜଣେ ପ୍ରବକ୍ତା କହିଛନ୍ତି ଯେ ତେଲ ବିକ୍ରି ଉପରେ କୌଣସି କଟକଣା ଲଗାଯାଇନାହିଁ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ସେଭଳି ଘଟଣା ଘଟିଥାଇପାରେ। ଭାରତରେ ଏକ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ସେଥିରୁ ସିଂହଭାଗ ପମ୍ପକୁ ତିନି ସରକାରୀ ତୈଳ କମ୍ପାନି ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ ଖୋଲିଛନ୍ତି। ମାତ୍ର ୨ ପ୍ରତିଶତ ପେଟ୍ରୋଲ ପମ୍ପ ରିଲାଏନ୍ସ ବିପି ଅଧୀନରେ ପରିଚାଳିତ ହେଉଛି। କିଛି ଦିନ ତଳେ ଅନ୍ୟତମ ଘରୋଇ ତେଲ କମ୍ପାନି ନାୟରା ଏନର୍ଜି ଏହାର ପେଟ୍ରୋଲ ଓ ଡିଜେଲ ଦାମ୍‌ରେ ୫ ଟଙ୍କା ବୃଦ୍ଧି କରିଥିଲା।

## ରୟାଲ ଏନ୍‌ଫିଲ୍ଡ ଲଞ୍ଚ କଲା ପ୍ରଥମ ଇଲେକ୍ଟ୍ରିକ୍ ବାଇକ୍

ନୂଆଦିଲ୍ଲୀ,୧୦।୪: ଅପେକ୍ଷାର ଅନ୍ତ ଘଟିଛି। ଭାରତୀୟ ବଜାରରେ ରୟାଲ ଏନଫିଲ୍ଡ ନିଜର ପ୍ରଥମ ଇଲେକ୍ଟ୍ରିକ ମୋଟରସାଇକେଲ 'ଫ୍ଲାଇଙ୍ଗ ଫ୍ଲି ସି୬'କୁ ଶେଷରେ ଲଞ୍ଚ କରିଦେଇଛି। ଏହା ସହିତ କମ୍ପାନୀ ଅଫିସିଆଲ ଭାବେ ଇଭି ସେଗ୍‌ମେଣ୍ଟରେ ପ୍ରବେଶ କରିଛି। ସହରୀ ଚଳାଚଳ ପାଇଁ ଡିଜାଇନ କରାଯାଇଥିବା ଏହି ବାଇକ ଅତ୍ୟନ୍ତ ହାଲୁକା ଏବଂ ଷ୍ଟାଇଲିସ। ଏହି ବାଇକ୍‌ର ପ୍ରାରମ୍ଭିକ ମୂଲ୍ୟ ୨.୭୯ ଲକ୍ଷ ଟଙ୍କା ରଖାଯାଇଛି। ଯଦି ଆପଣ 'ବ୍ୟାଟେରୀ-ଏଜ-ଏ-ସର୍ଭିସ' ପ୍ଲାନ ନିଅନ୍ତି, ତେବେ ଏହାକୁ ମାତ୍ର ୧.୯୯ ଲକ୍ଷ ଟଙ୍କାରେ କିଣିପାରିବେ। ଏପ୍ରିଲ ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ଏହାର ବୁକିଂ ଆରମ୍ଭ ହେବ। ମଇ ୨୦୨୬ରୁ କମ୍ପାନୀ ବାଇକ ଡେଲିଭରୀ ଆରମ୍ଭ କରିବ। ଏହି ବାଇକ୍‌ରେ ଆଲୁମିନିୟମ ଫ୍ରେମ ବ୍ୟବହାର କରାଯାଇଛି, ଯାହା ଫଳରେ ଏହାର ଓଜନ ମାତ୍ର ୧୨୪ କିଲୋଗ୍ରାମ ରହିଛି। ଏହା ରୟାଲ ଏନଫିଲ୍ଡର ଏପର୍ଯ୍ୟନ୍ତର ସବୁଠାରୁ ହାଲୁକା ବାଇକ। ଏହାର ଲୁକ ରେଟ୍ରୋ ଏବଂ ମଡର୍ଣ୍ଣର ଏକ ମିଶ୍ରଣ। ଏଥିରେ ଗୋଲାକାର ଏଲଇଡି ହେଡ୍‌ଲାଇଟ, ୧୯-ଇଞ୍ଚର ଆଲୟ ହୁଇଲ ଏବଂ ଷ୍ଟର୍ମ ବ୍ଲାକ୍ ଓ ଫ୍ଲି ଗ୍ରୀନ ଭଳି ଆକର୍ଷଣୀୟ ରଙ୍ଗ ମିଳୁଛି।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୦୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୨୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୦୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୦,୨୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୦,୨୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୦,୪୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୦୦୦, ୨୨ କ୍ୟାରେଟ ମୂଲ୍ୟ ୧,୪୦,୨୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି ।

# ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ପାଣି

## କାଦୁଅ ପଚପଚ ଯୋଗୁଁ ଲୋକେ ହନ୍ତସନ୍ତ



ବାଲିଆପାଳ,୧୦।୪ (ସଂଚାର ବ୍ୟୁରୋ)ः ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖାଲଡିହା ଗ୍ରାମର ଅବସ୍ଥା ନିଜେ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ବେଙ୍ଗ ମୁତିଲେ ଆଣ୍ଠୁଏ ପାଣି। ଯାହାକୁ କହିଲେ ଶୁଣି ନ ଶୁଣିଲା ଅଭିନୟ କରୁଛନ୍ତି। ଯଦିଓ ପଞ୍ଚାୟତର କାମ ହେଲେ ସରପଞ୍ଚ ମହୋଦୟଙ୍କ ଦୃଷ୍ଟି ଆକର୍ଷଣ କଲେ କିଛି ଫଳ ହେଲା ଭଳି ଲାଗୁନି।

ପଞ୍ଚାୟତର ସବୁଠୁ ଅଧିକ ଗରିବ ଲୋକଙ୍କ ଗାଁ ହେଉଛି ଖାଲଡିହା ଗ୍ରାମ। ଅଧିକାଂଶ ଲୋକ ହରିଜନ ସମ୍ପ୍ରଦାୟର। ରାତି ପାହିଲେ ମୂଲ ଲାଗିବାକୁ ଯାଆନ୍ତି। ହେଲେ କାମରୁ ଫେରି ତେଲଲୁଣ ଆଣିବାକୁ ଗଲେ ସେଇ ପାଣି କାଦୁଅ ପଚପଚ ରାସ୍ତାରେ ଗ୍ରାମରୁ ବାହାରି ଯିବାକୁ ହୁଏ। ଏମିତି କି ଗାଁର ସ୍କୁଲ ପିଲା, ଲୋକେ ଭଲରେ ଯିବାଆସିବା କରିବା କଷ୍ଟକର ହେଉଥିଲା ବେଳେ ଗାଡ଼ି ମଟର କଥା କଣ କୁହାଯାଇ ପାରିବ। ଅତ୍ୟନ୍ତ ସରଳ ପ୍ରକୃତିର ଲୋକମାନେ ବାରମ୍ବାର ଅଭିଯୋଗ ପରେ କିଛି ଫଳ ନ ହେଉଥିବାରୁ ନିଜ ଭାଗ୍ୟକୁ ଆଦରି ସମୟକୁ ଅପେକ୍ଷା କରି ରହିଛନ୍ତି।

ଆଗାମୀ ବର୍ଷା ଋତୁ ଆସିବା ଆଗରୁ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରାଯାଏ ତେବେ ଗ୍ରାମର ଆବାଳ ବୃଦ୍ଧବନିତା ସମସ୍ତେ ଏକାଠି ହୋଇ ବ୍ଲକ ଆଗରେ ଧାରଣାରେ ବସିବାକୁ ସ୍ଥିର କରିଛନ୍ତି। ତୁରନ୍ତ ରାସ୍ତାଟିକୁ ପକ୍କା କରିବାକୁ ଗ୍ରାମର ରବୀନ୍ଦ୍ର ଜେନା, ଦେବେନ୍ଦ୍ର ମୁଖୀ, ଶଚୀନ୍ଦ୍ର ମୁଖୀ ଝାଡେଶ୍ୱର ପ୍ରଧାନ, ଗୋପାଳ ଦାସ ସତ୍ୟନାରାୟଣ ନାୟକ, ଶିଶିର କୁମାର ନାୟକ, ରଘୁନାଥ ଦାସ ସର୍ବେଶ୍ୱର ଜେନା, ଅଜୟ ମୁଖି, ବଳରାମ ଦଳେଇ, ସୃଷ୍ଟି ଧର ବେହେରା ପ୍ରମୁଖ ଦାବି ଜଣାଇଛନ୍ତି।

## ହତ୍ୟା ଉଦ୍ୟମକାରୀଙ୍କୁ ୭ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୧୦।୪ (ସଂଚାର ବ୍ୟୁରୋ)ः ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରା ଜଜ ମାନ୍ୟବର ବିଚାରପତି ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ଘଟଣା ର ବିଚାରଣା କରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଷ୍ଟୁକୁ ୭ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ଦଶ ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟରେ ୫ ମାସର ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ କୋଷାଗୁମୁଡା ଥାନା ଅନ୍ତର୍ଗତ ନେଇଗାଁ ଗ୍ରାମର ପିଡିତାର ଭାଇ ସାହିଲ ସିଲ ଗଣ୍ଡା ଗତ ୬.୧.୨୫ରେ କୋଷାଗୁମୁଡା ଥାନାରେ କେସ ନମ୍ବର ୨/୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ସକାଳ ପ୍ରାୟ ୫.୩୦ ତାଙ୍କ ଦୁଇ ଭଉଣୀ ଶ୍ରଦ୍ଧା ସିମରନ ଗଣ୍ଡା ଓ ସସ୍ମିତା ରାଣୀ ଗଣ୍ଡା ଏକ ମୋଟର ସାଇକେଲ ଯୋଗେ କୋଷାଗୁମୁଡା ଯାଉଥିବା ବେଳେ ମାଙ୍କିଡି ଗ୍ରାମ ପାଖରେ ୨-୩ ଜଣ ବ୍ୟକ୍ତି ବାଟରେ ଅଟକାଇ ହଠାତ କିଛି ଧାରୁଆ ଅସ୍ତ୍ର ଧରି ତାଙ୍କ ଦୁଇ ଭଉଣୀଙ୍କ ମୁଣ୍ଡ, ବେକ, କାନ ଓ ହାତରେ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗଭୀର ଭାବରେ ଆଘାତ ପ୍ରାପ୍ତ ହୋଇଥିଲେ। ଆକ୍ରମଣ କରିବା ପରେ ଅଭିଯୁକ୍ତମାନେ ଉକ୍ତ ଜାଗା ଛାଡି ଫେରାର ହୋଇ ଚାଲିଗଲେ । ପୋଲିସ ଘଟଣା ର ତଦନ୍ତ କରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଷ୍ଟୁ ବୋଲି ଜାଣିବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବେଆଇନ ମଦ ବିକ୍ରି ବନ୍ଦ ଦାବି ନେଇ ଥାନାରେ ପହଞ୍ଚିଲେ ମହିଳା



ଯାଜପୁର ରୋଡ଼,୧୦।୪ (ସଂଚାର ବ୍ୟୁରୋ)ଯାଜପୁର ଅବକାରୀ ବିଭାଗ ଅଧୀନରେ ଥିବା ତୋଲିପୁର ଥାନା ଷ୍ଟେସନ ଅନ୍ତର୍ଗତ ପଳାଶପୁର ଗ୍ରାମ ପଂଚାୟତର, ପହଂଗା ଓ ରାଉତରାପୁର ଗ୍ରାମରେ ଏବେ କିଛିଦିନ ହେଲା ଜୋରଦାର ଚାଲିଛି ବେଆଇନ ଦେଶୀ, ବିଦେଶୀ ମଦ ବେପାର ବୋଲି ଯାଜପୁର ରୋଡ଼ ଥାନା ଏବଂ ତୋଲିପୁର ଅବକାରୀ ବିଭାଗ ଥାନାରେ ଗ୍ରାମର ଅନେକ ମହିଳା ମାନେ ଆସିପହଂଚି ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଗ୍ରାମରେ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଖଟିଖିଆ ଦିନ ମଜୁରିଆ ଏଠାରେ ଆହୁରି ଗରିବ ହେଉଛନ୍ତି। କମ୍ ବୟସର ପିଲାମାନେ ମଧ୍ୟ ଏହି ନିଶାର ଶିକାର ହେଉଛନ୍ତି। ଅସାମାଜିକଙ୍କ ସଂଖ୍ୟା ଗ୍ରାମ ପରିବେଶରେ ବଢ଼ିଚାଲିଥିବା ବେଳେ ବିଭିନ୍ନ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି ଅନେକଙ୍କ ଘରେ ଅଶାନ୍ତି ପିଛା ଛାଡୁନଥିବା ସହିତ ଭଦ୍ରଲୋକ, ନାରୀ, ଛୋଟ ପିଲାମାନେ, ସ୍କୁଲ, କଲେଜର ଛାତ୍ର ଛାତ୍ରୀମାନେ ଏହି ଗ୍ରାମର ରାସ୍ତାରେ ଯାତାୟାତ ସମୟରେ ଉଦବେଗ ହୋଇଉଛନ୍ତି। ଥାନା ପୋଲିସ ଏବଂ ଅବକାରୀ ବିଭାଗ ଏକ ପ୍ରକାର ନିରବଦ୍ରଷ୍ଟା ସାଜିଥିବା ନେଇ ଏହି ଗାଁର ମହିଳା ମାନେ ଅଭିଯୋଗରେ ପ୍ରକାଶ କରିଛନ୍ତି। ତେଣୁ ଏଭଳି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ କଡ଼ା ଦୃଷ୍ଟି ଦେବାକୁ ଗ୍ରାମର ମହିଳା ମାନେ ଦାବି କରିଛନ୍ତି।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ଯୋଡା,୧୦।୪ (ସଂଚାର ବ୍ୟୁରୋ)ः ଓଡ଼ିଆ ପକ୍ଷ- ୨୦୨୬ ଅବସରରେ ଯୋଡାସ୍ଥିତ ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲ୍ ପକ୍ଷରୁ ବୁଧବାର ଏକ ସ୍ୱଇଚ୍ଛିକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମାଜସେବା ଓ ଜନସ୍ୱାସ୍ଥ୍ୟକୁ ଲକ୍ଷ୍ୟ କରି ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ସ୍ୱଇଚ୍ଛୁକ ଯୋଗଦେଇ ରକ୍ତଦାନ କରିଥିଲେ। ହସ୍ପିଟାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀ (ଭାରପ୍ରାପ୍ତ) ଡଃ ତାପସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସଂପନ୍ନ ହୋଇଥିଲା। ଡାକ୍ତର ଓ କର୍ମଚାରୀମାନେ ସମ୍ମିଳିତ ଭାବେ ଶିବିରକୁ ସଫଳ କରିଥିଲେ। ଶିବିରରେ ସଂଗୃହୀତ ରକ୍ତ ଜରୁରୀ ସମୟରେ ରୋଗୀମାନଙ୍କ ପାଇଁ ଉପକାରୀ ହେବ ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ଓଡ଼ିଆ ପକ୍ଷ ଏକ ୧୪ ଦିନିଆ ସାଂସ୍କୃତିକ ପର୍ବ, ଯାହା ଉତ୍କଳ ଦିବସରୁ ଆରମ୍ଭ ହୋଇ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳିତ ହୁଏ। ଏହି ପର୍ବ ମାଧ୍ୟମରେ ଓଡ଼ିଶାର ଭାଷା, ସାହିତ୍ୟ ଓ ପରମ୍ପରାକୁ ପ୍ରଚାର କରାଯାଉଛି। ଏହି ଅବସରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକମାନଙ୍କୁ ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଆହ୍ୱାନ କରିଥିବା ସହ ଏହାକୁ "ଜୀବନ ବଞ୍ଚାଇବାର ସର୍ବୋତ୍ତମ ଉପାୟ" ବୋଲି କହିଛନ୍ତି। ଏପରି ସାମାଜିକ କାର୍ଯ୍ୟକ୍ରମ ଲୋକମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବା ସହ ସେବାଭାବକୁ ମଜବୁତ କରୁଛି।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ




ରାଜନଗର,୧୦।୪ (ସଂଚାର ବ୍ୟୁରୋ)ः ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମିଳନୀ କକ୍ଷରେ ଓଡ଼ିଆ ପକ୍ଷ ଅବସରରେ ଆସ ବହିଟି ଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ କୁମାର ଦାସ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାଧ୍ୟାପକ ରତ୍ନାକର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅନଙ୍ଗ କୁମାର ପାତ୍ର, ଗ୍ରନ୍ଥା ଗାରିକ ବର୍ଷାରାଣୀ ସାମଲ,ବରିଷ୍ଠ କିରାଣି ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ବହି କିଣିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଦେଇଥିଲେ । ଶେଷରେ ଶହେରୁ ଊର୍ଦ୍ଧ୍ୱ ଓଡ଼ିଆ ବିଭାଗର ବିଭିନ୍ନ ପୁସ୍ତକକୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ କ୍ରୟ କରିଥିଲେ ।

## ବେଲବାହାଲୀରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଆନନ୍ଦପୁର,୧୦।୪ (ସଂଚାର ବ୍ୟୁରୋ)ः କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲୀ ଗ୍ରାମରେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ସୁବିଧା ସୃଷ୍ଟି ହୋଇଛି। ବେଲବାହାଲୀ ବସ୍ ଷ୍ଟାଣ୍ଡ ସମ୍ମୁଖରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟିତ ହୋଇଛି।

ଏହି ପ୍ରକଳ୍ପଟି ସ୍ଥାନୀୟ ସରପଞ୍ଚ ଦୀପ୍ତି ସାହୁଙ୍କ ସହଯୋଗ ଓ ପ୍ରଚେଷ୍ଟାରେ ସମ୍ପନ୍ନ ହୋଇଥିବା ବେଳେ, ସେ ନିଜେ ଫିତା କାଟି ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଞ୍ଚଳର ଗଣମାନ୍ୟ ବ୍ୟକ୍ତି, ସ୍ଥାନୀୟ ବାସିନ୍ଦା ଓ ପଞ୍ଚାୟତ ସଦସ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ଦୀର୍ଘଦିନ ଧରି ଶୁଦ୍ଧ ପାନୀୟ ଜଳ ସମସ୍ୟାରେ ପୀଡ଼ିତ ହୋଇଥିବା ବେଳେ, ଏହି ପ୍ରକଳ୍ପ ଆରମ୍ଭ ହେବାରୁ ସେମାନଙ୍କୁ ବଡ଼ ସୁବିଧା ମିଳିବ ବୋଲି ଆଶା ପ୍ରକାଶ ପାଇଛି। ସରପଞ୍ଚ ଦୀପ୍ତି ସାହୁ କହିଥିଲେ ଯେ, ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ତାଙ୍କର ପ୍ରଥମ ପ୍ରାଥମିକତା ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ବିକାଶମୂଳକ କାମ ଜାରି ରହିବ। ଏହି ପାନୀୟ ଜଳ ବ୍ୟବସ୍ଥା ଚାଲୁ ହେବା ପରେ ବେଲବାହାଲୀ ଓ ପାଖପାଖି ଅଞ୍ଚଳର ଲୋକମାନେ ସହଜରେ ଶୁଦ୍ଧ ପାଣି ପାଇପାରିବେ, ଯାହା ସ୍ୱାସ୍ଥ୍ୟ ସୁରକ୍ଷାରେ ମଧ୍ୟ ଉପକାରୀ ସାବିତ ହେବ। ଉକ୍ତ ଓଷା, ନନ୍ଦହରି ସାହୁ, ବିରଞ୍ଚି ସାହୁ, ଶଙ୍କର୍ଷଣ ସାହୁ, ଆଲୋକ ଦେହୁରୀ, ମୁରଲୀ ଦେହୁରୀ, ବନମାଳୀ ସାହୁ, ଆଦୁଲ ସାହୁ, ବିରଞ୍ଚି ବେହେରା, ଦୁଃଖୀଆ ସେଠୀ, ଅନିଲ କୁମାର ସାହୁ, ବିଷ୍ଣୁ ସାହୁ, ବାପୁନ୍ ନାହାକ, ବାବାଜୀ ନାହାକ, ଚଗୁଲୁ ନାହାକ, ସୁନାମ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ




ଢେଙ୍କାନାଳ,୧୦।୪ (ସଂଚାର ବ୍ୟୁରୋ)ः ଜୁଆଙ୍ଗ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରିବା ପାଇଁ ସଂପୂର୍ଣ୍ଣତା ଅଭିଆନ୍ ୨.୦ ଅଧୀନରେ ପୁଟିପାଳରେ ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାନ୍ୟବର ବିଧାୟକ, ପରଜଙ୍ଗ ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ କଙ୍କଡ଼ାହାଡ଼ ଶ୍ରୀ ଯଶୋବନ୍ତ ଦେହୁରୀ, ଏସ୍‌ଇଆଇ ଦେବାଶିଷ ପଟ୍ଟନାୟକ, ନୀତିର ବିକାଶ ସହଭାଗୀ ଭାବରେ ଆଭା ଅନୁଷ୍ଠାନ ଏବଂ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ | ସମସ୍ତ ବିଭାଗ ଶିବିର ସ୍ଥାପନ କରି ସେଠାରେ ସେବା ପ୍ରଦାନ କରିଥିଲେ | ସେହିଠାରେ ହିଁ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ସମାଧାନ କରାଯାଇଥିଲା।

ମାନ୍ୟବର ବିଧାୟକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁ ଏବଂ ଶ୍ରମିକମାନଙ୍କ ସହ କଥାବାର୍ତ୍ତା କରିଥିଲେ, ଅଧ୍ୟୟନ ଟେବୁଲ ଏବଂ ଚେୟାର ବଣ୍ଟନ କରିଥିଲେ ଏବଂ ସେବା ବିତରଣର ସମୀକ୍ଷା କରିଥିଲେ। ଏକ ଶିଶୁର ଅଭିବୃଦ୍ଧି ମାପ ମଧ୍ୟ ଯାଞ୍ଚ କରାଯାଇଥିଲା |

ମିଲେଟ ଆଧାରିତ ପୁଷ୍ଟିକର ଖାଦ୍ୟ ଏବଂ ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ପୁଷ୍ଟିକର ଅଭାବକୁ ଦୂର କରିବା ପାଇଁ ଏକ ମିଲେଟ ମିଶନ ଖାଦ୍ୟ ଶିବିର ଆୟୋଜନ କରାଯାଇଥିଲା |ଏଥିସହିତ କଙ୍କଡାହାଡ଼ ବ୍ଲକର କାନ୍ତୋଲ ପଞ୍ଚାୟତ ଅନ୍ତର୍ଗତ ଏକୁଲ ଗ୍ରାମରେ ସଂପୂର୍ଣ୍ଣତା ଅଭିଯାନ ୨.୦ ଅଧୀନରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖାଦ୍ୟ ସୁରକ୍ଷା ସୁବିଧା ସୁନିଶ୍ଚିତ କରିବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ରେସନ କାର୍ଡ ବଣ୍ଟନ କରାଯାଇଥିଲା |

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଢେଙ୍କାନାଳ,୧୦।୪ (ସଂଚାର ବ୍ୟୁରୋ)ः ଢେଙ୍କାନାଳ ସହର ଅନ୍ତର୍ଗତ ଦଣ୍ଡା ସାହି ରେ ଦେଖିବାକୁ ମିଳିଛି ଏକ ଶୋକାକୁଳ ପରିବେଶ।ଆଜି ସକାଳୁ ସ୍ଥାନୀୟ ଦଣ୍ଡା ସାହିର ୩୦ ବର୍ଷୀୟା ଯୁବକ ଭାରତ ନାୟକ ର ମୃତ ହୋଇଛି ।ଉକ୍ତ ଯୁବକ ଜଣକ ଆଜି ସକାଳୁ ପୋଖରୀରେ ଗାଧୋଉ ଥିବା ବେଳେ ଗୋଡ ଖସିଯିବାରୁ ମୃତ୍ୟୁ ହୋଇଥିବ ଅନୁମାନ କରାଯାଉଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ୧୦୮ ଆମ୍ବୁଲାନ୍‌ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରଣ କରିଥିଲେ।

## ଓଡ଼ିଆ ପକ୍ଷରେ ଲୋକକଳା ଓ କଳାକାରଙ୍କୁ ସମ୍ମାନ



ଯାଜପୁର,୧୦।୪ (ସଂଚାର ବ୍ୟୁରୋ)ः ଆଜି ଯାଜପୁର ଜିଲ୍ଲାର ପ୍ରତିଟି ବ୍ଲକରେ 'ଓଡ଼ିଆ ପକ୍ଷ' ଉତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଲୋକକଳା ପାଇଁ ଦିନଟିଏ' ଶୀର୍ଷକରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଉତ୍ସର୍ଗ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର, ପ୍ରତିଭାବାନ ସ୍ଥାନୀୟ ଲୋକକଳାକାର ଏବଂ ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମାଞ୍ଚଳର ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବା ଏବଂ କଳାକାରମାନଙ୍କୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭବ୍ୟ ଉତ୍ସବ ପାଳନ କରି ସମସ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦିନଟିକୁ ସମ୍ପୂର୍ଣ୍ଣ ଭାବେ ଦେଶୀୟ ଲୋକକଳା ଓ ସଂସ୍କୃତି ପ୍ରତି ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୀକୃତିପ୍ରାପ୍ତ କଳାକାର ମାନେ ମଧ୍ୟ ଯୋଗ ଦେଇଥିଲେ।

ବିଶେଷ କରି ଧର୍ମଶାଳା, ବଡ଼ଚଣା, ଦଶରଥପୁର, କୋରେଇ ଏବଂ ଯାଜପୁର ଭଳି ବ୍ଲକର ଶତାଧିକ କଳାପ୍ରେମୀ ଏହି ଉତ୍ସବରେ ସାମିଲ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଗରିମା ବୃଦ୍ଧି କରିଥିଲେ । ଯାଜପୁରର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚିତ ହେଉଛି।

## ଓଡ଼ିଆ ପକ୍ଷ-୨୦୨୬ ପାଳିତ




ବାଲିଆପାଳ,୧୦।୪ (ସଂଚାର ବ୍ୟୁରୋ)ः ବାଲିଆପାଳ ବ୍ଲକ ପରିସରରେ ଆଜି ପୂର୍ବାହ୍ନ ୯ ଘଟିକା ସମୟରେ ପୁସ୍ତକ ବିକ୍ରୟ ପାଇଁ "ଆସ ବହିଟିଏ କିଣିବା ଅଭିଯାନ"ର କାର୍ଯ୍ୟକ୍ରମ ଅତି ମନୁଜ୍ୟ ଢଙ୍ଗରେ ଆୟୋଜନ କରାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ବାଲିଆପାଳ ବ୍ଲକର ସୃଜନ ପ୍ରତିଭାଧର ମାନଙ୍କର ପୁସ୍ତକ ବିକ୍ରୟ ପାଇଁ ସରକାରଙ୍କ ଓଡିଆ ପକ୍ଷ -୨୦୨୬ ପାଳନ ଯୋଗେ ସୃଷ୍ଟି କରାଯାଇଥିଲା। ଏହାର ସୁଯୋଗ ନେଇଥିଲେ ବାଲିଆପାଳ ବ୍ଲକର ଶତାଧିକ ପାଠ ପାଠିକା ମାନେ ସର୍ବପ୍ରଥମ ବ୍ଲକର ବିଡିଓ ରାଧାରଞ୍ଜନ ଦାସ ଆନୁଷ୍ଠାନିକ ଭାବେ 'ମୁଁ ବହିଟିଏ କିଣିଲି' କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ପରେ ବ୍ଲକ ପରିସରରେ ବହୁ ସୃଜନ ଧର ମାନେ ଜଣେ ପରେ ଜଣେ ଆସି ଖଣ୍ଡିଏ ଦୁଇଖଣ୍ଡ ଲେଖାଁଏ ବହି କିଣିଥିଲେ। ଏହି ବିକ୍ରୟ ପାଇଁ ଆସିଥିବା ପୁସ୍ତକ ଗୁଡିକ ବିଶେଷ ଭାବରେ ବାଲିଆପାଳର ବରିଷ୍ଠ ସାହିତ୍ୟ ସାଧକ ତଥା ସ୍ରଷ୍ଟା ଡ.ଦୟାନିଧି ସାହୁ, ଡ.ଝାଡେଶ୍ୱର ପ୍ରଧାନ, ଡ.କାଳିପଦ ପଣ୍ଡା, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କବି ବ୍ରଜେନ୍ଦ୍ର ନାଥ ଗିରି, ପ୍ରଫେସର କୁଞ୍ଜକାନ୍ତ ପାତ୍ର, ଶିକ୍ଷାବିତ୍ ନାରାୟଣ ପ୍ରସାଦ ସାହୁ, ଜଗନ୍ନାଥ ପ୍ରଧାନ, ଶଚୀନ୍ଦ୍ର ନାଥ ନନ୍ଦୀ, ଡ.ବିଜୟ କୁମାର ଦେ, ସ୍ୱର୍ଗତ ତ୍ରିଲୋଚନ ଖଣ୍ଡା, ସୁରେନ୍ଦ୍ର ନାଥ ପରିଡ଼ା, ବିଜୟ କୁମାର ପାତ୍ର, ଡ.ରସ୍ମିତା ପାଣିଗ୍ରାହୀ, କବି ସରୋଜ କୁମାର ଦାସ, ସୁଜାତା ରଣା, ସହଯୋଗୀ ବିଜୟ, କବି ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀ, ନଳିନୀକାନ୍ତ ପାଢ଼ୀ, ମିନତୀ ଦେବୀ ପଣ୍ଡା ସ୍ନେହଲତା ନାୟକ, ମାହେଶ୍ୱରୀ ଗିରି, ମାର୍କଣ୍ଡ ସାହୁ ପ୍ରମୁଖ କବି ଓ ଲେଖକଙ୍କର ପୁସ୍ତକ ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିପିଏମ ଉତମ କୁମାର ସାହୁ ଏବଂ ସାଗର ପଟ୍ଟନାୟକ ସଂଯୋଜନା କରିଥିଲେ।

## ବିଦ୍ୟା ବନ୍ତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସଭିଏଁ ସ୍କୁଲ ଯିବା କାର୍ଯ୍ୟକ୍ରମ



ବୋରିଗୁମ୍ମା/ଜୟପୁର,୧୦।୪ (ସଂଚାର ବ୍ୟୁରୋ)ः ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟକୁ ଶିକ୍ଷା ସଚେତନ ରଥ ଦ୍ୱାରା ସଭିଙ୍କୁ ସଚେତନ କରାଇବା ନେଇ ଶିକ୍ଷା ରଥ ତା ୦୪.୦୪.୨୦୨୬ ରିଖ ଦିନ ଜୟପୁର କୁନ୍ଦୁରି ଗୁଡା ଠାରୁ ବାହାରି ଜୟପୁର ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟ ଅତିକ୍ରମ କରି ଆଜି କଙ୍ଗା ସାଧନ କେନ୍ଦ୍ରର ଶିବ ଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲା, ଏହାଦ୍ୱାରା ସମସ୍ତଙ୍କୁ ସଚେତନ କରାଇବା ସହିତ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ନେଇ ସମସ୍ତଙ୍କୁ ସଚେତନ କରାଯାଉଥିଲା।

ଶିବ ଗୁଡ଼ାରେ ଶିକ୍ଷା ରଥକୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିବ ଗୁଡ଼ା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଜଗଦୀଶ ମିଶ୍ରଙ୍କ ସମେତ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ର ଆୟଜନ କରିଥିଲେ, ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜେନ୍ଦ୍ର ନାରାୟଣ ପାଢି ବିଭାଗୀୟ ଅଧିକାରୀ, ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ, କେ ଗୋପାଳ, ସୋମନାଥ ଗାଦବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ତମ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଓଡ଼ିଆ ପକ୍ଷ ଅବସରରେ 'ଆସ ବହିଟିଏ କିଣିବା ଅଭିଯାନ'



ବୋରିଗୁମ୍ମା,୧୦।୪ (ସଂଚାର ବ୍ୟୁରୋ)ः ଓଡ଼ିଆ ପାଳନ ଅବସରରେ ଆସ ବହିଟିଏ କିଣିବା ଅଭିଯାନ କାର୍ଯକ୍ରମର ଆୟଜନ କରାଯାଇଥିଲା। ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୌମେନ୍ଦ୍ର କୁମାର ସ୍ୱାଇଁଙ୍କ ପୌ ରହିତ୍ୟ ଓ ଗ୍ରନ୍ଥାଗାରିକ ଜଗଦିଶ ପାଣିଗ୍ରାହୀ ଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯକ୍ରମରେ ୧୫୦୦ରୁ ଅଧିକ ଓଡ଼ିଆ କବିତା, ନାଟକ, ପ୍ରବନ୍ଧ, ପୁରାଣ, ଉପନ୍ୟାସ, ଗଳ୍ପ, ଜୀବନୀ ଓ ଭାରତୀୟ ସଂସ୍କୃତି ଉପରେ ଆଧାର ହୋଇଥିବା ବିଭିନ୍ନ ପୁସ୍ତକ ମାନଙ୍କର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଯୁବ ପାଠକ ମାନଙ୍କ ମଧ୍ୟରେ ପୁସ୍ତକ କ୍ରୟ କରିବାର ଆଗ୍ରହ ଦେଖି ମହାବିଦ୍ୟାଳୟର କର୍ମଚାରୀ ଓ ପରିଚାଳନା ସମିତି ର ସଦସ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ଏହି କାର୍ଯକ୍ରମରେ ରାମ ଚନ୍ଦ୍ର ପାଢି,କେ. ନାଗରାଜ ଦୋରା, ସୁବାଷ ଚନ୍ଦ୍ର ନାୟକ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ,ବୁଲୁ ପ୍ରଧାନ, ସୁରେଶ ରାଉତ,ଏନ.ରାଜେଶ କୁମାର, ଅଶୋକ ବେହେରା, ସାକିଲି ଦୋରା, ବିଶ୍ୱଜିତ ପାଣିଗ୍ରାହୀ,ବାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ କାର୍ଯକ୍ରମରେ ଯୋଗ ଦେଇ ଥିଲେ।

## ଶେଷ ହେଲା ରାମଗାଥା ଅଭିନୟ



ଡେରାବିଶ,୧୦।୪ (ସଂଚାର ବ୍ୟୁରୋ)ः ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ରଘୁନାଥଜୀୟୁ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରମ ନବମୀ ଠାରୁ ଅନୁଷ୍ଠିତ ହୋଇଆସୁଥିବା ରାମଗାଥା ଅଭିନୟ ଉତ୍ସବ ଶେଷ ହୋଇଯାଇଛି। ନବଦିନ ବ୍ୟାପୀ ଅନୁଷ୍ଠିତ ଏହି ରାମଗାଥା ଅଭିନୟରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣକୁ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିବା ବେଳେ ଏହାକୁ ଉପଭୋଗ କରିବା ପାଇଁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏହି ଅବସରରେ ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ପବିତ୍ରପଡ଼ା, ଦାନପୁର ପଞ୍ଚାୟତର କେଶରପୁର ଓ ନରସିଂହପୁର, ଯଅଁରାବାରିମୂଳ ପଞ୍ଚାୟତର ଅର୍ତାମୂଳ ଗ୍ରାମରେ ଅନୁଷ୍ଠିତ ହୋଇଆସୁଥିବା ରାମଗାଥା ଅଭିନୟ ଶେଷ ହୋଇଛି।



## ବିପଦକୁ ଆମନ୍ତ୍ରଣ କରୁଛି ମଲାଗଛ, ହଟାଇବାକୁ ଅଞ୍ଚଳବାସୀଙ୍କ ଦାବି

ଡେରାବିଶ,୧୦।୪ (ସଂଚାର ବ୍ୟୁରୋ)ः ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାରୁ ବାହାରିଥିବା ଖରିଦାସାହି-ଦାନପୁର ସେତୁ ରାସ୍ତା କଡ଼ରେ ରହିଥିବା ଦୁଇ ଦୁଇଟି ମଲା ଏବେ ବିପଦକୁ ଆମନ୍ତ୍ରଣ କରୁଛି।

ଏହି ରାସ୍ତାଟି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଥିବା ବେଳେ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଡେରାବିଶ ସମେତ ପଡ଼ୋଶୀ ଗରଦପୁର ଓ ମାର୍ଶାଘାଇ ବ୍ଲକର ହଜାର ହଜାର ଜନସାଧାରଣ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏଥିସହିତ ଦୈନିକ ହଜାର ହଜାର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ରାସ୍ତା ଦେଇ ଚଳପ୍ରଚଳ କରିଥାନ୍ତି। ଏହି ରାସ୍ତାର ଦାନପୁର ଲକ୍ ଉପରେ ଗୋଟିଏ ବଡ଼ ଚାଖୁଣ୍ଡା ଗଛ ସମ୍ପୂର୍ଣ୍ଣ ମରିଯାଇଥିବା ବେଳେ ଏଠାରୁ ପାଖାପାଖି ୩୦୦ ମିଟର ଦୂରରେ ଦାନପୁର ଗ୍ରାମ ରାସ୍ତା କଡ଼ରେ ଥିବା ଏକ ବଡ଼ ଶିମିଳିଗଛ ମଧ୍ୟ ମରିଯାଇଥିବା ଦେଖିବାକୁ ମିଳିଛି। ଏପରିକି ସାମାନ୍ୟ ପବନ ହେଲେ ଏହି ମଛ ଗଛର ଛୋଟ ବଡ଼ ଡାଳ ଭାଙ୍ଗି ରାସ୍ତା ଉପରେ ପଡୁଛି।

ଏହି ଡାଳ ପଡ଼ିବା ସମୟରେ କୌଣସି ଲୋକ ଆହାତ ହୋଇନଥିଲେ ମଧ୍ୟ ଉକ୍ତ ଦୁଇ ମଲା ଗଛରେ ରହିଥିବା ବଡ଼ ବଡ଼ ଡାଳ ଏବଂ ଗଛର ଗଣ୍ଡି କେତେବେଳେ ଭାଙ୍ଗି ପଡ଼ି କୌଣସି ଅଘଟଣ ନଘାଇବ ତାହା କହିହେବ ନାହିଁ। ତେଣୁ ତୁରନ୍ତ ବିଭାଗୀୟ କର୍ତୃପକ୍ଷ ଏହି ମଲା ଗଛ ଦୁଇଟିକୁ କାଟିବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଲୱା ଦେଖାଇବେ ରାକାରେ ଅଲ୍ଲୁ ଅର୍ଜୁନ



ଗତ ପ୍ରାୟ ଚାରି ମାସ ହେବ ବକ୍ସ ଅଫିସରେ ରାଜ୍ କରି ଚାଲିଛି ଫିଲ୍ମ ଧୁରନ୍ଧର। ପାକିସ୍ତାନ ଓ ଆତଙ୍କବାଦ ସହିତ ଦେଶଭକ୍ତି ଓ ବଳିଦାନ ଭାବନା ନେଇ ନିର୍ମିତ ଫିଲ୍ମରେ ରଣବୀର ସିଂ ବେଶ ଚର୍ଚ୍ଚାରେ ରହିଛନ୍ତିହେଲେ ପୁଷ୍ପା ପରି ଅଲ୍ଲୁ ଅର୍ଜୁନଙ୍କ ଆଟିଟ୍ୟୁଟ ସହ ବରାବର କରି ପାରି ନାହାନ୍ତି। ଅଲ୍ଲୁ ଅର୍ଜୁନ ଜଣେ ଆଇକନିକ ସୁପର ଷ୍ଟାର। ଆଜିର ସିନେମାରେ କାହାଣୀ, କଳାକାରା, କ୍ରାଇମ ସହିତ ଯେଉଁ ଗୋଟିଏ ଜିନିଷ ବହୁତ ପସନ୍ଦ କରାଯାଉଛି ତାହା ହେଉଛି କ୍ରାଫ୍ଟ। ଧୁରନ୍ଧରର କ୍ରାଫ୍ଟ ମଧ୍ୟ ଲୋକଙ୍କୁ ଚକିତ କରିବା ସହ ବେଶ ଲୋକପ୍ରିୟତା ସାଉଁଟିଛି। ହେଲେ ଏବେ ଅଲ୍ଲୁ ଅର୍ଜୁନଙ୍କ ଆଗାମୀ ଫିଲ୍ମ ରାକାର ପୋଷ୍ଟର ସଭିଙ୍କୁ ଆଚମ୍ବିତ କରିଛି ଏବଂ ବେଶ ଆକର୍ଷିତ ରହିଛି। ଅଲ୍ଲୁଙ୍କ ଏହି ଲୁକ୍ ଏବେ ଜୋରଦାର ଭାଇରାଲ୍ ହେବାରେ ଲାଗିଛି।

ଅଲ୍ଲୁ ଅର୍ଜୁନଙ୍କ ପୁଷ୍ପା ସିରିଜର ଦୁଇ ଫିଲ୍ମର କାହାଣୀ, କଳାକାର ଓ କ୍ରାଫ୍ଟ କାରଣରୁ ଚର୍ଚ୍ଚାରେ ରହିଛି। ଅଲ୍ଲୁ ଉକ୍ତ ଫିଲ୍ମରେ ଏମିତି ଅଭିନୟ କରିଥିଲେ ଯେ, ତାଙ୍କର ଚାଲିଚଳନ ଓ ଆବଭାବକୁ ଲୋକେ ଅନୁସରଣ କରିବାରେ ଲାଗିଲେ। ଯେବେ କୌଣସି କଳାକାରଙ୍କ ଆବଭାବ ସାଧାରଣ ଲୋକେ ଆପଣେଇ ନିଅନ୍ତି ତେବେ ଉକ୍ତ କଳାକାରଙ୍କୁ ଆଇକନିକ ସୁପରଷ୍ଟାର କହିବାରେ କୌଣସି ଅତ୍ୟୁକ୍ତି ହେବନି। ରନ୍ଧରରେ ରଣବୀରଙ୍କ ଅଭିନୟକୁ ସମସ୍ତେ ପ୍ରଶଂସା କରିଛନ୍ତି, ମାତ୍ର ତାଙ୍କର ଆବଭାବକୁ ପ୍ରଶଂସକ ଆପଣେଇ ନାହାନ୍ତି। ଦର୍ଶକ ଆକ୍ଟରଙ୍କ ବଦଳରେ ଫିଲ୍ମକୁ ଭଲ ପାଇବା ଦେଇଛନ୍ତି। ମାତ୍ର ଅଲ୍ଲୁ ଅର୍ଜୁନଙ୍କ ସହିତ ଏମିତି ନୁହେଁ। ଦର୍ଶକ ତାଙ୍କ ଫିଲ୍ମକୁ ଯେତିକି ଭଲ ପାଇବା ଦିଅନ୍ତି, ସେତିକି ତାଙ୍କୁ ମଧ୍ୟ ପସନ୍ଦ କରନ୍ତି।

ପୋଷ୍ଟର ଜାରି ହେବା ମାତ୍ରେ ଭାଇରାଲ୍ ପୁଷ୍ପା ୩ର ଚର୍ଚ୍ଚା ମଧ୍ୟରେ ଅଲ୍ଲୁଙ୍କ ଆଗାମୀ ଫିଲ୍ମ ରାକାର ପୋଷ୍ଟର ଜାରି ହେବା ମାତ୍ରେ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମର ନାଁ ପ୍ରଥମେ ଏଏ୨୨x ଏ୬ ରଖାଯାଇଥିଲା। ଅଲ୍ଲୁ ପୁଷ୍ପାର ପ୍ରଥମ ଭାଗରେ ଫାୟର ଥିଲେ, ଦ୍ୱିତୀୟରେ ଥିଲେ ୱାଇଲ୍ଡ ଫାୟର। ଏବେ ରାକାରେ ସେ ଭୋଲକାନୋ ମଚାଇବା ପାଇଁ ଆସୁଛନ୍ତି। କିନ୍ତୁ ପୁରୁଣା ଟାଇଟଲ୍ ଅସ୍ଥାୟୀ ଭାବେ ରଖା ଯାଇଥିଲା।

# 'କକ୍‌ଟେଲ୍-୨'ର ପ୍ରଥମ ଗୀତ ୟୁଟ୍ୟୁବରେ କଲା ଧମାକା

୨୦୧୨ର ବ୍ଲକବଷ୍ଟର ଫିଲ୍ମ 'କକଟେଲ୍'ର ସ୍ମୃତି ପୁଣି ଥରେ ଉଜ୍ଜ୍ୱଳ ହେବାକୁ ଯାଉଛି। ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଥିବା ବହୁ ପ୍ରତୀକ୍ଷିତ ସିକ୍ୱେଲର ପ୍ରଥମ ଗୀତ -ଜବ ତଲାକ୍ ଏବେ ରିଲିଜ ହୋଇଛି। ବୁଧବାର, ୮ ଏପ୍ରିଲ୍, ୨୦୨୬ ରେ, ଚଳଚ୍ଚିତ୍ର ନିର୍ମାତା ଗୀତର ପ୍ରଥମ ଲୁକ୍ ଲଞ୍ଚ କରିଛନ୍ତୁ। ଯେଉଁଥିରେ ସାହିଦ କପୁର, କୃତି ସାନନ୍ ଏବଂ ରଶ୍ମିକା ମନ୍ଦାନାଙ୍କୁ ଦେଖିବାକୁ ମିଳିଛି । ଏହି ତିନି ଜଣଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ବେଶ ପସନ୍ଦ ଆସିଛି । ଯାହା ପୂର୍ବରୁ ସୋସିଆଲ ମିଡିଆରେ ଚର୍ଚ୍ଚା ସୃଷ୍ଟି କରିସାରିଛି। 'ତୁମହି ହୋ ବନ୍ଧୁ' ଭାଇବ୍ ସେୟାର ହୋଇଥିବା ଭିଡିଓ କ୍ଲିପ୍, ୧ ମିନିଟ୍ ୫୦ ସେକେଣ୍ଡର । ଏହା ପ୍ରଶଂସକମାନଙ୍କୁ ପୁରୁଣା ଗୀତ 'କକଟେଲ୍'ର ଚାର୍ଟବଷ୍ଟର ଟ୍ରାକ୍ 'ତୁମହି ହୋ ବନ୍ଧୁ'କୁ ମନେ ପକାଇ ଦେଇଛି। ଏହାର ସମୁଦ୍ର କୂଳ, ମନୋରମ ବେଳାଭୂମିର ଲୋକେସନ ଏବଂ କଳାକାରଙ୍କ ଚିନ୍ତାମୁକ୍ତ ଆଚରଣ ସହିତ, ଏହା ଦେଖାଯାଉଛି ଯେ ଏହି ଫିଲ୍ମ ମଧ୍ୟ ବନ୍ଧୁତା ଏବଂ ପ୍ରେମର ସେହି ଆଧୁନିକ ମିଶ୍ରଣ ସହିତ କମ୍ବ୍ୟାକ କରିଛି। ଗୀତରେ ଶାହିଦ କପୁରଙ୍କ ଡ୍ୟାସିଂ ଲୁକ୍ ଏବଂ କ୍ରିତି ଏବଂ ରଶ୍ମିକାଙ୍କ ଗ୍ଲାମରସ୍ ଅନ୍ଦାଜକୁ ଦର୍ଶକମାନେ ବିଶେଷ ଭାବରେ ପସନ୍ଦ କରୁଛନ୍ତି। ସଙ୍ଗୀତିକ କିମ୍ବଦନ୍ତୀଙ୍କ ସଂଗମ ଏହି ପ୍ରଥମ ଲୁକ୍ ସେୟାର କରି ମ୍ୟାଡକ୍ ଫିଲ୍ମସ୍ ଲେଖିଛନ୍ତି, "ଏହି ଗ୍ରୀଷ୍ମ ଋତୁ ଆହୁରି ଗରମ ହେବାକୁ ଯାଉଛି! 'ଜବ୍ ତଲାକ୍' ର ପ୍ରଥମ ଲୁକ୍ ଏବେ ସାମ୍ନାକୁ ଆସିଛି।ଅରିଜିତଙ୍କ କଣ୍ଠସ୍ୱର, ପ୍ରୀତମଙ୍କ ମ୍ୟୁଜିକ ଏହି ଗୀତକୁ ବର୍ଷର ସବୁଠାରୁ ବଡ଼ "ପାର୍ଟି ଆନଥେମ"ରେ ପରିଣତ କରିଛି। ରିଲିଜ୍ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ, ଏହା ଲକ୍ଷ ଲକ୍ଷ ଭ୍ୟୁ ହାସଲ କରିଛି। ମାତ୍ର ୪ ଘଣ୍ଟାରେ ୩ ମିଲିୟନ ପାର କରିଛି ।



## ଧୁରନ୍ଧର ପରେ ଚମକିଲା ସାରା ଅର୍ଜୁନଙ୍କ ଭାଗ୍ୟ

# ସଞ୍ଜୟ ଲୀଳା ଭଂସାଲୀଙ୍କ ଫିଲ୍ମରେ ସାଜିବେ ମଧୁବାଲା



ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର-୨'ରେ ଲିଡ୍ ଭୂମିକାରେ ଅଭିନୟ କରିଥିବା ସାରା ଅର୍ଜୁନ ଏକ ବଡ଼ ପ୍ରୋଜେକ୍ଟ ପାଇଛନ୍ତି। ଜଣେ ପାକିସ୍ତାନୀ ଝିଅର ଚରିତ୍ରରେ ଅଭିନୟ କରିବା ପରେ, ସାରା ଅର୍ଜୁନ ଏବେ ବଲିଉଡର ପ୍ରଖ୍ୟାତ ଅଭିନେତ୍ରୀ ମଧୁବାଲାଙ୍କ ଭୂମିକାରେ ନଜର ଆସିବେ। ନିର୍ଦ୍ଦେଶକ ଜସମିତ କେ. ରିନ୍ ବର୍ତ୍ତମାନ ଏହି ପ୍ରୋଜେକ୍ଟରେ କାମ କରୁଛନ୍ତି। ଯାହା ସଞ୍ଜୟ ଲୀଳା ବଂଶାଲିଙ୍କ ଦ୍ୱାରା ପ୍ରଯୋଜିତ। ରିପୋର୍ଟ ଅନୁଯାୟୀ, ଜସମିତଙ୍କ ଫିଲ୍ମ ବର୍ତ୍ତମାନ ପ୍ରି-ପ୍ରଡକ୍ସନ ପର୍ଯ୍ୟାୟରେ ଅଛି। ଏହି ବର୍ଷ ଶେଷ ଆଡ଼କୁ ସୁଟିଂ ଆରମ୍ଭ ହେବାର ଆଶା କରାଯାଉଛି। ଏହି ସିନେମା ହିନ୍ଦୀ ସିନେମାର "ଗୋଲ୍ଡେନ ଏରା"ର କାହାଣୀ ବର୍ଣ୍ଣନା କରିବ। ଏଥିରେ ସାରା ପରଦାରେ ମଧୁବାଲାଙ୍କ ପରି ଜଣେ କିମ୍ବଦନ୍ତୀ ଅଭିନେତ୍ରୀଙ୍କୁ ଚିତ୍ରଣ କରିବାର ସୁଯୋଗ ପାଇବେ। ଯାହା ତାଙ୍କ ପାଇଁ ଏକ ବିରାଟ ସୁଯୋଗ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଉଭୟ ଉପସ୍ଥାପନ କରେ। ପ୍ରୋଜେକ୍ଟ ବିଷୟରେ କହିବାକୁ ଗଲେ, ରିପୋର୍ଟରେ ଉଦ୍ଧୃତ ସୂତ୍ର କହିଛି, "ମଧୁବାଲାଙ୍କ ଚରିତ୍ରକୁ ପ୍ରାମାଣିକତାର ସହିତ ଚିତ୍ରଣ କରିବା ପାଇଁ, ସାରା ଅର୍ଜୁନଙ୍କୁ ଫିଜିକାଲ ଟ୍ରାନ୍ସଫର୍ମେସନ କରିବାକୁ ପଡିବ। କଷ୍ଟ୍ୟୁମ ଡିଟେଲିଙ୍ଗସ ଠାରୁ ଆରମ୍ଭ କରି ଟ୍ରେନିଂ ଲୁକ୍ ଟେଷ୍ଟ ଯାଏଁ, ଫିଲ୍ମ ନିର୍ମାତା ସେହି ନିର୍ଦ୍ଦିଷ୍ଟ ଯୁଗକୁ ସଠିକ୍ ଭାବରେ ପୁନଃନିର୍ମାଣ କରିବାକୁ କୌଣସି କସରତ ଛାଡୁନାହାଁନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ, ନିର୍ମାତା ମଧୁବାଲାଙ୍କୁ ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁଛନ୍ତି। ଜସମିତ କେ. ରିନ୍ ପୂର୍ବରୁ ଆଲିଆ ଭଟ୍ଟ ଏବଂ ବିଜୟ ବର୍ମା ଅଭିନୀତ ଚଳଚ୍ଚିତ୍ର 'ଡାର୍ଲିଙ୍ଗସ୍' ନିର୍ଦ୍ଦେଶିତ କରିଥିଲେ। ସେହି ଚଳଚ୍ଚିତ୍ରଟି ବହୁଳ ଭାବରେ ପ୍ରଶଂସିତ ହୋଇଥିଲା ଏବଂ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିଥିଲା। ୬୦ ଦଶକର ସର୍ବଶ୍ରେଷ୍ଠ ଅଭିନେତ୍ରୀ ମଧୁବାଲା ସେ ସେହି ଯୁଗର ସର୍ବାଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ଥିଲେ। ୧୯୫୦ ଏବଂ ୬୦ ଦଶକରେ, ମଧୁବାଲାଙ୍କୁ ହିନ୍ଦୀ ସିନେମାର ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପ୍ରଶଂସା କରାଯାଇଥିଲା।

# ସଲ୍ଲୁ ଭାଇ, ଡ୍ୟାସିଂ ଲୁକ୍

ସୁପରଷ୍ଟାର ସଲମାନ ଖାନ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ତାଙ୍କ ସ୍ୱାଗ୍ ଅବତାର ସବୁ ସମୟରେ ଭାଇରାଲ ହେବାରେ ଲାଗିଥାଏ । ବୁଧବାର ରାତି ସଲମାନଙ୍କୁ ପ୍ରାଇଭେଟ୍ ଏୟାରପୋର୍ଟରେ ସ୍ପଟ୍ କରାଯାଇଛି । ଏହି ସମୟରେ ତାଙ୍କର ଲୁକ୍ ବହୁ ଚର୍ଚ୍ଚାରେ ରହିଛି । ସଲମାନ ଖାନଙ୍କ ଲୁକ୍ କଥା ଯଦି ଆମେ କହିବା ତେବେ ବ୍ଲାକ ସାର୍ଟ ଏବଂ ରିପ୍ଡ ଜିନ୍ସରେ ଦେଖାଯାଇଛନ୍ତି । ସେ ନିଜ ଲୁକକୁ ଚଷମାରେ କମ୍ପ୍ଲିଟ୍ କରିଛନ୍ତି । ସଲମାନ ସାର୍ଟର ଦୁଇ ବଟନ୍ ବି ଖୋଲାଥିଲା । ପୂରା ଲୁକରେ ସେ ବହୁ କ୍ଲାସି ଦେଖାଯାଉଥିଲେ । ଫ୍ୟାନ୍ସ ତାଙ୍କର ଏହି ଲୁକ୍ ଦେଖି ବହୁ ଭଲପାଇବା ଦେଉଛନ୍ତି । ସଲମାନ ଗାଡ଼ିରୁ ବାହାରି ପାପାରାଜିଙ୍କୁ ପୋଜ୍ ବି ଦେଇଥିଲେ। ପ୍ରକାଶ ଯେ, ବୁଧବାର ପ୍ରାୟ ସେଲବ୍ସେଙ୍କୁ ପ୍ରାଇଭେଟ ଏୟାରପୋର୍ଟରେ ଦେଖାଯାଇଥିଲା । ସାହାରୁଖ ଖାନଙ୍କଠାରୁ ନେଇ ରଣବୀର ସିଂହଙ୍କ ପର୍ଯ୍ୟନ୍ତ ଏୟାରପୋର୍ଟରେ ଦେଖାଯାଇଛନ୍ତି । ସମସ୍ତେ ଅନନ୍ତ ଅମ୍ବାନୀଙ୍କ ଜନ୍ମଦିନ ବ୍ୟାଶରେ ସାମିଲ ହେବା ଲାଗି ଜାମନଗର ଯାଇଥିଲେ । ଏବେ ସଲମାନ ଖାନ ବି ଏୟାରପୋର୍ଟରେ ନଜର ଆସିଥିଲେ । ମାତ୍ର ଏବେ ପର୍ଯ୍ୟନ୍ତ ଏହା କନଫର୍ମ ହୋଇନାହିଁ କି ସଲମାନ ଜାମନଗର ଯାଇଛନ୍ତି କି ଆଉ କେଉଁଠି କି । କିନ୍ତୁ ସଲମାନଙ୍କ ଏହି ନୂଆ ଅବତାର ପୂରା ଭାଇରାଲ ହେବାରେ ଲାଗିଛି ।



# ୨୫ ବର୍ଷ ପରେ ପୁଣି ସ୍କ୍ରିନ ସେୟାର କରିବେ ତବୁ-ଅକ୍ଷୟ



ଅପକମିଂ ଫିଲ୍ମ 'ଭୂତ ବଙ୍ଗଲା'ର ପ୍ରଚାର ପ୍ରସାରରେ ଖୁବ୍ ବ୍ୟସ୍ତ ଅଛନ୍ତି ଅକ୍ଷୟ କୁମାର। ୧୦ ତାରିଖରେ ଏ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ। କେବଳ ଅକ୍ଷୟ ନୁହନ୍ତି, ଫିଲ୍ମର ପୂରା ଷ୍ଟାର୍କାଷ୍ଟ ଆଜିକାଲି ଏ ଫିଲ୍ମର ପ୍ରମୋସନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଏଥିରେ ଅକ୍ଷୟଙ୍କ ବିପକ୍ଷରେ ନାୟିକା ଅଛନ୍ତି ୱାମିକା ଗବ୍ବି। ତବୁ ମଧ୍ୟ ଏ ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଦୀର୍ଘ ୨୫ ବର୍ଷ ପରେ ଏ ଫିଲ୍ମରେ ପୁଣି ଥରେ ଏକାଠି କାମ କରିଛନ୍ତି ଅକ୍ଷୟ ଓ ତବୁ। ଏକତା କପୁରଙ୍କ ସହ ମିଶି ଅକ୍ଷୟ ଏ ଫିଲ୍ମର ପ୍ରଯୋଜନା କରୁଛନ୍ତି। ୨୫ ବର୍ଷ ତଳେ 'ହେରାଫେରି'ରେ ଅକ୍ଷୟ ଓ ତବୁ ଏକାଠି ନଜର ଆସିଥିଲେ। କାର୍ଯ୍ୟକ୍ରମରେ ଅକ୍ଷୟ କହିଥିଲେ, ଦୀର୍ଘ ୨୫ ବର୍ଷ ଲାଗିଗଲା ପୁଣି ଥରେ ତବୁଙ୍କ ସହ କାମ କରିବା ପାଇଁ। 'ହେରାଫେରି' ପରେ ଦୁହିଁଙ୍କୁ ଏକାଠି କାମ କରିବାର ସୁଯୋଗ ମିଳିନଥିଲା। ଏହା ଶୁଣି ତବୁ କହିଥିଲେ, ଅକ୍ଷୟ ହଠାତ୍ ମୋ ଜୀବନରୁ ଭୂତ ଭଳି ଗାଏବ୍ ହୋଇଗଲେ। ତା'ପରେ ତାଙ୍କ ସହ କାମ କରିବା ସୁଯୋଗ ମିଳିଲା ନାହିଁ। ଅକ୍ଷୟ ପୁଣି କହିଥିଲେ, କଥା ହେଉଛି ମୁଁ ମୋ କାମରେ ଓ ତବୁ ତାଙ୍କ କାମରେ ବ୍ୟସ୍ତ ରହିଲେ। ପ୍ରିୟଦର୍ଶନ ସାର୍ କେଉଁଠି ବ୍ୟସ୍ତ ରହିଲେ କେଜାଣି। ଏହି ଅବସରରେ ତବୁ କହିଥିଲେ, ଫିଲ୍ମ କରିବା ପୂର୍ବରୁ ସେ ଅକ୍ଷୟଙ୍କୁ ଜାଣିଥିଲେ। ଅକ୍ଷୟ ଓ ସେ ଗୋଟିଏ ଡାନ୍ସ କ୍ଲାସ୍ରେ ନୃତ୍ୟ ଶିଖୁଥିଲେ। ଅକ୍ଷୟ ତାଙ୍କୁ ଅନେକଥର ବାଇକରେ ବସେଇ ନେଇଯାଉଥିଲେ ଡାନ୍ସ କ୍ଲାସକୁ। ଉତ୍ସବରେ ଉପସ୍ଥିତ ନିର୍ଦ୍ଦେଶକ ପ୍ରିୟଦର୍ଶନ ହସି ହସି କହିଥିଲେ, ୨୫ ବର୍ଷ ଭିତରେ ଦୁହିଁଙ୍କ ଭିତରେ ବିଶେଷ କିଛି ପରିବର୍ତ୍ତନ ମୁଁ ଦେଖୁନାହିଁ। ତବୁଙ୍କ ସହ ମୁଁ ୮ଟି ଫିଲ୍ମ କରିଛି। ସେ ସେତେବେଳେ ହଇରାଣ କରୁଥିଲେ, ଆଜି ବି କରୁଛନ୍ତି। ହଁ, ଦୁହିଁଙ୍କ ଭିତରେ କେବଳ ଗୋଟିଏ ପରିବର୍ତ୍ତନ ହୋଇଛି ଯେ, ଦୁହିଁଙ୍କ ମୁଣ୍ଡର ସାମ୍ନା ପଟ କେଶ ଧୀରେଧୀରେ କମ୍ ହୋଇଗଲାଣି।

# ୪ଟି ଶ୍ରେଣୀଗୃହରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା

**ଗଞ୍ଜାମ,୧୦।୪(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ୧୯୭୫ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ମାତ୍ର ହେଲେ ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଯାହାକୁନେଇ ସରକାରୀ ବିଦ୍ୟାଳୟ ବଦଳରେ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଉଚିତ ମନେ କରୁଛନ୍ତି। ଏହି ବିଦ୍ୟାଳୟରେ ଦାମୋଦରପୁର ସମେତ ଗଞ୍ଜାମ, ପୁଇଁତୋଳା, ବିଛଣାପଲ୍ଲୀ, କାଇଁଚପୁର, କଲ୍ୟାଣପୁର, ଝରାପଦର, ବିରିପୁର, ଅଲ୍ୟାବାଦ, କରପଡ଼ା ଅଞ୍ଚଳରୁ ପିଲାମାନେ ବିଦ୍ୟା ଅଧ୍ୟୟନ କରୁଥିଲେ। କିନ୍ତୁ ଏହି ସ୍କୁଲର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି।

# ନରୁଆରେ ଚାଲିଛି ଗ୍ୟାସ୍ କଳାବଜାରୀ



**ତିର୍ତ୍ତୋଲ,୧୦।୪(ସଂଚାର ବ୍ୟୁରୋ)ଃ** ବ୍ଲକ ଅନ୍ତର୍ଗତ ନରୁଆ ଛକ ଠାରେ ଥିବା ଲୋକନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ବିତରଣ କରାଯାଉଥିବା ଗ୍ୟାସ୍ ସିଲିଣ୍ଡର ବେ ଧଡକ କଳାବଜାରୀ ହେଉଥିବା ସୂଚନା ମିଳିଛି। ଲୋକେ ଡି.ଏ.ସି. ନଂ ପାଇ ଗ୍ୟାସ୍ ନେବାକୁ ମାସ ମାସ ଧରି ଅପେକ୍ଷା କରି ଗ୍ରାହକ ହେଉଛନ୍ତି ହନ୍ତସନ୍ତ ତ ଆଉ କାହାର ୪୫ ଦିନ ବିତିଥିଲେ ମଧ୍ୟ ଡି.ଏ.ସି. ନଂ ଆସୁନାହିଁ। ସାରା ରାଜ୍ୟରେ ଗ୍ୟାସ୍ ସଙ୍କଟ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି କିନ୍ତୁ ବାସ୍ତବରେ ଏମିତି କିଛି ରିଟେଲର୍ ପଏଣ୍ଟ ଙ୍କ ପାଇଁ ସରକାର ଏବେ ହରଡ ଗଣାରେ ପଡ଼ିଛନ୍ତି। ଏହି ନରୁଆ ଛକରେ ଥିବା ଏକ କରିତ୍କର୍ମା ମହାଶୟ ଲୋକନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ଠାରୁ ଠିକା ଆକାର ରେ ବହୁଦିନ ହେବ ନେଇ ଥିବା ହେବ ଜଣା ପଡ଼ିଛି। ଗ୍ରାହକ ଙ୍କୁ ସଠିକ୍ ସମୟରେ ଗ୍ୟାସ୍ ନଦେଇ ଆଡୁ ସାଡୁ କଥା କହି ଧମକାଉ ଥିବା ବେଳେ ମହାଶୟ ଜଣକ ଶାଳକ ମାଧ୍ୟମରେ ପ୍ରତିଥର ଘରୁ ଗ୍ୟାସ୍ ଉଠାଇ ରାହାମା ରେ ଖୋଲା ଦର ରେ ବିକ୍ରି କରୁଥିବା ଅଭିଯୋଗ ଆସିଛି ! ସେହିପରି ଗ୍ୟାସ୍ ଷ୍ଟୋର ପଏଣ୍ଟ ନରୁଆ ଛକରେ ଥିବାବେଳେ ନିଜ ଘରେ ଡକାଇ କଳା ବଜାର କରିଥିବା ଦେଖିବାକୁ ମିଳୁଛି। ନିଜ ବାସଭବନ ରେ କିଭଳି ଭାବରେ ଗ୍ୟାସ୍ ରଖୁଛନ୍ତି ସେଇଠି ପୁଣି ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ତାହା ସରକାର ର ପରିବା ପଣିଆଁ ଉପରେ ପ୍ରଶ୍ନ ଉଠିଛି। ମହାଶୟ ଜଣକ ମନଇଚ୍ଛା ନିଜ ମୋବାଇଲ୍ ରୁ ଡି.ଏ.ସି. ପଠାଉଥିବା ବେଳେ ଗ୍ୟାସ୍ ନ ନେଇଥିବା ଲୋକଙ୍କ ର ମଧ୍ୟ ଡେଲିଭରୀ ମ୍ୟାସେଜ୍ ଆସୁଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ପରେ ମହାଶୟ ଜଣକ କାଳେ ଦୀପ୍ତି ବାବୁ ଅଛନ୍ତି ଡି.ଆର୍.ଡି.ଏ ରେ ମୋର କିଛି ତମେ କରିପାରିବନି ଯାହା କରିବା କଥା କର ବୋଲି ଧମକ ଦେଉଥିବା ଚର୍ଚ୍ଚା କୁ ଖୋରକ୍ ଯୋଗାଇଛି ! ଏଠି ପ୍ରଶ୍ନ ଉଠୁଛି ଯେ କିଏ ସେ ମହାଶୟ ଦୀପ୍ତି ବାବୁ ? ଯିଏ କଳାବଜାରୀ କରିବାକୁ ପ୍ରୋତ୍ସାହନ କରୁଛନ୍ତି ! ତୁରନ୍ତ ତାଙ୍କୁ ଖୋଜିବାକୁ ଅଞ୍ଚଳବାସୀ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାପଡ଼ିଛି।

# ନେଟୱର୍କ ପାଇଁ କଲବଲ ଗ୍ରାମବାସୀ ପାଣିରେ ପଡୁଛି ରିଚାର୍ଜ



**କନ୍ଧମାଳ,୧୦।୪(ସଂଚାର ବ୍ୟୁରୋ)ଃ** ଗବରନଳା ଗ୍ରାମରେ ଏକ ବର୍ଷ ହେଲାଣି ଜିଓ ଟାୱାର ନିର୍ମାଣ କାର୍ଯ୍ୟ ସରିଛି କିନ୍ତୁ ନେଟୱର୍କ ଆସୁନାହିଁ। ନେଟୱର୍କ ସମସ୍ୟାର ଦୂର କରିବା ନିମନ୍ତେ ପ୍ରଶାସନ କୁ ବାରମ୍ବାର ଅନୁରୋଧ କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଅନ୍ତର୍ଗତ ଗବରନଳା ଗ୍ରାମରେ। ଅଞ୍ଚଳ ବାସୀଙ୍କ ଅଭିଯୋଗ ପ୍ରକାରେ ଗ୍ରାମରେ ଗତଃ ୨୦୨୫ ମସିହାରେ ଜିଓ କମ୍ପାନୀ ପକ୍ଷରୁ ଏକ ଜିଓ ଟାୱାର ନିର୍ମାଣ କରାଯାଇଛି।ଜିଓ ଟାୱାର ନିର୍ମାଣ କାର୍ଯ୍ୟ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି କାମରେ ଆସୁନାହିଁ। ଗ୍ରାମରେ ନେଟୱର୍କ ଚାଲୁ ନଥିବାରୁ ସମସ୍ତେ ଅସୁବିଧା ଭୋଗୁଛନ୍ତି। ଗ୍ରାହକମାନେ ମୋବାଇଲ୍ ରିଚାର୍ଜ କରି ଇଣ୍ଟରନେଟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ଟାୱାର ଥାଇ ମଧ୍ୟ ଛାତ୍ରଛାତ୍ରୀ ମାନେ ଇଣ୍ଟରନେଟ ମାଧ୍ୟମରେ ପାଠ ପଢ଼ିବା ପାଇଁ ୫ କିଲୋମିଟର ଦୂର କୁ ଯିବାକୁ ପଡୁଛି ଜଙ୍ଗଲ ରାସ୍ତା ଦେଇ। ଗ୍ରାମରେ ମନରେଗା କାମ ଗାଁ ସାଥି ଲୋକଙ୍କୁ କରାଉଛନ୍ତି କିନ୍ତୁ ଲାଇଭ୍ ଫୋଟ ନେଟରେ ଅପଲୋଡ଼ କରି ପାରୁ ନାହାଁନ୍ତି। ଗାଁ ଠାରୁ ୫ କିଲୋମିଟର ଦୂର ରେ ଥିବା ବାଲନ୍ଦାପଡ଼ା ଟାୱାର କୁ ଯାଇ ଫୋଟ ଅପଲୋଡ଼ କରୁଛନ୍ତି। ସ୍କୁଲ ପିଲାମାନେ ନେଟରେ ପାଠ ପଢ଼ି ପାରୁ ନାହାଁନ୍ତି।ଓ ଗାଁ ଲୋକମାନେ ମୋବାଇଲ୍ ରିଚାର୍ଜ ପ୍ଲାନ କରୁଛନ୍ତି କିନ୍ତୁ ସବୁ ବେକାର ହେଇକି ରହୁଛି।ଜିଓ ଟାୱାର ସେବା ଦେବା ପାଇଁ ଜିଓ କର୍ତ୍ତୃପକ୍ଷ, ଜିଲ୍ଲାପାଳ, ବିଧାୟକ ଓ ବ୍ଲକର ବିଡିଓ ଙ୍କୁ ଅନେକ ଥର ଗାଁ ଲୋକ ଦାବି କରି ଆସୁଛନ୍ତି କିନ୍ତୁ ଏପର୍ଯ୍ୟନ୍ତ କେହି ମଧ୍ୟ ଗୁରୁତ୍ୱ ଦେଉ ନାହାନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଜିଓ ଟାୱାର ସେବା ଯୋଗାଇ ଦେବା ପାଇଁ ନାଭିଦତ୍ୟ କହଁର, ପିର୍ଶିଙ୍ଗ୍ କହଁର, ଭାରତ କହଁର ଆଶା ଦିଦି ଝୁନୁ ସାହୁ, ରବି ସାହୁ, ତୋପୋଇ ବିନ୍ଧାଣୀ, ଜୟରାମ କହଁର, ନାମୁରୀ କହଁର ସମେତ ଅଞ୍ଚଳ ବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନ କେବେ ଦୃଷ୍ଟି ଦେଇ ଏହି ସମସ୍ୟାର ସମାଧାନ କରୁଛନ୍ତି।

# ସ୍କୁଲରେ ଆଡମିଶନ ପାଇଁ ରାତି ଅନିଦ୍ରା



**ଖଇରା,୧୦।୪(ସଂଚାର ବ୍ୟୁରୋ)ଃ** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଡା ହାଇସ୍କୁଲରେ ନବମ ଶ୍ରେଣୀରେ ଆଡମିଶନ ପାଇଁ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କୁ ରାତି ଅନିଦ୍ରା ହୋଇ ଅପେକ୍ଷା କରୁଥିବା ନେଇ ଅଭିଯୋଗ ହୋଇଛି। ଏବେ ଏପ୍ରିଲ ମାସ ୨ ତାରିଖରୁ ପ୍ରତ୍ୟେକ ହାଇସ୍କୁଲର ନବମ ଶ୍ରେଣୀରେ ଆଡମିଶନ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟତ୍ରୀଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଆଡମିଶନ ପାଇଁ ଅଭିଭାବକମାନେ ପିଲାମାନଙ୍କୁ ଧରି ସ୍କୁଲ ଆଗରେ ବସି ରହୁଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତ୍ୟେକ ଦିନ ଅତିବେଶୀରେ ୨୫ ଜଣ ପିଲାଙ୍କୁ ଆଡମିଶନ କରୁଥିବାରୁ ଆଉ ବଳକା ଛାତ୍ରୀଛାତ୍ର ଫେରିଯିବାକୁ ବାଧ୍ୟ ହେଉଛନ୍ତି। ଏହି କାରଣରୁ ଆଗ ଆଡମିଶନ ପାଇଁ ଅଭିଭାବକମାନେ ନିଜ ପିଲା ମାନଙ୍କୁ ଧରି ରାତିରୁ ଗେଟ ଖୋଲିବା ପର୍ଯ୍ୟନ୍ତ ଗେଟ ଆଗରେ ଅପେକ୍ଷା କରି ରହୁଥିବା ନେଇ ବହୁ ଅଭିଭାବକ ଅଭିଯୋଗ କରିଛନ୍ତି।

# ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ବୈଶିଙ୍ଗା,୧୦।୪(ସଂଚାର ବ୍ୟୁରୋ)ଃ** ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଚତୁର୍ଥଶ୍ରେଣୀ କର୍ମଚାରୀ ଜଗବନ୍ଧୁ ଜେନା ଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ମିଶ୍ର ଯୋଗ ଦେଇ ଜଗବନ୍ଧୁ ଜେନା ଙ୍କର ଅନୁଷ୍ଠାନ ପ୍ରତି ନିଷ୍ଠା . ଯତ୍ନବାନ ଓ କର୍ତ୍ତବ୍ୟପରାୟଣତା ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ତୁଷାରକାନ୍ତ ପାତ୍ର, ପ୍ରଭାତୀ ପ୍ରଧାନ ଓ ଜୟଶ୍ରୀ ପାଢ଼ୀ ପ୍ରମୁଖ ତାଙ୍କର ପରୋପକାରୀ ଏବଂ ଅନୁଷ୍ଠାନପ୍ରିୟତା ସମ୍ପର୍କ ରେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ପ୍ରତ୍ୟୁତ୍ତର ରେ ଶ୍ରୀ ଜେନା, ବିଦ୍ୟାଳୟ ର ତାଙ୍କ ପ୍ରତି ଥିବା ଭଲ ପାଇବା ପାଇଁ ସଭିଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସଭିଙ୍କ ପ୍ରିୟ ଜଗବନ୍ଧୁ ଭାଇଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷକ ଚନ୍ଦନ କୁମାର ଦାସ, ବିନ୍ନି ସଂଜୀବନ ବାରିକ, ରାଜନନ୍ଦିନୀ ପାତ୍ର, ସବିତା ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ଶିଶୁ-ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ



**କେସିଙ୍ଗା,୧୦।୪(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧ୍ୟକ୍ଷ ରବୀନ୍ଦ୍ର ଖଟୁଆଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ପାଳିତ ହୋଇ ଯାଇଥିଲା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜୁନ ୨୦୧୬ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃ ଅଭିଯାନ ପ୍ରତ୍ୟେକ ମାସ ଭଳି ଏପ୍ରିଲ-୨୦୨୬ ମାସର ୯ରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ବିଭିନ୍ନ ଅଞ୍ଚଳରୁ ୭୯ ଜଣ ଗର୍ଭବତୀ ମହିଳାଙ୍କୁ ଦ୍ୱିତୀୟ ଓ ତୃତୀୟ ତ୍ରୈମାସିକରେ ମାଗଣାରେ ଗୁଣାତ୍ମକ ପ୍ରସବ ପୂର୍ବ ଯାଞ୍ଚ ସୁବିଧା ଯୋଗାଇ ଦିଆଯିବା ସହ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭାବସ୍ଥା ଥିବା ମହିଳାଙ୍କର ଚିହ୍ନଟ, ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ପରିସ୍ରା ପରୀକ୍ଷା, ରକ୍ତଚାପ ମାପ, ପରାମର୍ଶ ସେବା, ପୁଷ୍ଟିକର ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଅଲଟ୍ରାସାଉଣ୍ଡ ସେବା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଇଥିଲା।

# ବିଦ୍ୟାଳୟରେ ଜନଗଣନା ସପ୍ତାହ ପାଳିତ




**ବୈଶିଙ୍ଗା,୧୦।୪(ସଂଚାର ବ୍ୟୁରୋ)ଃ** ମୟୂରଭଞ୍ଜ ଜିଲ୍ଲା ବୈସିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ଜନଗଣନା ସପ୍ତାହ' ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଭାରତର ଜନଗଣନା - ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମର ଗଣତି' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ପୁରାତନ ଶିକ୍ଷକ ଶ୍ରୀ ଅଭୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜନଗଣନା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଦେଶର ପ୍ରଗତି ଓ ଯୋଜନା ପ୍ରଣୟନର ମୂଳଦୁଆ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ତାଲିମ୍ ପ୍ରାପ୍ତ ଶିକ୍ଷକ ଶ୍ରୀ ବିଦ୍ୟାରଞ୍ଜନ ନାୟକ ଓ ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ଦେବବ୍ରତ ମହାପାତ୍ର ଜନଗଣନାର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।

# ଚାରା ରୋପଣ କାର୍ଯ୍ୟକ୍ରମ ନାମକୁ ମାତ୍ର



**ମ. ରାମପୁର,୧୦।୪(ସଂଚାର ବ୍ୟୁରୋ)ଃ** ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ନିତ୍ୟାନ୍ତ ଅପରିହାର୍ଯ୍ୟ। ଏଭଳି ଆହ୍ୱାନ ସରକାର ଠାରୁ ବେସରକାରୀ ଅନୁଷ୍ଠାନ ଦେବା ସହ ବ୍ୟାପକ ଅର୍ଥ ଖର୍ଚ୍ଚ କରିଥାନ୍ତି। ବୃକ୍ଷରୋପଣର ଆବଶ୍ୟକତାକୁ ପୂରଣ କରିବାକୁ ସରକାର ବାର୍ଷିକ ବହୁ କୋଟି ଟଙ୍କା ମନରେଗା ଯୋଜନା ମାଧ୍ୟମରେ ମଧ୍ୟ ଯୋଗାଇଦେଉଛନ୍ତି। ପରିବେଶ ସୁରକ୍ଷା ଦୃଷ୍ଟିରେ ସରକାର ବୃକ୍ଷରୋପଣ ପାଇଁ ସଚେତନତା କରିବା ସହ ନାନାଦି ପ୍ରକାରର ପୁରସ୍କାର ମଧ୍ୟ ଘୋଷଣା କରୁଛନ୍ତି। ଗୋଟିଏ ବୃକ୍ଷ ଗୋଟିଏ ଜୀବନ ସହିତ ତୁଳନା କରାଯାଉଥିବା ବେଳେ କେତେକଙ୍କ ପାଇଁ ଏହା ସଉକରେ ପରିଣତ ହୋଇଯାଇଛି। ବିଶେଷ କରି କିଛି ରାଜନୈତିକ ଦଳ ର ବ୍ୟକ୍ତି ବିଶେଷ, ସମାଜସେବୀ, ସରକାରୀ ଓ ବେସରକାରୀ ସଂଗଠନ ର କର୍ମୀ ଙ୍କ ପାଇଁ ବୃକ୍ଷରୋପଣ ଗୋଟିଏ ସଉକରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। କିଛି ରାଜନୈତିକ ଦଳର ନେତା ଜନସାଧାରଣଙ୍କୁ ନିଜ ରାଜନୈତିକ ଦଳ ପ୍ରତି ଆକର୍ଷିତ କରିବା ପାଇଁ ବୃକ୍ଷରୋପଣ କାର୍ଯ୍ୟ କରି ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରୁଛନ୍ତି। ଏହାସହ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସାପ୍ତାହିକ ବନ ମହୋତ୍ସବମଧ୍ୟ କରାଯାଉଛି କିନ୍ତୁ ବାସ୍ତବ ସ୍ଥିତି ଦେଖିବାକୁ ଗଲେ ବୃକ୍ଷ ରୋପଣର କେଇଟା ଦିନ ପରେ ସଂପୃକ୍ତ ସ୍ଥାନରେ କିଛି ବୃକ୍ଷ ଦେଖିବାକୁ ମିଳିନଥାଏ। ଏହି ଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ର ବିଭିନ୍ନ ଜାଗାରେ। ଗଛ ଲଗାଇବାର ମାତ୍ର କିଛି ମାସ ହୋଇନି ସଂପୃକ୍ତ ସ୍ଥାନରେ ଲଗାଯାଇଥିବା ଶତକଡ଼ା ୭୦ ଭାଗ ବୃକ୍ଷ ଦେଖିବାକୁ ମିଳୁନି। ଆଉ ଅଧେ ବୃକ୍ଷ ରୁ ୨୦ ପ୍ରତିଶତ ଛୋଟ ଛୋଟ ବୃକ୍ଷ ଗାଈ, ବଳଦ, ଛେଳି ଆଦି ଗୃହପାଳିତ ପଶୁଙ୍କ ପାଇଁ ଆହାର ହୋଇଛି। କିଛି ବା ୧୦ ପ୍ରତିଶତ ବୃକ୍ଷ ଅଛି ତାହା ମଧ୍ୟ ଅତ୍ୟନ୍ତ ଦୁର୍ବଳ ଶ୍ରେଣୀୟ ବୋଲି ଦେଖିବାକୁ ମିଳିଛି।

## 'କଳାକାରଙ୍କ ପାଇଁ ଦିନଟିଏ'



**ଧାମନଗର,୧୦।୪(ସଂଚାର ବ୍ୟୁରୋ)ଃ** ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଲୋକକଳା ଦିବସ ଉପଲକ୍ଷେ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ ଦିଆଯାଇଛି। ଏହି ଅବସରରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସାହ ଓ ଗରିମାର ସହ ପାଳନ କରାଯାଇଛି। ଓଡ଼ିଶାରେ ହଜିଯାଉଥିବା ସମୃଦ୍ଧ ଲୋକକଳାର ସୁରକ୍ଷା ଓ ପ୍ରଚାରକୁ ଲକ୍ଷ୍ୟ କରି ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ ଏହି ଦିବସ ପାଳନ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଆଶୋକ ପୁହାଣ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଅତିରିକ୍ତ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧାରିଣୀ ଶର୍ମିଷ୍ଠା ମଲ୍ଲିକ ଓ ବ୍ଲକର ବିଭାଗୀୟ ସହକାରୀ ଅଧିକାରୀ (ଏପିଓ) ପୀୟୁଷ ରଞ୍ଜନ ରାଉତ କାର୍ଯ୍ୟକ୍ରମ ର ଉଦେଶ୍ୟ ଜ୍ଞାପନ କରି ବିଭିନ୍ନ ପଞ୍ଚାୟତର ୧୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଭାଲିଡେସନ ଆକ୍ଟକୁ ବିରୋଧ କଲା ଅବସରପ୍ରାପ୍ତ କର୍ମଚାରୀ ସଂଘ

**ଦିଗପହଣ୍ଡି,୧୦।୪(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ. ଯୁଧିଷ୍ଠିର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଅଶେଷ ନାଥ ମିଶ୍ର ନିମନ୍ତ୍ରିତ ଅତିଥିଭାବେ ମଞ୍ଚାସିନ ଥିଲେ। ସଂଘର ବରିଷ୍ଠ ସଦସ୍ୟା ସୁଷମା ପାଠୀ ସୁଲଳିତ କଣ୍ଠରେ କେନ୍ଦ୍ର ସରକାରଙ୍କ ଘୋଷିତ ଭାଲିଡେସନ ଆକ୍ଟ ବିରୋଧରେ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ କେ.ନାଗେଶର ରାଓ ଗତ ବୈଠକରେ ଗୃହୀତ ବିବରଣୀ ପାଠ କରିବା ସହ ସଂଘର ଆୟ ବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ଗତ ୨୦୨୫ ମାର୍ଚ୍ଚ ୨୫ରେ କେନ୍ଦ୍ର ସରକାର ସଂସଦରେ ଅର୍ଥ ବିଲ ପାରିତ ସମୟରେ ତରବରିଆ ଭାବେ ଭାଲିଡେସନ ଆକ୍ଟ ପାରିତ କରାଇଥିଲେ। ଦେଶର କୋଟି କୋଟି ପେନସନଭୋଗୀଙ୍କ ପେନସନ ବ୍ୟବସ୍ଥାକୁ ସଙ୍କୁଚିତ କରାଯିବା ସହ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ପାଇଁ ଏହି ଆକ୍ଟ ପ୍ରଣୟନର ଅସଲ ଉଦ୍ଦେଶ୍ୟ ବୋଲି ସଂଘର କର୍ମକର୍ତ୍ତା ବୃନ୍ଦ କହିଥିଲେ।

● ୨ୟ ବନଦୁର୍ଗା ମହୋତ୍ସବ ତୃତୀୟ ସନ୍ଧ୍ୟା

# କ୍ଷତିଗ୍ରସ୍ତ ପରିବାରଙ୍କୁ ସମ୍ପୂର୍ଣ୍ଣ ଥଇଥାନ କରିବା ଲକ୍ଷ୍ୟ



**ବଲାଙ୍ଗିର,୧୦।୪(ସଂଚାର ବ୍ୟୁରୋ)ଃ** ଜିଲ୍ଲା ର ଲୋୟର ସୁକତେଲ ଡେମ୍ ତଳି ଅଞ୍ଚଳରେ ଥିବା ପଡ଼ିଆ ରେ ଦ୍ୱିତୀୟ ବନଦୁର୍ଗା ମହୋତ୍ସବ ର ତୃତୀୟ ସନ୍ଧ୍ୟା ରେ ହଜାର ହଜାର ଲୋକ ଯୋଗ ଦେଇ ମହୋତ୍ସବରେ ସାମିଲ ହୋଇଛନ୍ତି। ଅତୀତ ରେ ଏହି ଅଞ୍ଚଳ ର କଳା ସଂସ୍କୃତି ଉଚ୍ଚ କୋଟିର ଥିଲା ଆଜିବି ଅଞ୍ଚଳ ର ଆରାଧ୍ୟା ଦେବୀ ମା ବନଦୁର୍ଗା, ମା କନ୍ଧେନ୍ ବୁଢ଼ୀ, କୟା ଘଟିଏନ, ବୁଢ଼ା ଦେଓ, କରମ୍ ସାନୀ, ନାଗ ବାଚା, ଜଗନ୍ନାଥ, ଶିବ ଉପାସନା ପୂଜା ବିଧି ବହୁ ଦେବା ଦେବୀ ବିଶ୍ୱାସ ର ପରମ୍ପରା ରହିଛି କିନ୍ତୁ ପ୍ରକଳ୍ପ ହେବାରୁ ସବୁ ଛିନ୍ନ ଛତ୍ର ହୋଇଯାଇଛି, ଜୀବନ ଜୀବିକା ଖୁବ୍ ସରଳ ଥିଲା ଆଜି ବି ବହୁ ଲୋକ ଖୋଜୁଛନ୍ତି ସେହି ଗାଁ ମାଟିକୁ, ଚାଷୀ ଙ୍କ ଆଶା ଆକାଂକ୍ଷା କୁ ପୂରଣ କରିବ ସେତେବେଳେ ବଲାଙ୍ଗିର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ରୁ ଜଳ ସେଚନ ଆରମ୍ଭ ହେଲେ।

# ତରଭାକୁ ଉପଖଣ୍ଡ ମାନ୍ୟତା ଦାବିରେ ସ୍ମାରକପତ୍ର



**ସୁବର୍ଣ୍ଣପୁର,୧୦।୪(ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ୍ କୁ ଉପଖଣ୍ଡ ମାନ୍ୟତା ଦାବୀରେ ଆଖପାଖ ଅଞ୍ଚଳର ବାସିନ୍ଦା ମାନଙ୍କ ପକ୍ଷରୁ ତରଭା ବ୍ଲକ୍ ସାମ୍ବାଦିକ ସଂଘ ଆଜି ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛି। ଏହି ଦାବୀପତ୍ର ଜିଲ୍ଲାପାଳ ଙ୍କ ଜରିଆରେ ଓଡିଶା ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରଯାଇଥିବା ବେଳେ ଏହାର ନକଲ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ବଲାଙ୍ଗୀର ସାଂସଦ, ସୋନପୁର ବିଧାୟକ ଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ଅଛି ଯେ ତରଭାକୁ ଏକ ପୃଥକ ଉପଖଣ୍ଡରେ ପରିଣତ କରିବା ପାଇଁ ଆମର ଦୀର୍ଘ ବର୍ଷର ଦାବି ରହିଛି। ଏହି ଦାବି ଏ ଅଞ୍ଚଳର ଭୌଗଳିକ, ପ୍ରଶାସନିକ ଓ ଜନସଂଖ୍ୟା ଉପରେ ଆଧାରିତ ଯାହା ୧୯୯୨ ମସିହାରୁ ଲଗାତାର ପ୍ରସଙ୍ଗ ରହି ଆସିଛି। ସୁବର୍ଣ୍ଣପୁର ଜିଲ୍ଲାରେ ଅବସ୍ଥିତ ଏକ ମହତ୍ୱପୂର୍ଣ୍ଣ ସହର, ଯାହା ଜିଲ୍ଲାର ପଶ୍ଚିମାଞ୍ଚଳର ପ୍ରଶାସନିକ ଓ ଅର୍ଥନୈତିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ୧୯୬୭ ମସିହାରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ରେ ପରିଣତ ହୋଇଥିବା ତରଭାରେ ତିନୋଟି ରାଜସ୍ୱ ଗ୍ରାମ (ତରଭା, ଅନ୍ତର୍ଡ୍ଡା ଓ ଫଟାମୁଣ୍ଡା) ରହିଛି। ୧୨ ଟି ୱାର୍ଡରେ ବିଭକ୍ତ ଏହି ସହରର ଜନସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ। ବ୍ୟାପକ ତରଭା ତହସିଲ ଓ ବ୍ଲକର କ୍ଷେତ୍ରଫଳ ୩୩୦ ବର୍ଗ କିମି ଏବଂ ଜନସଂଖ୍ୟା ୧୨୭୦୨୬ (୨୦୧୧ ଜନ ଗଣନା ଅନୁଯାୟୀ) ରହିଛି। ତରଭା ବ୍ଲକ ଅଧୀନରେ ୨୧ ଟି ଗ୍ରାମ ପଞ୍ଚାୟତ ଯାହା ଏହି ଅଞ୍ଚଳର ବ୍ୟାପକ ଗ୍ରାମୀଣ ପ୍ରସାରଣ ଓ ପ୍ରଶାସନିକ ଭାରକୁ ଦର୍ଶାଉଛି।

## ଫୁଲବାଣୀରୁ ବେଙ୍ଗାଲୁରୁକୁ ଗଞ୍ଜେଇ ଚାଲାଣ କରୁଥିଲେ ଭାଇ-ଭଉଣୀ

**ଛତ୍ରପୁର,୧୦।୪(ସଂଚାର ବ୍ୟୁରୋ)ଃ** ବେଆଇନ ଭାବେ ଫୁଲବାଣୀରୁ ବେଙ୍ଗାଲୁରୁ ଗଞ୍ଜେଇ ଚୋରାଚାଲାଣ ବେଳେ ମାଡି ବସିଲା ଛତ୍ରପୁର ଅବକାରୀ ଭ୍ରାମ୍ୟମାଣ ଥାନା । ଗୁରୁବାର ଅପରାହ୍ନରେ ଏକ ସ୍କୁଟି ଯୋଗେ ସମ୍ପର୍କୀୟ ଭାଇ,ଭଉଣୀ ଏକ ବ୍ୟାଗରେ ହୁମ୍ମାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ କୌଣସି ପ୍ରକାରେ ସୂଚନାପାଇ ପୋଲିସ ଛତ୍ରପୁର କଲେଜ ଛକ ନିକଟରେ ଚଢାଉ କରିଥିଲା। ବ୍ୟାଗରେ ୧୨ କେଜି ଗଞ୍ଜେଇ ସହ ସ୍କୁଟି ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ୨ଜଣ ଗିରଫ ହେଲେ ବେଙ୍ଗାଲୁରୁର ଇର୍ସାରାଦ ହୁସେନ ଓ ପ୍ରିୟଙ୍କା। ଏହି ଗଞ୍ଜେଇ ସେମାନେ ଫୁଲବାଣୀରୁ ଆଣିଥିବା ଭ୍ରାମ୍ୟମାଣ ସଂସ୍ଥା ଏସଆଇ ସୂର୍ଯ୍ୟ ନାରାୟଣ ରଥ ସୂଚନା ଦେଇଛନ୍ତି ।

## ଜମି ବେଞ୍ଚ ମାର୍କ ଦର ବୃଦ୍ଧି ପ୍ରସଙ୍ଗ

# ଚାରିବର୍ଷରେ ଜମି ଦର ଚାରିଗୁଣା



**ବଲାଙ୍ଗିର,୧୦।୪(ସଂଚାର ବ୍ୟୁରୋ)ଃ** ବଲାଙ୍ଗିର ଭଳି ଏକ ଅର୍ଥନୈତିକ ଅନଗ୍ରସର ଜିଲ୍ଲାରେ ବର୍ତ୍ତମାନ ର ଜିଲ୍ଲା ପ୍ରଶାସନ ଜମି ଦର ନିୟନ୍ତ୍ରଣ କମିଟିରେ କୌଣସି ବିଧିବଦ୍ଧ ଆଲୋଚନା ନ କରି ଏକ ତରଫା ଜମିର ବେଞ୍ଚ ମାର୍କ ଭେଲ୍ୟୁ କୁ ପାଖାପାଖି ଚାରି ବର୍ଷ ରେ ଚାରି ଗୁଣ ବଢ଼େଇ ଦେଇଥିବାରୁ ସାଧାରଣ ଜନତା, ଚାଷୀ ଏବଂ ଜମି ମାଲିକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଆଇନ ଅନୁଯାୟୀ ବେଞ୍ଚ ମାକ ଭେଲ୍ୟୁ ନିର୍ଦ୍ଧାରଣ ସମୟରେ ଜିଲ୍ଲା ସ୍ତରୀୟ ଦର ନିୟନ୍ତ୍ରଣ କମିଟି ନିଶ୍ଚିତ ବସିବା କଥା, ଯଦିଓ ବିନା ବୈଠକରେ ବେଞ୍ଚ ମାର୍କ ବେଲ୍ୟୁ ବଢ଼ାଗଲା, ଏପରି କି ଜମି ଦର ନିର୍ଦ୍ଧାରଣ ସମୟରେ ଚାଷ ଜମି, ଘର ନିର୍ମାଣ ଉପଯୋଗୀ ଏବଂ ବ୍ୟବସାୟିକ ଜମି ଯାହର କି ଭିନ୍ନ ଭିନ୍ନ ବେଞ୍ଚ ମାର୍କ ଭେଲ୍ୟୁ ନିଧାରଣ ହବା କଥା ସେସବୁ କୁ ମଧ୍ୟ ନଜର ଅନ୍ଦାଜ କରି ସବୁ ଜମି ର ଦରକୁ ଅହେତୁକ ଭାବେ ଚାରି ବର୍ଷ ରେ ଚାରି ଗୁଣ ବୃଦ୍ଧି କରାଯାଇଛି। ତାହାର ଆପତ୍ତି ଅଭିଯୋଗ ପାଇଁ ୩୦ ଦିନ ର ନୋଟିସ ପିରିୟଡ ପ୍ରଦାନ କରାଯିବା ଆଇନରେ ଅଛି କିନ୍ତୁ ଜିଲ୍ଲା ପ୍ରଶାସନ ଏକତରଫା ଭାବେ କେବଳ ୧୨ ଦିନର ନୋଟିସ ପିରିଆଡ ଦେଇ ମନମାନୀ କରିଛି। ଏପରି କି ଏହି ୧୨ ଦିନର ନୋଟିସ ପିରିଆଡ ଭିତରେ ଲୋକେ ଅଭିଯୋଗ କରିଥିଲେ ହେଁ ଜିଲ୍ଲା ପ୍ରଶାସନ କୌଣସି ଆପତ୍ତି ଅଭିଯୋଗ କୁ ବିଚାର କୁ ନ ନେଇ ଲୋକଙ୍କ ଆପତ୍ତି ଅଭିଯୋଗ କୁ ସମ୍ପୂର୍ଣ୍ଣ ଅଣଦେଖା କଲା। ଏହାକୁ ନେଇ ଚାଷୀ ସାଧାରଣ ଲୋକ ତଥା ଜମି ମାଲିକମାନଙ୍କ ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲ୍ଲା ପ୍ରଶାସନ କୁ ସମସ୍ୟା ସମ୍ପର୍କରେ ଅବଗତ କରେଇବା ସହ ଏହି ଏକତରଫା ନିଷ୍ପତ୍ତି ର ପୁନଃ ବିଚାର ପାଇଁ ଅଭିଯୋଗ ଦାଖଲ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ସମସ୍ୟା ର ଗୁରୁତ୍ୱ କୁ ନିଜର କୁ ନେଇ ଏକ ସମୀକ୍ଷା ବୈଠକର ଆୟୋଜନ କରିଛନ୍ତି, ଏଥିରେ ସ୍ଥାନୀୟ ବିଦାୟକ, ଜିଲ୍ଲା ପ୍ରଶାସନ ଓ ଦର ନିୟନ୍ତ୍ରଣ କମିଟିର ସଦସ୍ୟ ଏବଂ ଅଭିଯୋଗକାରିମାନେ ଉପସ୍ଥିତ ରହି ଏହାର ସମାଧାନ ଦିଗରେ କଣ ପଦକ୍ଷେପ ନିଆଯାଇ ପାରିବ ତାର ଉପରେ ଆଲୋଚନା କରିଥିଲେ, ଆଲୋଚନା ବେଳେ ସ୍ଥାନୀୟ ବିଧାୟକ କାହିଁକି ଦର ବୃଦ୍ଧି ବେଳେ ଜିଲ୍ଲା ସ୍ତରୀୟ ଦର ନିୟନ୍ତ୍ରଣ କମିଟିର ସଦସ୍ୟମାନଙ୍କୁ କାହିଁକି ଅବଗତ କିମ୍ବା ବୈଠକ ଡକାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ବୈଠକରେ ଜିଲ୍ଲା ପ୍ରଶାସନ ତରଫରୁ କିମ୍ବା ରାଜସ୍ୱ ବିଭାଗ ତରଫରୁ ଏହି ସମୀକ୍ଷା ବୈଠକରେ କୌଣୋସି ପ୍ରକାର ସକାରତ୍ମକ ଫଳ ବାହାରି ନ ଥିବାରୁ ବିଧାୟକ ଶ୍ରୀ ସିଂଦେଓ ଦରକାର ପଡ଼ିଲେ ଏହାକୁ ବିଧାନ ସଭାରେ ଆଲୋଚନା କରିବେ ବୋଲି କହିଥିଲେ। ତା ସତ୍ୱେ ଯଦି କିଛି ଫଳ ନ ବାହାରେ ତେବେ ଏପରି ଲୋକଙ୍କୁ ବିରୋଧି ନିଷ୍ପତ୍ତି ବିରୁଦ୍ଧ ରେ ଆଇନଗତ ଲଢେଇ ଲଢାଯିବ ବୋଲି ଶ୍ରୀ ସିଂଦେଓ କହିଛନ୍ତି।

## ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



**ଖଜୁରିପଡ଼ା,୧୦।୪(ସଂଚାର ବ୍ୟୁରୋ)ଃ** ଖଜୁରିପଡ଼ା ବ୍ଲକ୍ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ପଡ଼ିଆଠାରେ ଶୁକ୍ରବାର ସାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସରପଞ୍ଚ ଦାଶରଥି ଜାନି, ପଦ୍ମିନୀ ମଲ୍ଲିକ, ଉମା ଚରଣ ମଲ୍ଲିକ, ସମିତି ସଭ୍ୟା ଦମୟନ୍ତୀ ଜାନି ଯୋଗଦେଇ ଥିଲେ। ସୁର ପ୍ରସାଦ ନାୟକ ମଞ୍ଚ ସଂଯୋଜନା କରିଥିଲେ। ଭଜନ ନୃତ୍ୟ ରଣ ପାଟୁଲି ହାଇ ସ୍କୁଲ, କାବେରୀ ଡ୍ୟାନ୍ସ ଗ୍ରୁପ, ବାଦ୍ରି ସଲୋ ଡ୍ୟାନ୍ସ ରଣ ପାଟୁଲି ସେବାଶ୍ରମ, ଡାଲଖାଇ ନୃତ୍ୟ ଦଳ ପଡାଆଦି ବାସି ନୃତ୍ୟ ଚିଟ୍ରାପଙ୍ଗା, ଲୋକକଳା ଦଳ ସେମାନଙ୍କର ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏଥିରେ ଅଭିଜ୍ଞ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଶେଷରେ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।